ଦୃଷ୍ଟି ଆଇଏଏସ୍‌ର ପ୍ରତିଷ୍ଠାତା ଡ. ବିକାଶ ଦିବ୍ୟକୀର୍ତ୍ତି ବିଶ୍ୱର ସବୁଠୁ କଠିନ ସିଭିଲ ସର୍ଭିସ ପରୀକ୍ଷାରେ ଅନେକ ଆଶାୟୀଙ୍କୁ କୃତକାର୍ଯ୍ୟ ହେବା ପାଇଁ ପ୍ରଶିକ୍ଷଣ ଦେଇଛନ୍ତି। ତେବେ ଏବକାର ନୀତିନିୟମ ସମ୍ପର୍କରେ ବୁଝିବା ତାଙ୍କ ପାଇଁ କଠିନ ହୋଇଛି। ଏକ ଭିଡିଓରେ, ନ୍ୟାୟପାଳିକାକୁ ଅପମାନ କଲା ଭଳି ଟିପଣୀ ଦେଇଥିବାରୁ ଆଜମେରର ଏକ କୋର୍ଟ ତାଙ୍କ ବିରୋଧରେ ମାନହାନି ଅଭିଯୋଗକୁ ଗମ୍ଭୀରତାର ସହ ନେଇଛନ୍ତି। ଶ୍ରେଣୀ କକ୍ଷରେ ପଢ଼ାଇବା ଭଳି ବିଚାରପତି ଓ ବାବୁମାନଙ୍କୁ ତୁଳନା କରି ସେ ଏକ ଦୀର୍ଘ ଭାଷଣ ଦେଇଥିଲେ। ସମ୍ଭବତଃ ତାଙ୍କ ସ୍ୱର କଡ଼ା ନ ଥିଲେ ମଧ୍ୟ ନ୍ୟାୟିକ ପଦକ୍ଷେପ ପାଇଁ ଏହା ବିସ୍ଫୋରକ ବୋଲି ଗ୍ରହଣ କରାଗଲା। ଅଧିକାଂଶ ଜାଣନ୍ତି, ଦୃଷ୍ଟି ଏକ ସିଭିଲ ସର୍ଭିସ ଉତ୍ପାଦନ କେନ୍ଦ୍ର । ଏହାର ପ୍ରତିଷ୍ଠାତା କେବଳ ଜଣେ ଶିକ୍ଷକ ନୁହନ୍ତି, ବରଂ ଲକ୍ଷ ଲକ୍ଷ ଆଶାୟୀଙ୍କ ପାଇଁ ସେ ହେଉଛନ୍ତି ଜଣେ ଖ୍ୟାତନାମା ଦାର୍ଶନିକ। ତାଙ୍କ ଭଳି ଅନେକ କୋଚିଂ ଗୁରୁ ବେସରକାରୀ ଅନୁଷ୍ଠାନ ଗଢୁଛନ୍ତି। ସେମାନେ ନୂତନ ଦୃଷ୍ଟିକୋଣ ସାମ୍ନାକୁ ଆଣିବା ସହ ପଦପଦବୀର ମର୍ଯ୍ୟାଦାକୁ ହୃଦୟଙ୍ଗମ କରିଥାନ୍ତି । କିନ୍ତୁ ବେଳେବେଳ ସୀମା ଟପିଯାଇଥାନ୍ତି, ଯାହା ଏହି ଘଟଣାରୁ ଜଣାପଡ଼ିଛି। ଦିବ୍ୟକୀର୍ତ୍ତିଙ୍କର ସାଂସ୍କୃତିକ ଜ୍ଞାନ ଅତି ଗଭୀର। ତାଙ୍କ ଲେଖା ଶୈଳୀ ସରକାରୀ ଚିଠିକୁ ଆଗକୁ ବଢ଼ାଇଥାଏ। ପରପିଢ଼ିର ଜିଲାପାଳଙ୍କୁ ସିଧାସଳଖ ପ୍ରଭାବିତ କରୁଥିବାବେଳେ, ନିଜେ କ'ଣ ତାହା ଅନୁଧ୍ୟାନ କରିବା ଲାଭଦାୟକ। ଅମଲାତାନ୍ତ୍ରିକ ଖାଦ୍ୟ ଚକ୍ରରେ, ଏପରି କି ଅନ୍ୟଙ୍କୁ ଖୁଆଉଥିବା ବ୍ୟକ୍ତିମାନେ ସେମାନଙ୍କ ଖାଦ୍ୟ ସମ୍ପର୍କରେ ଚିନ୍ତା କରିବା ଉଚିତ। ଅର୍ଥାତ୍ ଅନ୍ୟଙ୍କୁ ସାହାଯ୍ୟ କରିବା ସହ ନିଜ ସୁରକ୍ଷା ଦେଖିବା କଥା। ତେବେ ଶ୍ରେଣୀ କକ୍ଷରେ ଉପହାସ ଛଳରେ ଯାହା କୁହାଯାଇଛି ତାହା କୋର୍ଟରୁମ୍‌ରେ ବିପଜ୍ଜନକ ଭାବେ ପ୍ରତିଧ୍ୱନିତ ହୋଇପାରେ।

### ଏଲ୍‌ଟିସିରେ ଏକକ ପରିବାର

ଜୀବନରେ ଏମିତି କିଛି ବିଷୟ ଅଛି, ଯାହା ଭାରତୀୟ ପାରିବାରିକ ସମ୍ପର୍କଠାରୁ ମଧ୍ୟ ଜଟିଳ ଏବଂ ସେଗୁଡ଼ିକ ସହ ସମ୍ଭବତଃ ସରକାରୀ ନିୟମଗୁଡ଼ିକ ଜଡ଼ିତ ରହିବାକୁ ଚେଷ୍ଟା କରୁଛି। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ( ଡିଓପିଟି) ଏବେ ଲିଭ୍ ଟ୍ରାଭେଲ କନ୍‌ସେସନ( ଏଲ୍‌ଟିସି) ତାହାର ମାର୍ଗଦର୍ଶିକାକୁ ନବୀକରଣ କରିଛି। ଏଲ୍‌ଟିସି ପାଇଁ କାହାକୁ ପରିବାର ଭାବେ ଗଣାଯିବ, ତାହା ୪ ଜୁଲାଇରେ ଏକ ନୂଆ ଚିଠିରେ ସୂଚିତ କରିଛି ଡିଓପିଟି। ଚିଠିରେ ଗୋଟିଏରୁ ଅଧିକ ସ୍ତ୍ରୀ ରହିବେ ନାହିଁ ବୋଲି କୁହାଯାଇଛି। ତେବେ ଏଲ୍‌ଟିସି ବେନିଫିଟ୍‌ରୁ ଯେଉଁମାନେ ବାଦ ପଡ଼ିଛନ୍ତି ସେମାନେ ହେଉଛନ୍ତି ଶାଶୁ-ଶ୍ୱଶୁର, ଅଲଗା ହୋଇଥିବା ଝିଅର ନାତିନାତୁଣୀ ଏବଂ ଏପରି କି ଜେଜେମା' ଜେଜେ। ଏହି ଚିଠି ଏକ ସୀମିତ ତଥା କ୍ଷୁଦ୍ର ପାରିବାରିକ ସୀମାରେ ଆବଦ୍ଧ ହୋଇଯାଇଛି। ବାସ୍ତବରେ ଏହି ଚିଠିରେ କିଛି ନୂତନତ୍ୱ ନାହିଁ । ଏହାକୁ କେବଳ ଦୋହରାଯାଇଛି। ଏହା ମଧ୍ୟ ଅଜାଣତରେ ବ୍ୟକ୍ତିଗତ ଆଇନ, ପରିବାର ବ୍ୟବସ୍ଥାର ଜଟିଳ ଜାଲ ମଧ୍ୟକୁ ପ୍ରବେଶ କରିବାକୁ ସୁଯୋଗ ସୃଷ୍ଟି କରିଛି। କେତେକ ଧର୍ମୀୟ ଆଇନ ଭାରତରେ ବହୁ ବିବାହକୁ ଅନୁମତି ଦିଏ। ଅଣୁ ବା ଏକକ ପରିବାର ଯାତ୍ରା କରନ୍ତୁ ବୋଲି ବ୍ୟବସ୍ଥା ଚାହେଁ। କଥା ଉଠୁଛି, ଏହା ଏକ ବଡ଼ ଆହ୍ୱାନ । ଆମ ନିୟମଗୁଡ଼ିକ ବହୁ ସମୟରେ ଆଧୁନିକ ସମ୍ପର୍କଗୁଡ଼ିକ ଯଥା ଲିଭ-ଇନ ପାର୍ଟନର, ସିଙ୍ଗଲ ପ୍ୟାରେଣ୍ଟସ (ସ୍ୱାମୀ କିମ୍ବା ସ୍ତ୍ରୀ ବିନା ଜଣେ ପିଲାମାନଙ୍କ ଯତ୍ନ ନେବା), ବ୍ଲେଣ୍ଡେଡ ଫ୍ୟାମିଲି (ପୂର୍ବ ସମ୍ପର୍କର ପିଲା ବା ପିଲାମାନଙ୍କୁ ଆଣି ଦୁଇଜଣ ଏକାଠି ରହିବା)ର ବାସ୍ତବତା ସହ ତାଳଦେଇ ଯାଇପାରି ନାହିଁ। ତେବେ ସିସିଏସ୍ (ଏଲ୍‌ଟିସି) ରୁଲ୍ସ,୧୯୮୮ର ଧାରା ୪ରେ ଏସବୁ ସ୍ପଷ୍ଟ କରାଯାଇନାହିଁ।

Email: dilipcherian@gmail.com

---

**su | do | ku**
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 4 | 1 | | | | | 5 | | |
| | 6 | 7 | | 2 | 3 | | | |
| | 3 | | | | | | 9 | |
| | | 5 | 6 | 4 | | | | 1 |
| 7 | | | | | | 6 | | |
| 1 | | | | 8 | | | | 9 |
| | | | | | | | 3 | |
| | | | | | | | 1 | |
| | 5 | 9 | 4 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 9 | 3 | 4 | 8 | 2 | 1 | 7 |
| 3 | 7 | 8 | 2 | 6 | 1 | 5 | 4 | 9 |
| 1 | 4 | 2 | 7 | 9 | 5 | 6 | 8 | 3 |
| 5 | 3 | 4 | 8 | 1 | 6 | 9 | 7 | 2 |
| 8 | 6 | 7 | 9 | 2 | 4 | 3 | 5 | 1 |
| 2 | 9 | 1 | 5 | 3 | 7 | 8 | 6 | 4 |
| 7 | 2 | 5 | 1 | 8 | 9 | 4 | 3 | 6 |
| 4 | 8 | 3 | 6 | 7 | 2 | 1 | 9 | 5 |
| 9 | 1 | 6 | 4 | 5 | 3 | 7 | 2 | 8 |

ଗତକାଲିର ଉତ୍ତର

---

# ଜଳବାୟୁ ପାଣ୍ଠିର ଭୂମିକା



ଡ. ଜୟକୃଷ୍ଣ ପାଣିଗ୍ରାହୀ

ସାମ୍ପ୍ରତିକ ସମୟର ପ୍ରମୁଖ ଆହ୍ୱାନକାରୀ ସମସ୍ୟା ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି ବିଶ୍ୱ ତାପମାତ୍ରା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ। ଏସବୁ ମାନବ ସ୍ୱାସ୍ଥ୍ୟ, ବିଶ୍ୱ ଅର୍ଥନୀତି ଏବଂ ପ୍ରାକୃତିକ ପରିସଂସ୍ଥା ନିମନ୍ତେ ଗମ୍ଭୀର ବିପଦର ସୂତ୍ରପାତ କରୁଛି। ଏହି ପରିବେଶୀୟ ସମସ୍ୟାର ପ୍ରଭାବରେ ସଂଘଟିତ ବିଧ୍ୱଂସକାରୀ ପ୍ରାକୃତିକ ବିପର୍ଯ୍ୟୟ ପରିବ୍ୟାପ୍ତ ହୋଇଚାଲିଛି। ଏସବୁର ମୁକାବିଲା ନିମନ୍ତେ ଜାତିସଂଘ ଆନୁକୂଲ୍ୟରେ ନିୟମିତ ବିଶ୍ୱସ୍ତରୀୟ ଜଳବାୟୁ ସମ୍ମିଳନୀମାନ ଅନୁଷ୍ଠିତ ହେଉଛି। ବିନାଶକାରୀ ପ୍ରଭାବର ପ୍ରଶମନ ନିମନ୍ତେ ସମ୍ବଳରହିତ ବିକାଶଶୀଳ ରାଷ୍ଟ୍ରମାନଙ୍କୁ ସାହାଯ୍ୟ ପ୍ରଦାନ ଲକ୍ଷ୍ୟରେ ଜାତିସଂଘ ଉଦ୍ୟମରେ ଗଠିତ ହୋଇଛି ଅନ୍ତର୍ଜାତୀୟ 'ସବୁଜ ଜଳବାୟୁ ପାଣ୍ଠି' (ଜିସିଏଫ୍)। ମିଳିତ ଜାତିସଂଘ ଜଳବାୟୁ ପରିବର୍ତ୍ତନ ଫ୍ରେମୱାର୍କ କନଭେନସନ (ୟୁଏନ୍ଏଫ୍‌ସିସି) ଦ୍ୱାରା ୨୦୧୦ରେ ପ୍ରତିଷ୍ଠିତ ହୋଇଥିବା ଏହି ପାଣ୍ଠି ହେଉଛି ବିଶ୍ୱର ସର୍ବବୃହତ ସମର୍ପିତ ପାଣ୍ଠି। ଗ୍ଲୋବାଲ ସାଉଥରେ ଜଳବାୟୁ-ସ୍ଥିର ଏବଂ ସ୍ୱଳ୍ପତର-ନିର୍ଗମନ ବିକାଶକୁ ସମର୍ଥନ କରିବା ନିମନ୍ତେ ଧନୀ ରାଷ୍ଟ୍ରଗୁଡ଼ିକରୁ ଜଳବାୟୁ ପାଣ୍ଠି ଯୋଗାଡ଼ କରିବାରେ ଜିସିଏଫ ଏକ ପ୍ରମୁଖ ଭୂମିକା ନିର୍ବାହ କରେ। ମୁଖ୍ୟ ଲକ୍ଷ୍ୟ ହେଉଛି ବିକାଶଶୀଳ ଦେଶଗୁଡ଼ିକରେ ଅଙ୍ଗାରକାମ୍ଳ ପରି ସବୁଜଗୃହ ବାଷ୍ପ ନିର୍ଗମନକୁ ସୀମିତ ବା ହ୍ରାସ କରିବାର ପ୍ରୟାସକୁ ସମର୍ଥନ ଏବଂ ଦୁର୍ବଳ ସମାଜଗୁଡ଼ିକୁ ଜଳବାୟୁ ପରିବର୍ତ୍ତନର ଅନିବାର୍ଯ୍ୟ ପ୍ରଭାବ ସହିତ ଖାପ ଖୁଆଇବାରେ ସହାୟତା ପ୍ରଦାନ କରିବା। ପ୍ରଶମନ ଏବଂ ଅନୁକୂଳନର ଏହି ଦ୍ୱୈତ ଉଦ୍ଦେଶ୍ୟ ହେଉଛି ପ୍ୟାରିସ ଜଳବାୟୁ ଚୁକ୍ତିନାମା ୨୦୧୫ର ଲକ୍ଷ୍ୟ ପୂରଣ ଦିଗରେ ବିଶ୍ୱସ୍ତରୀୟ ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ବିଶ୍ୱ ତାପମାତ୍ରା ବୃଦ୍ଧିକୁ ଦୁଇ ଡିଗ୍ରୀ ସେଲସିୟସ ତଳେ ନିୟନ୍ତ୍ରିତ କରିବାର ପ୍ରଚେଷ୍ଟାକୁ ଗୁରୁତ୍ୱ ପ୍ରଦାନ ସହ ଏହି ବୃଦ୍ଧିକୁ ଦେଢ଼ ଡିଗ୍ରୀ ମଧ୍ୟରେ ସୀମିତ ରଖିବାର ପ୍ରୟାସ ଜାରି ରଖେ।

ଜଳବାୟୁ ପାଣ୍ଠି ୨୪ ଜଣ ସଦସ୍ୟଙ୍କୁ ନେଇ ଗଠିତ ଏକ ବୋର୍ଡ଼ ଦ୍ୱାରା ପରିଚାଳିତ ହୁଏ, ଯେଉଁଥିରେ ଉଭୟ ବିକଶିତ ଏବଂ ବିକାଶଶୀଳ ରାଷ୍ଟ୍ରମାନଙ୍କର ସମାନ ସଂଖ୍ୟକ ସଦସ୍ୟ ଅନ୍ତର୍ଭୁକ୍ତ । ଏହି ପାଣ୍ଠି ୟୁଏନଏଫ୍‌ସିସିର ମାର୍ଗଦର୍ଶନରେ କାର୍ଯ୍ୟ ସମ୍ପାଦନ କରେ ଏବଂ ଏହାର ମୁଖ୍ୟାଳୟ ଦକ୍ଷିଣ କୋରିଆର ସୋଙ୍ଗଡ଼ୋରେ ଅବସ୍ଥିତ। ଏହା ଫ୍ରେମୱାର୍କ କନ୍‌ଭେନସନ ବାର୍ଷିକ ସଦସ୍ୟ ସମ୍ମିଳନୀ (କପ୍) ପ୍ରତି ଉତ୍ତରଦାୟୀ ରହେ, କିନ୍ତୁ ଏହା ନିଜସ୍ୱ କାର୍ଯ୍ୟକ୍ଷମ ନୀତି ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ସହିତ ଏକ ସ୍ୱାଧୀନ ଆଇନଗତ ସଂସ୍ଥା ଭାବରେ କାର୍ଯ୍ୟ ସମ୍ପାଦନ କରେ। ବିକଶିତ ରାଷ୍ଟ୍ର ଏବଂ ଅନ୍ୟାନ୍ୟ ବଦାନ୍ୟ ଦାତାମାନଙ୍କ ଦ୍ୱାରା ପ୍ରଦତ୍ତ ପ୍ରତିଶ୍ରୁତି ମାଧ୍ୟମରେ ଏହି ପାଣ୍ଠିକୁ ଅର୍ଥ ଯୋଗାଇ ଦିଆଯାଏ। ୨୦୨୪ ସୁଦ୍ଧା, ଜିସିଏଫ ଏହାର ପ୍ରତିଷ୍ଠା ପରଠାରୁ ୨୦ ବିଲିୟନ ଡଲାରରୁ ଅଧିକ ପ୍ରତିଶ୍ରୁତି ସଂଗ୍ରହ କରିଛି। ଯୁକ୍ତରାଷ୍ଟ୍ର ଆମେରିକା, ଜର୍ମାନୀ, ବ୍ରିଟେନ, ଜାପାନ ଏବଂ ଫ୍ରାନ୍ସ ଭଳି ଧନିକ ରାଷ୍ଟ୍ର ସର୍ବାଧିକ ଅର୍ଥ ପ୍ରଦାନକାରୀମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ।



ଏହି ପାଣ୍ଠି ଜଳବାୟୁ ସ୍ଥିରତାକୁ ପ୍ରୋତ୍ସାହିତ କରୁଥିବା ଏବଂ ଅଙ୍ଗାରକ ନିର୍ଗମନ ହ୍ରାସ କରୁଥିବା ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରେ। ଏଥିରେ ନବୀକରଣୀୟ ଶକ୍ତି ଉତ୍ପାଦନ, ସହନୀୟ କୃଷି ପଦ୍ଧତି, ଉନ୍ନତ ଜଳ ପରିଚାଳନା, ପ୍ରାରମ୍ଭିକ ବିପର୍ଯ୍ୟୟ ଚେତାବନୀ ବ୍ୟବସ୍ଥା ଏବଂ ଜଳବାୟୁ-ସ୍ଥାପକ ଭିତ୍ତିଭୂମି ନିର୍ମାଣରେ ଅର୍ଥ ନିବେଶ ଅନ୍ତର୍ଭୁକ୍ତ। ଏହି ପାଣ୍ଠି ଏକ ରାଷ୍ଟ୍ରର ସ୍ୱତ୍ୱାଧିକାର ଉପରେ ଗୁରୁତ୍ୱ ପ୍ରଦାନ କରେ, ଅର୍ଥାତ ବିକାଶଶୀଳ ଦେଶଗୁଡ଼ିକ ସେମାନଙ୍କର ନିଜସ୍ୱ ଜଳବାୟୁ ପ୍ରାଥମିକତା ଏବଂ ପ୍ରସ୍ତୁତ ଯୋଜନା ଆଧାରରେ ପ୍ରକଳ୍ପଗୁଡ଼ିକର ନେତୃତ୍ୱ ନେବେ। ପାଣ୍ଠିର ଏକ ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଜଳବାୟୁ ଅନୁକୂଳନ (ଖାପ ଖୁଆଇବା) ଏବଂ ପ୍ରଶମନ ପ୍ରୟାସ ମଧ୍ୟରେ ସମାନ ଭାବରେ ପାଣ୍ଠିର ସନ୍ତୁଳିତ ବଣ୍ଟନକୁ ସୁନିଶ୍ଚିତ କରିବା। ଏହା ଏକ ଗୁରୁତ୍ୱପୂର୍ଣ୍ଣ ବାସ୍ତବତା ଯେ ବନ୍ୟା ପ୍ରତିରକ୍ଷା ପଦ୍ଧତିର ନିର୍ମାଣ କିମ୍ବା ମରୁଡ଼ି ପ୍ରତିରୋଧୀ ଫସଲର ବିକାଶ ପରି ଅନୁକୂଳନ ପ୍ରକଳ୍ପମାନ, ସୌରଶକ୍ତି ଫାର୍ମ ବା ପବନ ଟର୍ବାଇନ ପ୍ରକଳ୍ପ ପରି ପ୍ରଶମନ ପଦକ୍ଷେପ ତୁଳନାରେ କମ୍ ପାଣ୍ଠି ପାଇଥାନ୍ତି। ଅଧିକନ୍ତୁ ବ୍ୟବସ୍ଥାର ଅତି କମ୍‌ରେ ୫୦% ଅନୁକୂଳନ ପାଣ୍ଠିକୁ ସବୁଠାରୁ ଦୁର୍ବଳ ଦେଶଗୁଡ଼ିକୁ ପ୍ରଦାନ କରାଯାଏ, ଯେଉଁଥିରେ ସର୍ବନିମ୍ନ ବିକଶିତ ରାଷ୍ଟ୍ର, କ୍ଷୁଦ୍ର ଦ୍ୱୀପ ବିକାଶଶୀଳ ରାଷ୍ଟ୍ର ଏବଂ ଆଫ୍ରିକୀୟ ଦେଶମାନେ ଅନ୍ତର୍ଭୁକ୍ତ। ଏହି ଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନ ଦ୍ୱାରା ବର୍ଦ୍ଧିତ ମାତ୍ରାରେ ପ୍ରଭାବିତ ହୋଇଥାନ୍ତି, କିନ୍ତୁ ଆର୍ଥିକ ଏବଂ ବୈଷୟିକ ସମ୍ବଳର ଅଭାବ ପରିପ୍ରେକ୍ଷୀରେ ପ୍ରଭାବଶାଳୀ ଭାବରେ ଏହା ବିରୋଧରେ କାର୍ଯ୍ୟକ୍ରମ ଗ୍ରହଣରେ ପ୍ରାୟତଃ ଅସମର୍ଥ ହୁଅନ୍ତି।

ନିକଟରେ ଘାନା, ମାଳଦ୍ୱୀପ ଏବଂ ମୌରିଟାନିଆରେ ଜଳବାୟୁ ସ୍ଥିରତାକୁ ସୁଦୃଢ଼ କରିବା ନିମନ୍ତେ ସବୁଜ ଜଳବାୟୁ ପାଣ୍ଠି ୧୨୦ ନିୟୁତ ଡଲାରରୁ ଅଧିକ ଅର୍ଥ ନୂତନ ଭାବେ ଅନୁମୋଦନ କରିଛି। ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି) ପ୍ରକୃତି-ଆଧାରିତ ସମାଧାନ, ଜଳବାୟୁ-ସ୍ଥାପକ କୃଷି, ପ୍ରାରମ୍ଭିକ ଚେତାବନୀ ପ୍ରଣାଳୀ ଏବଂ ଉନ୍ନତ ଜଳ ସୁରକ୍ଷା ମାଧ୍ୟମରେ ଜଳବାୟୁ ପରିବର୍ତ୍ତନର କ୍ରମବର୍ଦ୍ଧିଷ୍ଣୁ ଗମ୍ଭୀର ପ୍ରଭାବକୁ ପୂର୍ବାନୁମାନ କରିବା ଏବଂ ଅନୁକୂଳନ କରିବାରେ ଦୁର୍ବଳ ସମ୍ପ୍ରଦାୟଗୁଡ଼ିକୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପଗୁଡ଼ିକ ବିକଶିତ କରିଛି। ଆଗ୍ରହୀ ରାଷ୍ଟ୍ରମାନେ ବହୁପକ୍ଷୀୟ ବିକାଶ ବ୍ୟାଙ୍କ, ଜାତିସଂଘର ବିବିଧ ସଂସ୍ଥା, ରାଷ୍ଟ୍ରୀୟ ମନ୍ତ୍ରଣାଳୟ ଏବଂ ସ୍ଥାନୀୟ ସଂଗଠନ ସମେତ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ସଂସ୍ଥା ମାଧ୍ୟମରେ ପାଣ୍ଠି ହାସଲ କରିପାରିବେ। ଏହି ସଂସ୍ଥାମାନଙ୍କ ମାଧ୍ୟମରେ ଦାଖଲ ହୋଇଥିବା ପ୍ରକଳ୍ପ ପ୍ରସ୍ତାବ ଜଳବାୟୁ ପାଣ୍ଠି ବୋର୍ଡ଼ ଦ୍ୱାରା ସମୀକ୍ଷା ଏବଂ ଅନୁମୋଦିତ ହୋଇଥାଏ। ପରିବେଶଗତ ଏବଂ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ସମସ୍ତ ପ୍ରକଳ୍ପକୁ କଠୋର ମୂଲ୍ୟାଙ୍କନ ପ୍ରକ୍ରିୟା ମଧ୍ୟ ଦେଇ ଯିବାକୁ ପଡ଼େ। ଏହା ସହିତ ଜଳବାୟୁ ପାଣ୍ଠି ଦେଶଗୁଡ଼ିକୁ ସେମାନଙ୍କର ସାଂଗଠନିକ କ୍ଷମତାକୁ ସୁଦୃଢ଼ କରିବା, ରଣନୈତିକ ଢାଞ୍ଚା ବିକଶିତ କରିବା ଏବଂ ଉଚ୍ଚମାନର ପ୍ରକଳ୍ପ ପ୍ରସ୍ତାବସବୁର ନିର୍ମାଣ କରିବାରେ ଆବଶ୍ୟକ ପ୍ରସ୍ତୁତି ସହାୟତା ପ୍ରଦାନ କରେ।

ଏହାର ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟାଦେଶ ସତ୍ତ୍ୱେ, ଜଳବାୟୁ ପାଣ୍ଠି ସମ୍ପ୍ରତି ଅନେକ ଆହ୍ୱାନର ସମ୍ମୁଖୀନ ହେଉଛି। ଏଥିରେ ଥିବା ପ୍ରତିବନ୍ଧକ ମଧ୍ୟରେ ପାଣ୍ଠି ବଣ୍ଟନରେ ବିଳମ୍ବ, ଜଟିଳ ଆବେଦନ ପ୍ରକ୍ରିୟା ଏବଂ ପ୍ରଶାସନିକ ଅପାରଗତା ଅନ୍ତର୍ଭୁକ୍ତ। ଏହି ପରିପ୍ରେକ୍ଷୀରେ, ବିକାଶଶୀଳ ଦେଶ ଏବଂ ନାଗରିକ ସମାଜ ସଂଗଠନମାନେ ଅଧିକ ସ୍ୱଚ୍ଛତା, ସରଳୀକୃତ ପ୍ରକ୍ରିୟା ଏବଂ ପାଣ୍ଠିର ପ୍ରତ୍ୟକ୍ଷ ଉପଲବ୍ଧତା ବୃଦ୍ଧି ନିମନ୍ତେ ଆହ୍ୱାନ ଜଣାଉଛନ୍ତି। ଅନ୍ୟପକ୍ଷରେ, କିଛି ବିକଶିତ ରାଷ୍ଟ୍ର ସେମାନଙ୍କର ଆର୍ଥିକ ପ୍ରତିଶ୍ରୁତି ପୂରଣ କରିବାରେ ମନ୍ଥରତା ପ୍ରଦର୍ଶନ କରୁଛନ୍ତି, ଯାହା ଜଳବାୟୁ ଆର୍ଥିକ ବ୍ୟବସ୍ଥାର ନିଶ୍ଚିତତା ଏବଂ ପର୍ଯ୍ୟାପ୍ତତା ବିଷୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିବିଧ ପ୍ରତିବନ୍ଧକର ସମ୍ମୁଖୀନ ହେବା ସତ୍ତ୍ୱେ, ଏକ ନ୍ୟାୟସଙ୍ଗତ, ଯଥାର୍ଥ ଏବଂ ସହନୀୟ ଜଳବାୟୁ ପରିବର୍ତ୍ତନ ସମାଧାନକୁ ସକ୍ଷମ ଓ କାର୍ଯ୍ୟକାରୀ କରିବାରେ ଏହି ପାଣ୍ଠିର ଭୂମିକା ଅପରିହାର୍ଯ୍ୟ।

**କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ: ୯୪୩୭୦୭୬୧୦୦**

---

# ଆତ୍ମବିଶ୍ୱାସ



ଡ. ନାରାୟଣ ବାରିକ୍

ନିଜ ମନକୁ ଜାଣିବା ପାଇଁ ଆତ୍ମବିଶ୍ୱାସର ଆବଶ୍ୟକତା ଅଛି। ଆତ୍ମବିଶ୍ୱାସ ମନର ସୀମାସରହଦର ବ୍ୟାପ୍ତକୁ ଦର୍ଶାଇଥାଏ। ଆଗକୁ ଯିବାର ଶକ୍ତି ଦିଏ। ମନର ଦୁର୍ବଳତା କ୍ରମଶଃ ଦୂରେଇଯାଏ। ମନ ଭିତରେ ନୂତନ ଶକ୍ତିର ସଂଚାର ହୁଏ। ଆତ୍ମବିଶ୍ୱାସ ମନେହେଉଥିବା କଥାଟି ବିଶ୍ୱାସରେ ପରିଣତ ହୁଏ। ଆଉ ସେହି ଦୃଢ଼ବିଶ୍ୱାସ ଆମକୁ ଘେରାବନ୍ଦୀ କରୁଥିବା ପରିବେଶରୁ ଉନ୍ମୁକ୍ତ କରି ଆମ ଚେତନାର ଶୀର୍ଷକୁ ଛୁଇଁଯାଏ। ଆମେ ଆମ ଈପ୍ସିତ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ସମର୍ଥ ହୋଇଥାଉ।

ନେପୋଲିଅନ୍ ଥରେ କହିଥିଲେ, ଦୁନିଆରେ ଅସାଧ୍ୟ ଏବଂ କଷ୍ଟକର ବୋଲି କିଛି ନାହିଁ। ଆମେ ବ୍ୟବହାର କରୁଥିବା 'ଅସାଧ' ଶବ୍ଦଟି କେବଳ ଅଭିଧାନରେ ମିଳିଥାଏ। ଥରେ ନିଜର ସୁନ୍ଦର, ସୁସ୍ଥ ଓ ସ୍ୱଚ୍ଛ ମନକୁ ନେଇ ଦେଖନ୍ତୁ। ଆପଣଙ୍କ ଚେଷ୍ଟା ବ୍ୟର୍ଥ ଯିବ ନାହିଁ, ସାହସ ଭାଙ୍ଗିଯିବ ନାହିଁ। ଆପଣଙ୍କର ଏ ଦୁଃସ୍ଥିତି ରହିବ ନାହିଁ। ଆପଣ ଆଦୌ ହତାଶ ହୁଅନ୍ତୁ ନାହିଁ। ଆପଣଙ୍କର ଏ ଇଚ୍ଛାଶକ୍ତିର ଦୃଢ଼ତା ଅପ୍ରକାଶ୍ୟ। ଏଥିରେ ଅନେକ ରହସ୍ୟ ରହିଛି। ଏହା ନକାରକୁ ସକାର କରିଦେବ। ଆପଣଙ୍କ ମନ ଯେପରି କହୁଛି ଆପଣ ସେଠାରେ ନିଶ୍ଚୟ ପହଞ୍ଚିବେ।

ମନେପକାନ୍ତୁ ଆମେରିକାର ସର୍ବଶ୍ରେଷ୍ଠ ଉଦ୍ଭାବକ ଥୋମାସ ଏଡିଶନ୍‌ଙ୍କ କଥା। ତାଙ୍କର ଜୀବନ ପ୍ରତି ଏକ ଅସାଧାରଣ ଧାରଣା ଥିଲା। ଯାହା ତାଙ୍କ କାର୍ଯ୍ୟ କ୍ଷମତାକୁ ବହୁଗୁଣରେ ପରିବର୍ଦ୍ଧିତ କରୁଥିଲା। ସେଥିପାଇଁ ଯେତେବେଳେ ଅନ୍ୟମାନେ ବିଦ୍ୟୁତ୍ ଆଲୋକ ବିକାଶ କରିବା ପାଇଁ ହଜାର ହଜାର ଥର ବିଫଳ ହୋଇ, ଏ କ୍ଷେତ୍ରରୁ ଦୂରେଇ ଯାଉଥିଲେ, ସେତେବେଳେ ପ୍ରତ୍ୟେକ ଅସଫଳ ପରୀକ୍ଷଣକୁ ସଫଳତାର ଗୋଟିଏ ଗୋଟିଏ ପାହାଚ ଭାବି ଏଡିଶନ୍ ଆଗେଇ ଚାଲିଥିଲେ। ଏହାଦ୍ୱାରା ସେ ସଫଳତାର ଖୁବ୍ ନିକଟତର ହେଉଥିଲେ। ସେଥିପାଇଁ ତାଙ୍କ ରେକର୍ଡ ଅନୁସାରେ ଏଡିଶନ୍ ୨୭୭୪ ଥର ବିଫଳ ହେବାପରେ ଫ୍ଲୋରେସେଣ୍ଟ ବିଦ୍ୟୁତ୍ ବଲ୍‌ବ ଉଦ୍ଭାବନ କରିବାକୁ ସଫଳ ହୋଇଥିଲେ।

ଏଡିଶନ୍ ପାରମ୍ପରିକ ବିଦ୍ୟାଳୟ ଶିକ୍ଷା ପାଇ ପାରି ନ ଥିଲେ। ଏହାର କାରଣ ଥିଲା ସେ ବିଦ୍ୟାଳୟରେ ଆବଶ୍ୟକତାଠାରୁ କମ୍ ନମ୍ବର ରଖୁଥିଲେ ଓ ଶ୍ରେଣୀରେ ଶିକ୍ଷକଙ୍କୁ ବାରମ୍ବାର ପ୍ରଶ୍ନ ପଚାରି ବ୍ୟତିବ୍ୟସ୍ତ କରିଦେଉଥିଲେ। ମାନକ ନମ୍ବରରୁ କମ୍ ନମ୍ବର ପାଇଁ ଏଡିଶନ୍‌ଙ୍କୁ ଶେଷରେ ସ୍କୁଲ୍‌ରୁ ବାହାର କରି ଦିଆଯାଇଥିଲା। ସେଥିପାଇଁ ତାଙ୍କ ମା' ତାଙ୍କୁ ପଢ଼ିବା ଓ ଲେଖିବା ଶିଖାଇଥିଲେ। ଏହାଛଡ଼ା ତାଙ୍କ ମା' ମଧ୍ୟ ତାଙ୍କୁ ଗଣିତ ଶିକ୍ଷାଦାନ କରିବା ସହ ପଢ଼ିବା ପାଇଁ ଉତ୍ସାହିତ କରୁଥିଲେ। ଏଡିଶନ୍ ଶ୍ରବଣ ବାଧିତ ଥିବାରୁ ଅନ୍ୟମାନଙ୍କ କଥାକୁ ଶୁଣି ପାରୁ ନ ଥିଲେ। ମାତ୍ର ଏହାକୁ ସେ ଈଶ୍ୱରଙ୍କ ବରଦାନ ବୋଲି ଭାବୁଥିଲେ। କାରଣ ସେ କାହା କଥାରେ ବିଭ୍ରାନ୍ତିରେ ପଡ଼ୁନାହାନ୍ତି ବୋଲି ଜାଣିଥିଲେ। ତେଣୁ ସେ ବିଭିନ୍ନ ବିଷୟ ବିଭିନ୍ନ ପୁସ୍ତକରୁ ପଢ଼ି ଜ୍ଞାନ ହାସଲ କରିବା ସହ ସବୁଥିରେ ନିଜର ଧ୍ୟାନକୁ କେନ୍ଦ୍ରୀଭୂତ କରିପାରୁଥିଲେ। କ୍ରମେ ତାଙ୍କର ପାଠପଢ଼ା ପ୍ରତି କୌତୂହଳ ବୃଦ୍ଧି ପାଇଲା ଓ ସେ ନିଜର ଆତ୍ମବିଶ୍ୱାସକୁ ସୁଦୃଢ଼ କରି ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ପ୍ରୟାସ ଜାରି ରଖିଲେ। ଏଡିଶନ୍ ପରିବାରର ଭରଣପୋଷଣ ପାଇଁ ଖୁବ୍ କମ୍ ବୟସରୁ ଜଣେ ବ୍ୟବସାୟୀ ପାଲଟି ଯାଇଥିଲେ। ମାତ୍ର ଦଶବର୍ଷ ବୟସରୁ ସେ ମିଠା ଓ ଖବରକାଗଜ ବିକୁଥିଲେ। ତାଙ୍କୁ ଷୋହଳବର୍ଷ ହେବା ବେଳକୁ ସେ ଟେଲିଗ୍ରାଫ୍ ଚଳାଇବା ଶିଖି ଲୋକମାନଙ୍କୁ ଆବଶ୍ୟକ ସେବା ଯୋଗାଇ ଦେଉଥିଲେ। ସେହିପରି ରାଇଟ୍ ଭ୍ରାତୃଦ୍ୱୟ ଲୋକହସାକୁ ବେଖାତିର କରି ଆକାଶରେ ଉଡ଼ିବାର ଯେଉଁ ଚେଷ୍ଟା ଜାରି ରଖିଥିଲେ, ତାହାର ଫଳ ସ୍ୱରୂପ ମଣିଷ ଆଜି ଆକାଶ ଓ ମହାକାଶକୁ ଗମନ କରିପାରିଛି।



ଆତ୍ମବିଶ୍ୱାସ ଥିଲେ ଜଣେ ଶାରୀରିକ ଅସାମର୍ଥ୍ୟ ବ୍ୟକ୍ତି ବି ଗିରି ଲଙ୍ଘନ କରିପାରେ। ଗୋପବନ୍ଧୁଙ୍କ ଭାଷାରେ ସାହସୀ ମଣିଷ ନିଜ ବୀରପଣିଆ ମନ ଯୋଗୁ ଆଗକୁ ଯାଏ ସିନା, ପଛକୁ ଫେରେନାହିଁ। କୌଣସି ପ୍ରତିକୂଳ ପରିସ୍ଥିତିକୁ ସେ ଭ୍ରୂକ୍ଷେପ କରି ନ ଥାଏ।

ଏହି ଆତ୍ମବିଶ୍ୱାସର ତିନୋଟି ସ୍ତର ଅଛି, ଯେପରିକି ଭାବନା ଆଧାରିତ, ବିଶ୍ୱାସ ଆଧାରିତ ଏବଂ ଜ୍ଞାନ ଆଧାରିତ। ପ୍ରତ୍ୟେକ ମଣିଷ ତା'ର ଲକ୍ଷ୍ୟ ହାସଲ କରିବାକୁ ଏହି ତିନୋଟି ସ୍ତରର ମିଶ୍ରଣରେ ଆଗକୁ ଚାଲିଥାଏ। ଏହା ଜୀବନର ସଫଳତାକୁ ସହଜ କରି ଦେଇଥାଏ। ବିଦ୍ୟାଳୟ ସ୍ତରରେ ହେଉ କିମ୍ବା ନିଜର କର୍ମ କ୍ଷେତ୍ରରେ ବା ବିପଦ ସମୟରେ କୌଣସି ସିଦ୍ଧାନ୍ତ ନେବା ସମୟରେ ହେଉ, ମନୁଷ୍ୟ ଯେତେବେଳେ ସ୍ୱେଚ୍ଛାକୃତ ଭାବରେ ପଦକ୍ଷେପ ନିଏ, ସେତେବେଳେ ସେ ସକ୍ରିୟ ଭାବେ ଜୀବନରେ ଆଗକୁ ଯାଇଥାଏ । କାରଣ ସେମାନେ ସ୍ୱନିଷ୍ପତ୍ତି ନେବାରେ ଦୃଢ଼ଚେତା ଥାଆନ୍ତି ଏବଂ ଏହି ପ୍ରକ୍ରିୟାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥାନ୍ତି। ଏହାର ମୂଳ ହେତୁ ହେଉଛି ସେମାନେ ନିଜ ଉପରେ ପୂର୍ଣ୍ଣ ବିଶ୍ୱାସ ରଖି ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସୀ ସାଜି ସାରିଥାନ୍ତି। ବାସ୍ତବରେ ସେଥିପାଇଁ କୁହାଯାଏ ଜଣେ ବ୍ୟକ୍ତି ଯଦି ନିଜ ବିଷୟରେ ଆତ୍ମବିଶ୍ୱାସୀ, ସେ ଅଧା ଯୁଦ୍ଧ ଜିତି ଯାଇଛି ବୋଲି ଜାଣିବାକୁ ହେବ।

ଭାରତର ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ୍ କଲାମ୍‌ଙ୍କର ବୈଜ୍ଞାନିକ ସଫଳତା ଓ ଲୋକପ୍ରିୟତା ତାଙ୍କୁ ଆଜି 'କ୍ଷେପଣାସ୍ତ୍ର ପୁରୁଷ' ଏବଂ 'ଜନତା ରାଷ୍ଟ୍ରପତି' ଭାବରେ ସର୍ବତ୍ର ବିଦିତ କରିପାରିଛି। କଲାମ୍ ଏକ ଦରିଦ୍ର ପରିବାରରୁ ଆସିଥିଲେ ମଧ୍ୟ ତାଙ୍କର ଦୃଢ଼ ମନୋବଳ ଓ ବଳିଷ୍ଠ ଆତ୍ମବିଶ୍ୱାସ ଯୋଗୁ ସେ ତାଙ୍କର ଶିକ୍ଷାକୁ ଜାରିରଖିଥିଲେ। ଶେଷରେ ନିଜର ନିଷ୍ଠା, ଆତ୍ମବିଶ୍ୱାସ ଓ ଗଭୀର ଅଧ୍ୟବସାୟ ବଳରେ ସେ ମାଡ୍ରାସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ଏରୋନଟିକାଲ୍ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରି ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନରେ ଯୋଗ ଦେବାକୁ ସକ୍ଷମ ହୋଇଥିଲେ।

ଯେଉଁମାନେ ଶାନ୍ତ, ସରଳ ଓ ସ୍ଥିର ହୋଇ ସଂଯମତା ରକ୍ଷା କରନ୍ତି, ସେମାନଙ୍କ ପାଇଁ ସବୁକିଛି ସହଜ ଓ ସରଳ ମନେହୁଏ। ସେମାନେ ଜୀବନରେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ନିଜର କ୍ଷମତା ଉପରେ ବିଶ୍ୱାସ କରି କାର୍ଯ୍ୟଟି ସମ୍ପାଦନ କରିବାକୁ ଯଥେଷ୍ଟ ଆତ୍ମବିଶ୍ୱାସୀ ହୋଇଥାନ୍ତି। ସେମାନଙ୍କର ସକାରାତ୍ମକ ଚିନ୍ତା ସେମାନଙ୍କଠାରେ ଓ ସେମାନଙ୍କ ମନରେ ନିରନ୍ତର ଆତ୍ମବିଶ୍ୱାସ ସୃଷ୍ଟି କରି ଚାଲିଥାଏ।

**ଓଡ଼ିଆ ଭାଷା ପ୍ରଶିକ୍ଷଣ ବିଶେଷଜ୍ଞ, ଶିକ୍ଷକ-ଶିକ୍ଷା ବିଭାଗ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ମୋ: ୯୩୪୮୯୪୮୫୪୭**

---

## ଏଇ ଭାରତରେ

ପରିବେଶ ସ୍ୱଚ୍ଛ ରଖିବା ପାଇଁ ଜୈବ ଇନ୍ଧନ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରି କେବଳ ସୌର ଶକ୍ତିରେ ରୋଷେଇ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି ରାଜସ୍ଥାନସ୍ଥିତ ବ୍ରହ୍ମାକୁମାରୀର ଶାନ୍ତିବନ କମ୍ପ୍ଲେକ୍ସ। ଏଠାରେ ବିନା ଜୈବ ଇନ୍ଧନ ଓ ଜାଳେଣି କାଠରେ ଏବଂ ବିନା ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନରେ ଦିନକୁ ପାଖାପାଖି ୫୦,୦୦୦ ମିଲ୍ ପ୍ରସ୍ତୁତ କରାଯାଉଛି। ସ୍ୱଚ୍ଛଶକ୍ତିର ଏହା ଏକ ବଡ଼ ଦୃଷ୍ଟାନ୍ତ। ଶାନ୍ତିବନ କମ୍ପ୍ଲେକ୍ସରେ ୮୪ଟି ବୃହତ୍ ରିଫ୍ଲେକ୍ଟର ଲଗାଯାଇଛି। ପ୍ରତ୍ୟେକଟି ରିଫ୍ଲେକ୍ଟରର ସର୍ଫେସ ଏରିଆ ହେଉଛି ୯.୨ ମିଟର। ସୂର୍ଯ୍ୟଙ୍କ ଗତି ଅନୁସାରେ ଏହା ମଧ୍ୟ ବିଭିନ୍ନ ଦିଗରୁ ଘୂରି ପାରୁଛି। ସୂର୍ଯ୍ୟାଲୋକ ରିଫ୍ଲେକ୍ଟରର ଫୋକାଲ କେନ୍ଦ୍ରରେ ପଡ଼ିବା ପରେ ତାପମାତ୍ରା ୮୦୦ ଡିଗ୍ରୀ ସେଣ୍ଟିଗ୍ରେଡକୁ ଛୁଇଁଥାଏ। ଏଠାରେ କୌଣସି ସୋଲାର ପ୍ୟାନେଲ ବ୍ୟବହାର ହେଉନାହିଁ। କେବଳ ସୋଲାର ତାପଜ ଶକ୍ତିରେ ରୋଷେଇ ହେଉଛି। ଏହି ସୌର ରୋଷଶାଳାରେ ଶାକାହାରୀ ପୌଷ୍ଟିକ ଖାଦ୍ୟ ରନ୍ଧାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୯ ଜୁଲାଇ ୧୯୭୬**

- ରାଜ୍ୟରେ ହସ୍ତତନ୍ତ ଶିଳ୍ପର ବିକାଶ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ୨ଟି ନୂଆ ଯୋଜନାକୁ ଅନୁମୋଦନ କରିଛନ୍ତି।
- ବ୍ରିଟେନରେ ରହୁଥିବା ଭାରତୀୟ ଶିଖମାନେ ମଟରସାଇକେଲରେ ଯିବାଆସିବା ବେଳେ ବାଧ୍ୟତାମୂଳକ ଭାବେ ହେଲ୍‌ମେଟ ପିନ୍ଧିବା ବଦଳରେ ପଗଡ଼ି ପିନ୍ଧିପାରିବେ ବୋଲି ଏକ ବିଲ୍ କମନ୍ସ ସଭାରେ ଗୃହୀତ ହୋଇଯାଇଛି।

## ଚିରନ୍ତନୀ

ଗାଇ ବିଦାୟର ଡାକ
ନୀଡ଼େ ଚଳେ ଶୁକ କାକ
ସନ୍ଧ୍ୟା ଆସେ ଗଭୀର ବିଷାଦେ,
ଦୂରଗ୍ରାମେ ଜଳେ ଦୀପ
ଦୂର ବନଗିରି ନୀପ
ମଉଳଇ କିବା ଅବସାଦେ !

-(ଆଶ୍ଳେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

---

# ପାଠକ ଶ୍ରେଷ୍ଠ ବିଚାରକ

### ତୁଳସୀ କ୍ଷେତ୍ରର ଉନ୍ନତି କେବେ

ମହାଶୟ,

ଓଡ଼ିଶାର ଦ୍ୱିତୀୟ ତୀର୍ଥ ଧାମ ହେଉଛି ତୁଳସୀ କ୍ଷେତ୍ର। କାହିଁ କେଉଁ କେତେ ଯୁଗ ଧରି ସିଦ୍ଧ ବଳଦେବଜୀଉ ବିଦ୍ୟମାନ। ରାଜ୍ୟର ଐତିହ୍ୟ, ସଂସ୍କୃତି, ଭକ୍ତଙ୍କ ଆବେଗ ଓ ମହାନ୍ ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନଲୋଭା, ଶୋଭନୀୟ ଏବଂ ମୋହିତ ବିଦ୍ୟମାନ ତୁଳସୀ କ୍ଷେତ୍ର। ସୂଚନାଯୋଗ୍ୟ ଉକ୍ତ ଭକ୍ତି ତୀର୍ଥ ଆଜି ସମ୍ପୂର୍ଣ୍ଣ ଅବହେଳିତ। ଏଭଳି ଏକ କ୍ଷେତ୍ର ତୀର୍ଥ ଧାମ ଯେଉଁଠାରେ ଭକ୍ତ, ଭକ୍ତି ଓ ଭଗବାନ ସିଦ୍ଧ ବଳଦେବଜୀ ଏକାକାର ହୋଇଯାନ୍ତି। ପ୍ରତ୍ୟେକ ସୁପ୍ରଭାତରେ କାହିଁ ଲକ୍ଷ ଲକ୍ଷ ଯୋଜନରୁ ପରିଦର୍ଶକ, ଆବାଳ ବୃଦ୍ଧବନିତା, ଭକ୍ତଗଣ, ତଥା ପରିବ୍ରାଜକଙ୍କ ଦ୍ୱାରା ପରିବେଷିଣ ହୋଇଥାଏ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ। ଏହା ସହ ବହୁଳ ମାତ୍ରାରେ ଭକ୍ତି ସଙ୍ଗୀତ, ଜଣାଣ, ଚଉପଦି, ଛାନ୍ଦ, ଓଡ଼ିଶୀ କଳାର ନୃତ୍ୟ ସହିତ ଭକ୍ତି ସଙ୍ଗୀତ ପରିବେଷଣ କରାଯାଏ। ପ୍ରତ୍ୟେକଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କ୍ରମାନ୍ୱୟରେ ଗଢ଼ି ପ୍ରଗତିରେ ଚଳଚଞ୍ଚଳ ହୁଏ। ଅତୀବ ଦୁଃଖଦ ବିଷୟ ଆଜି ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସର୍ବାଙ୍ଗ ଉନ୍ନତି ସ୍ୱପ୍ନ। ରାଜ୍ୟ ସରକାର ଏ ଦିଗରେ ବିଶେଷ ନଜର ଦେଇ ତୁଳସୀ କ୍ଷେତ୍ରର ଉନ୍ନତି କରିବା ଲାଗି ପଦକ୍ଷେପ ନିଅନ୍ତୁ।

-ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅରବିନ୍ଦ



@ ଦେବାଶିଷ



@ ବୁବୁନା



@ ଦିନେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଷ୍ଟାର୍ଟଅପକୁ ଆଗେଇନେବେ ଯୁବପିଢ଼ି

## ଷ୍ଟାର୍ଟଅପ୍ ଓଡ଼ିଶା ପକ୍ଷରୁ ଦ୍ୱି-ଦିବସୀୟ 'ପୂର୍ବୋଦୟ ଷ୍ଟାର୍ଟଅପ ସଙ୍ଗମ' କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଯାଜପୁର ଟାଉନ/ଯାଜପୁର ସଦର, ୧୮।୭ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି/ସମର ବିଜୟ ଶରଣ)

ଏମ୍ଏସ୍ଏମ୍ଇ ବିଭାଗ ସହାୟତାରେ ଶୁକ୍ରବାର ଷ୍ଟାର୍ଟଅପ୍ ଓଡ଼ିଶା ପକ୍ଷରୁ ୨ ଦିନିଆ 'ପୂର୍ବୋଦୟ ଷ୍ଟାର୍ଟଅପ୍ ସଂଗମ' କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମବାୟ ଓ ବୟନ ଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ, ଯୁବକମାନେ କିପରି ନିଯୁକ୍ତି ପଛରେ ନ ଧାଇଁ ନିଜେ ନିଯୁକ୍ତି ସୃଷ୍ଟି କରି ପାରିବେ ସେଥିପାଇଁ ସମସ୍ତ ପ୍ରକାର ପ୍ରୋତ୍ସାହନ ଦେବାକୁ ସରକାର ସ୍ଥିର କରିଛନ୍ତି। ଏହି କର୍ମଶାଳାରେ ଯୁବ ପିଢ଼ିଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଯାହାଦ୍ୱାରା ଆଜିର ଯୁବପିଢ଼ି ଷ୍ଟାର୍ଟଅପକୁ ଆଗେଇ ନେବେ।

ଶିଳ୍ପ ଓ ଦକ୍ଷତା ବିକାଶ ବିଭା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଥିଲେ, କିପରିଅଧିକମାତ୍ରାରେଷ୍ଟାର୍ଟଅପ ଓଡ଼ିଶାରେ ପ୍ରତିଷ୍ଠା ହେବ ଏହାର ଉଦ୍ଦେଶ୍ୟରେ ହିଁ ପୂର୍ବୋଦୟ ଷ୍ଟାର୍ଟଅପ୍ ସଙ୍ଗମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପ୍ରତି ବର୍ଷ ଜାନୁଆରୀ ୧୬କୁ ଜାତୀୟ ଷ୍ଟାର୍ଟଅପ୍ ଦିବସ ରୂପେ ପାଳନ କରାଯାଉଛି। ପୂର୍ବୋଦୟ ମିଶନରେ ଓଡ଼ିଶାକୁ ସର୍ବଦା ପ୍ରାଧାନ୍ୟ ଦିଆଯାଇଛି। ଏହି ପୂର୍ବୋଦୟ ଷ୍ଟାର୍ଟଅପ୍ ସଂଗମରେ ପୂର୍ବୋତ୍ତର ୫ ଜିଲା ଯଥା–ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲାକୁ ସାମିଲ କରାଯାଇଛି। ଏହି କର୍ମଶାଳାରେ ଷ୍ଟାର୍ଟଅପ୍ ଉପରେ ବିଭିନ୍ନ ତଥ୍ୟ ଆଲୋଚନା ହେବ। ଏବେ ସୁଦ୍ଧା ଓଡ଼ିଶାରେ ୨୩୦୨ ଷ୍ଟାର୍ଟଅପ୍ ଷ୍ଟାର୍ଟଅପ୍ ଓଡ଼ିଶା ଦ୍ୱାରା ପଞ୍ଜୀକୃତ ହୋଇଛନ୍ତି। ଆଗାମୀ ୫ ବର୍ଷରେ ୫୦୦୦ ଷ୍ଟାର୍ଟଅପ୍ କରିବା ପାଇଁ ସରକାରଙ୍କ ତରଫରୁ ପଦକ୍ଷେପ ନିଆଯାଇଛି।

କର୍ମଶାଳାରେ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଯୋଗଦେଇ କହିଥିଲେ, 'ପୂର୍ବୋଦୟ ଷ୍ଟାର୍ଟଅପ ସଙ୍ଗମ' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଷ୍ଟାର୍ଟଅପ ସମ୍ବନ୍ଧିତ ଆକ୍ଟିଭିଟିଜ୍ ଆଗକୁ ନେବା। ଷ୍ଟାର୍ଟଅପ ଓଡ଼ିଶା ଜିଲାସ୍ତରରେ କିପରି କାର୍ଯ୍ୟକାରୀ କରାଯାଇପାରିବ ସେ ଦିଗରେ ୫ ଟି ପୂର୍ବୋତ୍ତର ଜିଲାକୁ ନେଇ କର୍ମଶାଳା ଆୟୋଜିତ କରାଯାଇଛି। ଯେଉଁ ଉଦ୍ୟୋଗୀ ନୂଆ ଆଇଡିଆ ରଖିଛନ୍ତି କିମ୍ବା କ୍ଷୁଦ୍ର ବ୍ୟବସାୟ ତଥା ଆଇଟି କ୍ଷେତ୍ରରେ କିଛି କରିବା ପାଇଁ ଚାହୁଁଛନ୍ତି ସେମାନେ ଏହି କର୍ମଶାଳା ଦ୍ୱାରା ଉତ୍ସାହିତ ହେବେ।

କାର୍ଯ୍ୟକ୍ରମରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ ସ୍ୱାଗତ ଭାଷଣ ଦେବା ସହ ଏହା ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଏବଂ ମୟୂରଭଞ୍ଜ ଆଦି ଜିଲାର ବିଭିନ୍ନ ଷ୍ଟାର୍ଟଅପ୍ ଯୁବ ଉଦ୍ୟୋଗୀ ଓ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗୀମାନେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଷ୍ଟାର୍ଟଅପ୍ ଉଦ୍ୟୋଗ କ୍ଷେତ୍ରରେ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ, ବୈଷୟିକ ସହାୟତା ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ପରେ ଉଦ୍ୟୋଗୀମାନେ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ କରିବା ସହ ବୈଷୟିକ ଅଧିବେଶନ, ପ୍ୟାନେଲ୍ ଆଲୋଚନାରେ ଅଂଶଗ୍ରହଣ କରି ନିଜର ମତାମତ ରଖିଥିଲେ। ଏହି ଷ୍ଟାର୍ଟଅପ୍ ଓଡ଼ିଶା ପ୍ରଦର୍ଶନୀରେ ସ୍ୱୟଂସହାୟକ ଗୋଷ୍ଠୀ, ଷ୍ଟାର୍ଟଅପ୍ ୟୁନିଟ, ଏଫ୍‌ପିଓମାନଙ୍କ ଦ୍ୱାରା ପ୍ରଦର୍ଶନୀ ଷ୍ଟଲ କରାଯାଇଥିଲା। ମୁଖ୍ୟଅତିଥି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ, ବଡ଼ଚଣା ବିଧାୟକ ଅମର ନାୟକ ଓ ଶିଳ୍ପ ବିଭାଗର ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ ଓ ସ୍ୱାବଲମ୍ବୀ ଭାରତ ଅଭିଯାନର ଆଞ୍ଚଳିକ ସଂଯୋଜକ ସାରଦା ପ୍ରସାଦ ଶତପଥୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଶିଳ୍ପପତି, ଯୁବ ଉଦ୍ୟୋଗୀ, ଏସ୍ଏଚ୍‌ଜି ମହିଳା ଏବଂ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



'ପୂର୍ବୋଦୟ ଷ୍ଟାର୍ଟଅପ ସଙ୍ଗମ' କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ଏକାଧିକ ଲୁଟରେ ସମ୍ପୃକ୍ତ ୫ ଯୁବକ ଗିରଫ

ଦଶରଥପୁର,୧୮।୭(ସୁଶାନ୍ତ କୁମାର ବେହୁରିଆ)

ଯାଜପୁର ଜିଲା ମଙ୍ଗଳପୁର ଥାନା ପୋଲିସ ଏକାଧିକ ଲୁଟ୍‌ରେ ସମ୍ପୃକ୍ତ ଥିବା ୫ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଦଶରଥପୁର ବ୍ଲକ ଅଧୀନ ଗଣ୍ଡକୁଳ ଗ୍ରାମର ଆକାଶ ସେଠୀ(୨୯), ମଲ୍ଲିକାପୁର ଗ୍ରାମର ଲିପୁ ଜେନା(୨୫), ସଂଜିତ ଜେନା(୨୫), ଅହିୟାସ ପୁରୁଣାସାହି ଗ୍ରାମର ଶମ୍ଭୁନାଥ ଦାସ(୨୫) ଏବଂ ସେମାନଙ୍କଠାରୁ ଚୋରି ସାମଗ୍ରୀ କିଣିଥିବା କାଟିଆ ଛକର କବାଡ଼ି ବ୍ୟବସାୟୀ ଅସ୍କର ଅଲ୍ଲି(୫୪)। ଅଭିଯୁକ୍ତଙ୍କ ନିକଟରୁ ଏକ ଏଲଇଡି ଟିଭି ସମେତ ବିପୁଳ କଂସା ଓ ପିତଳ ସାମଗ୍ରୀ ଜବତ କରାଯାଇଛି। ଏନେଇ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯାଜପୁର ଏସଡିପିଓ ପ୍ରଶାନ୍ତ ମାଝୀ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଜୁନ୍ ୧୮ରେ ମଲ୍ଲିକାପୁର ଠାରେ ଚୋରି ହୋଇଥିବା ନେଇ ମଙ୍ଗଳପୁର ଥାନା ଏଏସଆଇ ସଂଯୁକ୍ତା ପଣ୍ଡାଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସେହିପରି ଗତ ୫ ତାରିଖରେ ମହାନ୍ତିପାଟଣା ଗ୍ରାମରେ ଚୋରି ହୋଇଥିବା ଏସଆଇ ବିଭୁତି ଭୂଷଣ ମହାପାତ୍ରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ମଲ୍ଲିକାପୁର ଗ୍ରାମର ବିଷ୍ଣୁପ୍ରିୟା ସାସମଲଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୧୫୫/୨୫ ଓ ମହାନ୍ତିପଟଣା ଗ୍ରାମର ରାଜେନ୍ଦ୍ର ମଲ୍ଲିକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୧୬୮/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆଇଆଇସି ଜଗଦିଶ କରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା।



ଗିରଫ ୫ ଅଭିଯୁକ୍ତ।

# ଦୁର୍ଘଟଣାରେ ମହିଳାଙ୍କ ଗୋଡ଼ କଟିଲା

- ପୂର୍ବରୁ ସଡ଼କ ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲା
- ବେସାହାରା ହୋଇଗଲା ପରିବାର

ଛତିଆ,୧୮।୭(ସୌମ୍ୟ ରଞ୍ଜନ ସାହୁ): ବଡ଼ଚଣା ବ୍ଲକ୍ ଅଧୀନ ୧୬ନମ୍ବର ଜାତୀୟ ରାଜପଥର ଛତିଆ କଲେଜ ସମ୍ମୁଖରେ ଶୁକ୍ରବାର ଅପରାହ୍ନରେ ଏକ ହାଇୱା ଧକ୍କାରେ ସ୍ଥାନୀୟ ଅଞ୍ଚଳର ଜଣେ ମହିଳାଙ୍କ ଗୋଡ଼ କଟିଯାଇଛି। ସେ ହେଲେ ଛତିଆ ପଞ୍ଚାୟତ ଇଚ୍ଛାନଗର ପାଟଣା ଗ୍ରାମର ସରସ୍ୱତୀ ପାଗଳ। ସରସ୍ୱତୀ କଲେଜ ଛକରେ ଏକ ଚା' ଦୋକାନ କରିଛନ୍ତି। ରାଜପଥ ଅପର ପାର୍ଶ୍ୱରୁ ସେ ପାଣି ନେଇ ଦୋକାନକୁ ଆସୁଥିଲେ। ଏହି ସମୟରେ କଟକପଟୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ହାଇୱା ଚକ ତାଙ୍କ ଗୋଡ଼ ଉପରେ ଚଢ଼ିଯିବା ସହ ତାଙ୍କୁ କିଛି ବାଟ ଘୋଷାରି ନେଇଥିଲା। ଫଳରେ ଶାରୀରରୁ ତାଙ୍କ ଗୋଡ଼ ଅଲଗା ହୋଇଯାଇଥିଲା। ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଦୁର୍ଘଟଣା ପରେ ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ଛତିଆ ବିଟ୍‌ହାଉସ ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିଥିଲା। ୨୦୨୩ ଏପ୍ରିଲ ୧୫ରେ ଉକ୍ତ ସ୍ଥାନରେ ଗାଡ଼ି ଧକ୍କାରେ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଅରୁଣ ପାଗଳଙ୍କ ମୃତ୍ୟୁ ହୋଇଥିଲା। ମହିଳାଙ୍କ ୨ ପୁଅ ଅଛନ୍ତି। ଏବେ ମହିଳାଙ୍କ ଗୋଡ଼ କଟିଯିବାରୁ ତାଙ୍କ ପରିବାର ବେସାହାରା ହୋଇ ପଡ଼ିଛନ୍ତି।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**V.N. (AUTO) COLLEGE, JAJPUR ROAD**
A WALK IN INTERVIEW will be held at 10 A.M. on 27.07.2025 for different posts, details in website :
www.vnautocollege.in.
Principal

**WANTED**
Sales Executive - 2 Nos
Qualification : 12th Pass
Computer Knowledge
MAHALAXMI MOBILE
Shop No.-59, Bharatia Tower
Ground Floor, Badambadi, Cuttack
Mobile - 7684862464

**REQUIREMENT**
MARKETING EXECUTIVE with Motor Cycle. Any Graduate in Bhubaneswar. One OFFICE ASSISTANT with Computer Knowledge BCA, PGDCA in Bhubaneswar.
Mob.: 9338205137, 9861404151

**REQUIRED**
We need for our Real Estate Company
1. RECEPTIONIST : +3 above + Comp. (Ladies)
2. TELECALLER : +2 above + Comp. (Ladies)
3. MARKETING EXECUTIVE : +2 above + Experience
4. PEON-CUM-COOK : 10th above.
Office: Sundarpada, Bhubaneswar - 02
Send your Bio-data @ 9777969014, 9861433014

**JAWAHARLAL NEHRU HIGHER SECONDARY SCHOOL, BALIANTA, KHORDHA**
E-mail: jawaharlal93384@gmail.com, Ph. No.: 7008726788
WALK-IN-INTERVIEW
Candidates having minimum 55% marks in P.G. can Walk-in-Interview for Lecturer in Odia and History (One Post for each subject) on Dt.30.07.2025, Wednesday from 10.30 A.M. onwards.
Sd./- Principal-cum-Secretary

**ଧରିତ୍ରୀ DHARITRI Oriya daily** — ଧରିତ୍ରୀ 51 Years
WANTED

| POSITION | ELIGIBILITY | LOCATION |
| --- | --- | --- |
| CTP OPERATOR | ▸ Should have experience in CTP plate processing machines operating in print media<br>▸ Familiarity with plate making equipment and software<br>▸ Should have expertise in using Altizen, Postrip Express, D Compose, Q Server<br>▸ Should have basic Computer skills & ability to learn new software techniques. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com


**ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.**
ପଞ୍ଜିକୃତ ନଂ.: ବିଏଲ/୪୪, ସ୍ଥାପିତ-୧୯୪୫, ଆର୍.ବି.ଆଇ.
ଏଲ୍ଆଇସି ନଂ.: ୟୁବିଡି. (ଓଆର୍‌ଆଇ) ୦୦୦୪ପି/୦୯-୧୦,
ସା: ବିବେକାନନ୍ଦ ମାର୍ଗ, ପୋ/ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୦୧,
ଫୋନ୍: ୦୬୭୮୨-୨୬୩୦୪୪, ଇମେଲ: contact@blscub.com, www.blscub.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.ର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍ଦ୍ୱାରା ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କୁ ସୂଚିତ କରାଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀ ଋଣଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛ" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

**ଇ-ନିଲାମର ତାରିଖ ଏବଂ ସମୟ: ୨୦.୦୮.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣକର୍ତ୍ତା / ଗ୍ୟାରେଣ୍ଟରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ / ସାଙ୍କେତିକ ଦଖଲ ତାରିଖ / ଭୌତିକ ଦଖଲ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି/ ବିଡ୍ ବୃଦ୍ଧି ପରିମାଣ / ଅମାନତ ରାଶି ଜମାର ଅନ୍ତିମ ତାରିଖ |
| --- | --- | --- | --- | --- |
| ୧. | **ଋଣଗ୍ରହୀତା: ଶ୍ରୀମତୀ ସୌଦାମିନୀ ନାୟକ,** ସ୍ୱାମୀ: ଘନଶ୍ୟାମ ନାୟକ, ସା: ମେଘଡମ୍ବରୁ, ପୋ: କୁରୁଡ଼ା, ଥାନା: ବାଲେଶ୍ୱର ସଦର, ଓଡ଼ିଶା, ପିନ୍-୭୫୬୦୫୬ / **ଗ୍ୟାରେଣ୍ଟରମାନେ: ୧) ଶ୍ରୀ ଘନଶ୍ୟାମ ନାୟକ,** ପିତା: ଶ୍ରୀ ନରେନ୍ଦ୍ର ନାୟକ, ୨) **ମୋନାଲିସା ନାୟକ,** ପିତା: ଶ୍ରୀ ଘନଶ୍ୟାମ ନାୟକ, ଉଭୟଙ୍କ ଠିକଣା- ସା: ମେଘଡମ୍ବରୁ, ପୋ: କୁରୁଡ଼ା, ଥାନା: ବାଲେଶ୍ୱର ସଦର, ଓଡ଼ିଶା, ପିନ୍-୭୫୬୦୫୬ | ଶ୍ରୀମତୀ ସୌଦାମିନୀ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମେଘଡମ୍ବରୁ, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୧୮୦/୧୨୦୪, ୟୁନିଟ୍ ନଂ. ୧୭୨, ପ୍ଲଟ୍ ନଂ.: ୧୬୬/୧୭୬୩, କ୍ଷେତ୍ର: ଏକର୦.୦୬୫ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଖାଲି ଜମି, ଦକ୍ଷିଣ: ରାସ୍ତା, ପୂର୍ବ: ଖାଲି ଜମି, ପଶ୍ଚିମ: ଆଜେବେଷ୍ଟ ଗୃହ, ବ୍ୟାଙ୍କକୁ ଜଣାଥିବା ଏନକମ୍ବ୍ରାନ୍ସେସ୍‌ର ସବିଶେଷ ତଥ୍ୟ: ନାହିଁ | ୦୭.୦୭.୨୦୨୫ ସୁଦ୍ଧା ସୁଧ ସହିତ ଟ.୧୮,୮୧,୬୪୬/- + ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ, ଦେୟ ଇତ୍ୟାଦି / ଡିମାଣ୍ଡ ନୋଟିସ୍ ତାରିଖ: ୦୨.୦୯.୨୦୨୧ / ସାଙ୍କେତିକ ଦଖଲ ତାରିଖ: ୨୨.୦୮.୨୦୨୨ / ଭୌତିକ ଦଖଲ ତାରିଖ: ୧୯.୦୬.୨୦୨୫ | ସଂରକ୍ଷିତ ମୂଲ୍ୟ: ଟ.୨୩,୫୨,୦୦୦/- / ଅମାନତ ଜମା ରାଶି: ଟ.୨,୩୫,୨୦୦/- / ବିଡ୍ ବୃଦ୍ଧି ପରିମାଣ: ଟ.୧୦,୦୦୦/- / ଅମାନତ ରାଶି ଜମାର ଅନ୍ତିମ ତାରିଖ ୧୯.୦୮.୨୦୨୫ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ କିମ୍ବା ତା'ପୂର୍ବରୁ |

ସମ୍ପତ୍ତି ତନଖି ତାରିଖ ଏବଂ ସମୟ: ୧୨.୦୮.୨୦୨୫ ରୁ ୧୩.୦୮.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ଘଟିକା

ଉପରୋକ୍ତ ସମସ୍ତ ସମ୍ପତ୍ତି ବ୍ୟାଙ୍କର ଭୌତିକ ଦଖଲରେ ଅଛି

ସଂଶୋଧିତ ସରଫେଶୀ ଆକ୍ଟ ୨୦୦୨ର ରୁଲ ୮(୬) ଏବଂ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟ ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ, ଦୟାକରି ସେବା ପ୍ରଦାନକାରୀ **M/s e-Procurement echnologies Limited-Auction Tiger** ଦ୍ୱାରା ପ୍ରଦାନ କରାଯାଇଥିବା ଲିଙ୍କ୍ **https://sarfaesi.auctiontiger.net/EPROC/viewauction/338828/3/0** ସହିତ **Auction ID: 338828** ଦେଖନ୍ତୁ। ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: **ଶ୍ରୀ ପ୍ରବୀଣ କୁମାର ଥେଭର:** ୯୭୨୨୭୭୮୮୨୮-୦୭୯-୩୫୨୬୬୫୧୫/୧୬, ବିଡ଼ର ସହାୟତା ନିମନ୍ତେ- ୯୨୬୫୫୬୨୮୨୧/୮୧୮-୦୭୯୬୮୧୩୬୮୪୨/୩୭, ଇମେଲ ଆଇଡ଼ି: **praveen.thevar@auctiontiger.net** କିମ୍ବା **soni@auctiontiger.net** ଏବଂ **support@auctiontiger.net**

ତାରିଖ: ୦୭.୦୭.୨୦୨୫, ସ୍ଥାନ: ବାଲେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.

**इंडियन बैंक Indian Bank** — इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର-୬, ସିଡ଼ିଏ,
ପୋ: ମର୍କତ ନଗର, କଟକ-୭୫୩୦୧୪
zocuttack@indianbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
(ସମ୍ପତ୍ତିଗୁଡ଼ିକ ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍)

**ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସମ୍ପତ୍ତିଗୁଡ଼ିକର ବିକ୍ରୟ**

ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକରଣ ପାଇଁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗକରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। **ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ** ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ **https://www.ebkray.in (https://baanknet.com)**

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ / ସମ୍ପତ୍ତି ଆଇଡ଼ି ନଂ. | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ / ବକେୟା ପରିମାଣ/ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
| --- | --- | --- | --- | --- |
| ୧. | **କଟକ କ୍ୟାଣ୍ଟନମେଣ୍ଟ୍ ରୋଡ୍ ଶାଖା /** ଋଣଗ୍ରହୀତା ଏବଂ ବନ୍ଧକଦାତାମାନେ: ୧) ମମତା ଦାସ, ସ୍ୱାମୀ: ୰ ଶରତ କୁମାର ଦାସ, ୨) ସୁବ୍ରତ କୁମାର ଦାସ, ପିତା: ୰ ଶରତ କୁମାର ଦାସ, ୩) ପ୍ରିୟବ୍ରତ ଦାସ, ପିତା: ୰ ଶରତ କୁମାର ଦାସ, ସମସ୍ତଙ୍କ ଠିକଣା- ସା: ସୁବେଦାର ଲେନ୍, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, କଟକ-୭୫୩୦୦୧ | ମମତା ଦାସ, ସ୍ୱାମୀ: ୰ ଶରତ କୁମାର ଦାସ, **ସୁବ୍ରତ କୁମାର ଦାସ,** ପିତା: ୰ ଶରତ କୁମାର ଦାସ, **ପ୍ରିୟବ୍ରତ ଦାସ,** ପିତା: ୰ ଶରତ କୁମାର ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୨୦-ଡ଼ି୧, ପ୍ଲଟ୍ ନଂ.: ୨୯୩/୯୩୦, କ୍ଷେତ୍ର: ଏକର୦.୦୦୬ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୩୨୧ ଡ଼ି-୧, ପ୍ଲଟ୍ ନଂ.: ୨୯୨/୯୨୯, କ୍ଷେତ୍ର: ଏକର୦.୦୦୯ଡିସିମିଲି ୧/୨ କଡ଼ି, **ସମୁଦାୟ କ୍ଷେତ୍ର: ଏକର୦.୦୧୫ଡିସିମିଲି ଏବଂ ୧/୨ କଡ଼ି,** କିସମ: ଘରବାରି, ମୌଜା: କଟକ ସହର ୟୁନିଟ୍ ନଂ. ୧୭, ମାଛୁଆବଜାର, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଡିଏସ୍‌ଆରଓ: କଟକ, ଜିଲ୍ଲା: କଟକ, ଏହାର ଚତୁର୍ପାର୍ଶ୍ୱରେ- ଉତ୍ତର: ସରୋଜ କୁମାର ଦାସ, ଦକ୍ଷିଣ: ରବିନ୍ଦ୍ର ସାହୁ, ପୂର୍ବ: ଅଲେଖ ସାହୁ, ପଶ୍ଚିମ: ରାସ୍ତା / **ସମ୍ପତ୍ତି ଆଇଡ଼ି ନଂ.: IDIB30230155641M** | ୨୩.୧୨.୨୦୨୪ / ୦୧.୦୩.୨୦୨୫ / ୦୮.୦୭.୨୦୨୫ ସୁଦ୍ଧା ଟ.୧୨,୧୪,୩୫୫.୫୪ + ଆଦାୟକରଣ ତାରିଖ ପର୍ଯ୍ୟନ୍ତ ଚୁକ୍ତିଯୁକ୍ତ ହାରରେ ପରବର୍ତ୍ତି ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୨୧,୨୬,୦୦୦/- / ଟ.୨,୧୩,୦୦୦/- / ଟ.୫୦,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୨୦.୦୮.୨୦୨୫ରିଖ (ବୁଧବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା

ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୧୯.୦୮.୨୦୨୫ରିଖ, ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ)

ସମ୍ପତ୍ତିଗୁଡ଼ିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୦୧.୦୮.୨୦୨୫ରିଖ ଠାରୁ ତା.୧୬.୦୮.୨୦୨୫ରିଖ, ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ

ବିଡ଼ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ **https://www.ebkray.in (https://baanknet.com)** ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ support.ebkray@psballiance.com କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: **https://www.ebkray.in (https://baanknet.com)** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ। **https://www.ebkray.in (https://baanknet.com)** ୱେବସାଇଟ୍‌ରେ ସମ୍ପତ୍ତି ଖୋଜିବାବେଳେ ଉପରୋକ୍ତ ସମ୍ପତ୍ତି ଆଇଡ଼ି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।

Mamata Das

ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।

ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

ତାରିଖ: ୧୮.୦୭.୨୦୨୫, ସ୍ଥାନ: କଟକ

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅରବିନ୍ଦ


@ ଦେବାଶିଷ


@ ବୁବୁନା


@ ଦିନେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗର୍ଭବତୀଙ୍କ ମୃତ୍ୟୁକୁ ନେଇ ରାସ୍ତାରୋକୋ, ଭଙ୍ଗାରୁଜା

## ନର୍ସିଂହୋମ୍‌ରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଅଭିଯୋଗ

- ଡାକ୍ତର ଓ ନର୍ସିଂହୋମ୍ ମାଲିକଙ୍କୁ ଗିରଫ ଦାବି
- ସିଡିଏମ୍‌ଓ କହିଲେ ତଦନ୍ତ ହେବ

ଜଗତ୍‌ସିଂହପୁର, ୧୮।୭ (ପ୍ରମୋଦ କୁମାର ନାୟକ)

ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁକୁ ନେଇ ଶୁକ୍ରବାର ଜଗତ୍‌ସିଂହପୁର ଚର୍ଚ୍ଚିକା ବଜାରସ୍ଥିତ ସାଇ ଶ୍ରଦ୍ଧା ନର୍ସିଂହୋମ୍ ସମ୍ମୁଖରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉତ୍ତ୍ୟକ୍ତ ଲୋକେ ନର୍ସିଂହୋମ ଭଙ୍ଗାରୁଜା କରିବା ସହ ଜଗତ୍‌ସିଂହପୁର-ଜଇପୁର ରାସ୍ତାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଅଭିଯୁକ୍ତ ଡାକ୍ତର ଓ ନର୍ସିଂହୋମ୍ ମାଲିକଙ୍କୁ ତୁରନ୍ତ ଗିରଫ ଦାବିରେ ଏଭଳି ଅଭାବନୀୟ ଘଟଣା ଘଟିଥିଲା। ପାଖାପାଖି ୨ ଘଣ୍ଟା କାଳ ଉତ୍ତେଜନା ଲାଗି ରହିବା ପରେ ପୋଲିସ ଜରିଆରେ ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇଛି। ଶେଷରେ ମୃତଦେହ ନେଇ ସମ୍ପର୍କୀୟମାନେ ଗାଁକୁ ଯାଇଥିଲେ। ଏହି ପ୍ରସଙ୍ଗକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଏ ସମ୍ପର୍କରେ ଜଗତ୍‌ସିଂହପୁର ଥାନା ମଣ୍ଡାସାହି ତରଡ଼ା ଗ୍ରାମର ରଞ୍ଜିତ କୁମାର ସ୍ୱାଇଁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ତ୍ରୀ ସସ୍ମିତା ୩ ମାସର ଗର୍ଭବତୀ ଥିବାରୁ ସେ ୨୦୨୫ ମେ' ୫ ତାରିଖରେ ଡା. ଦୀପ୍ତିରଞ୍ଜନ ଭୂୟାଁଙ୍କ ସହ ଯୋଗାଯୋଗ କରି ପରାମର୍ଶ ନେଇଥିଲେ। ଡାକ୍ତର ଭୂୟାଁ ସ୍ଥାନୀୟ ସନ୍ ହସ୍ପିଟାଲରେ ସସ୍ମିତାଙ୍କ ଗର୍ଭପାତ କରାଇଥିଲେ। ପରେ ସନ୍ଦେହ ହେବାରୁ ରଞ୍ଜିତ ୨୦୨୫ ଜୁଲାଇ ୧୬ରେ ଆଉ ଏକ ନର୍ସିଂହୋମରେ ସସ୍ମିତାଙ୍କ ଅଲଟ୍ରାସାଉଣ୍ଡ କରିଥିଲେ। ଏହି ସମୟରେ ଗର୍ଭରେ ୫ ମାସର ପିଲା ଥିବା ଜାଣି ବିଚଳିତ ହୋଇପଡିଥିଲେ। ତା'ପରେ ଡା. ଭୂୟାଁଙ୍କୁ ଦେଖା କରି ଅଲଟ୍ରାସାଉଣ୍ଡ ରିପୋର୍ଟ ଦେଖାଇବା ସହ ଗର୍ଭରେ ଭୁଲବଶତଃ ପିଲା ରହିଯାଇଥିବା ଜଣାଇଥିଲେ। ଏହା ଜାଣି ଡା. ଭୂୟାଁ ଗତ ୧୭ ତାରିଖ ଅପରାହ୍ନରେ ଜଗତ୍‌ସିଂହପୁରସ୍ଥିତ ସାଇଶ୍ରଦ୍ଧା ନର୍ସିଂହୋମ ଆସିବାକୁ ପରାମର୍ଶ ଦେଇଥିଲେ। ଏହି ଅନୁଯାୟୀ ରଞ୍ଜିତ ସ୍ତ୍ରୀଙ୍କୁ ନେଇ ସେଠାରେ ପହଞ୍ଚିଥିଲେ। ଅପରାହ୍ନ ୧ଟା ବେଳେ ସସ୍ମିତାଙ୍କୁ ଓଟି (ଅପରେଶନ ଥିଏଟର)କୁ ନିଆଯାଇଥିଲା। ସେଠାରେ ଗର୍ଭପାତ କରିବା କହି ଡାକ୍ତର ଅସ୍ତ୍ରୋପଚାର କରିଥିଲେ। ଶିଶୁ ପିଲାଟିକୁ ବାହାର କରିବା ପରେ ସସ୍ମିତାଙ୍କ ରକ୍ତସ୍ରାବ ବନ୍ଦ ହୋଇ ନ ଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ଉକ୍ତ ଡାକ୍ତର ଓ ନର୍ସିଂହୋମ ମାଲିକ ଅନନ୍ତ ନାରାୟଣ ରଥ ଆମ୍ବୁଲାନ୍ସ ଠିକ୍ କରି ରାତି ୯ଟା ୩୦ରେ କଟକ ନେଇଯାଇଥିଲେ। ରାତି ୧୦ଟାରେ ରାଣୀହାଟସ୍ଥିତ ଏକ ନର୍ସିଂହୋମରେ ପହଞ୍ଚି ଆଡ୍‌ମିଶନ ପାଇଁ ଚାହିଁଥିବାବେଳେ ନର୍ସିଂହୋମ କର୍ତ୍ତୃପକ୍ଷ କୌଣସି କାଗଜ ନ ଥିବା ଦର୍ଶାଇ ଫେରାଇ ଦେଇଥିଲେ। ତା'ପରେ ରାତି ୧ଟାରେ ଅନ୍ୟ ଏକ ନର୍ସିଂହୋମ ଯାଇଥିଲେ। ସେଠାରେ ମଧ୍ୟ ଅନୁରୂପ କାଗଜାତ ନ ଥିବା କାରଣରୁ ଆଡମିଶନ ହୋଇପାରି ନ ଥିଲା। ଶେଷରେ ଅନନ୍ୟୋପାୟ ହୋଇ କଟକ ବଡ ଡାକ୍ତରଖାନାରେ ପହଞ୍ଚିଥିଲେ। କିନ୍ତୁ ସେତେବେଳକୁ ଆଉ କିଛି ନ ଥିଲା। ସସ୍ମିତାଙ୍କୁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାପରେ ରଞ୍ଜିତ ଜଗତ୍‌ସିଂହପୁର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ମେ' ୫ରେ ଭୁଲ ଗର୍ଭପାତ ହୋଇଥିଲା। ଜୁଲାଇ ୧୭ରେ ଏ ବିଷୟରେ ନ ଜଣାଇ ଭୁଲ ଅସ୍ତ୍ରୋପଚାର କରାଇ ଡା. ଭୂୟାଁ ଓ ସାଇଶ୍ରଦ୍ଧା ନର୍ସିଂହୋମ ମାଲିକ ଷଡ଼ଯନ୍ତ୍ର କରି ତାଙ୍କ ସ୍ତ୍ରୀଙ୍କୁ ମାରିଦେଲେ ବୋଲି ଉଲ୍ଲେଖ କରିଛନ୍ତି। ଏହା ଉପରେ ଥାନା ପକ୍ଷରୁ ତଦନ୍ତ ଚାଲିଥିବା କୁହାଯାଇଛି।


ଉତ୍ତ୍ୟକ୍ତ ଲୋକମାନେ ମୃତଦେହ ରଖି ଜଗତ୍‌ସିଂହପୁର-ଜଇପୁର ରାସ୍ତା ଅବରୋଧ କରିଛନ୍ତି।

ଏ ସମ୍ପର୍କରେ ଡା. ଭୂୟାଁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଗତ ୧୭ ତାରିଖ ଅପରାହ୍ନ ପ୍ରାୟ ୧ଟାରେ ସସ୍ମିତାଙ୍କୁ ଓଟି ଭିତରକୁ ନିଆଯାଇଥିଲା। ୨ଟାରୁ ୩ଟା ଭିତରେ ଅସ୍ତ୍ରୋପଚାର ପରେ ଶିଶୁଟିକୁ ବାହାର କରାଯାଇଥିଲା। ଏହି ପ୍ରକ୍ରିୟା ସମୟରେ ସହଯୋଗ ପାଇଁ ଅନ୍ୟ ଜଣେ ବିଭାଗୀୟ ଡାକ୍ତର ଓ ଆନାସ୍ଥେସିଆ ଡାକ୍ତର ଥିଲେ। ସବୁ ଠିକ୍‌ଠାକ୍ ଥିଲା। କିନ୍ତୁ ରାତି ପ୍ରାୟ ୯ଟା ୩୦ରେ ଧମନିର ଗତି ଠିକ ନ ରହିବାରୁ କାଳେ ପେଟରେ ରକ୍ତସ୍ରାବ ହେଉଥିବ ଭାବି ତାଙ୍କୁ ରେଫରାଲ କାଗଜାତ ସହ କଟକ ସ୍ଥାନାନ୍ତର କରିଦିଆଯାଇଥିଲା। କିନ୍ତୁ ପରେ କ'ଣ ହୋଇଛି ସେ ଜାଣନ୍ତି ନାହିଁ ବୋଲି ଡା. ଭୂୟାଁ କହିଛନ୍ତି। ସନ ନର୍ସିଂହୋମ ପକ୍ଷରୁ ବିପ୍ଳବ ମହାନ୍ତି କହିଛନ୍ତି, ତାଙ୍କ ନର୍ସିଂହୋମରେ ଗର୍ଭପାତ ହୁଏ ନାହିଁ। ତେଣୁ ମୃତ ମହିଳାଙ୍କ ଗର୍ଭପାତ ତାଙ୍କ ନର୍ସିଂହୋମରେ ହୋଇନାହିଁ। ଏ ସମ୍ପର୍କରେ ସାଇଶ୍ରଦ୍ଧା ନର୍ସିଂହୋମ ମାଲିକ ରଥଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇପାରିନାହିଁ। ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସରୋଜ ଜେନାଙ୍କୁ ପଚାରିବାରୁ ପ୍ରସଙ୍ଗର ଗମ୍ଭୀରତା ଦୃଷ୍ଟିରୁ ତଦନ୍ତ ହେବ। ଏନେଇ ଇଣ୍ଟରନାଲ କମିଟି ତଦନ୍ତ କରି ରିପୋର୍ଟ ଦେଲା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ତେବେ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବାଧହୋଇ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମୃତା ମହିଳାଙ୍କ ସମ୍ପର୍କୀୟମାନେ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ସ୍ଥାନୀୟ କେତେଜଣ ବୁଦ୍ଧିଜୀବୀ କହିଛନ୍ତି, ଜିଲାରେ ମନଇଚ୍ଛା ନର୍ସିଂହୋମଗୁଡ଼ିକ ଖୋଲି ଚାଲିଛି। କିନ୍ତୁ ଅଧିକାଂଶ ଆବଶ୍ୟକ ନିର୍ଦ୍ଦେଶନାମା ପାଳନ କରୁନାହାନ୍ତି। ରୋଗୀ କିମ୍ବା ଗର୍ଭବତୀଙ୍କ ଅବସ୍ଥା ଦେଖି ଅସ୍ତ୍ରୋପଚାର କରିବା ପରିବର୍ତ୍ତେ ଅର୍ଥ ପାଇଁ ସବୁକିଛି କରିଦେଉଛନ୍ତି। ଯେଉଁ କାରଣରୁ ସସ୍ମିତାଙ୍କ ଭଳି ଅନେକଙ୍କ ମୃତ୍ୟୁ ହେଉଛି। ଏହା ଉପରେ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏସମ୍ପର୍କରେ ଜଗତ୍‌ସିଂହପୁର ଥାନା ଭାରପ୍ରାପ୍ତ ଆଇଆଇସି ଦିଲୀପ କାଣ୍ଡିଙ୍କୁ ପଚାରିବାରୁ ଅଭିଯୋଗ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା (ନଂ.୫୨୩/୨୫) ରୁଜୁ ହୋଇଛି। ମହିଳାଙ୍କ ମୃତ୍ୟୁ ପରେ କଟକରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଆଗକୁ ଅଭିଯୋଗକାରୀଙ୍କ ପାଖରେ ଏବଂ ନର୍ସିଂହୋମରେ ଥିବା କାଗଜପତ୍ର ଜବତ ହେବ। ଏଥିସହ ସିଡିଏମଓଙ୍କୁ ଏକ ବୋର୍ଡ ଗଠନ କରି ଡାକ୍ତରଙ୍କ ଅବହେଳା କି ଆଉ କିଛି ତ୍ରୁଟି ଅଛି ଏସବୁ ବାବଦରେ ରିପୋର୍ଟ ଦେବାକୁ ଚିଠି ହେବ। ରିପୋର୍ଟ ପାଇଲାପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କାଣ୍ଡି କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

V.N. (AUTO) COLLEGE, JAJPUR ROAD
A WALK IN INTERVIEW will be held at 10 A.M. on 27.07.2025 for different posts, details in website :
www.vnautocollege.in.
Principal

WANTED
Sales Executive - 2 Nos
Qualification : 12th Pass
Computer Knowledge
MAHALAXMI MOBILE
Shop No.-59, Bharatia Tower
Ground Floor, Badambadi, Cuttack
Mobile - 7684862464

REQUIREMENT
MARKETING EXECUTIVE with Motor Cycle. Any Graduate in Bhubaneswar.
One OFFICE ASSISTANT with Computer Knowledge BCA, PGDCA in Bhubaneswar.
Mob.: 9338205137, 9861404151

REQUIRED
We need for our Real Estate Company
1. RECEPTIONIST : +3 above + Comp. (Ladies)
2. TELECALLER : +2 above + Comp. (Ladies)
3. MARKETING EXECUTIVE : +2 above + Experience
4. PEON-CUM-COOK : 10th above.
Office: Sundarpada, Bhubaneswar - 02
Send your Bio-data @
9777969014, 9861433014

JAWAHARLAL NEHRU HIGHER SECONDARY SCHOOL, BALIANTA, KHORDHA
E-mail: jawaharlal93384@gmail.com, Ph. No.: 7008726788
WALK-IN-INTERVIEW
Candidates having minimum 55% marks in P.G. can Walk-in-Interview for Lecturer in Odia and History (One Post for each subject) on Dt.30.07.2025, Wednesday from 10.30 A.M. onwards.
Sd./- Principal-cum-Secretary

# ଉତ୍ତମ ଚରିତ୍ର ଗଠନ ବିଦ୍ୟାର୍ଥୀଙ୍କ ଲକ୍ଷ୍ୟ ହେଉ

## ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ କଲେଜର ବାର୍ଷିକୋତ୍ସବ

ରଘୁନାଥପୁର,୧୮।୭(ରାଜେନ୍ଦ୍ର ନାରାୟଣ ସିଂହ): ରଘୁନାଥପୁର ବ୍ଲକ କୁର୍ଣ୍ଣାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ କଲେଜର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଦୟାନିଧି ରାଉତରାୟ ଏନେଇ ଆୟୋଜିତ ସଭାରେ ଅଧ୍ୟକ୍ଷତା କରି ଉତ୍ସବର ପ୍ରାସଙ୍ଗିକତା ଓ ଛାତ୍ରୀଛାତ୍ରଙ୍କ ଦାୟିତ୍ୱବୋଧତା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ପଣ୍ଡିତ ସରୋଜ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳା ଓ ସ୍ପଷ୍ଟବାଦିତା ହେବାକୁ ପରାମର୍ଶ ଦେଇଥିଲେ। ଉତ୍ତମ ଚରିତ୍ର ଗଠନ ବିଦ୍ୟାର୍ଥୀଙ୍କ ଲକ୍ଷ୍ୟ ହେଉ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଭଗବାନ ଦାସ, ଅଧ୍ୟାପିକା ଦୀପ୍ତିମୟୀ ଜେନା ଓ ରଞ୍ଜିତା ମହାନ୍ତି ଶିକ୍ଷା ସହ ପରିବେଶ ସମ୍ପର୍କିତ ବହୁମୂଲ୍ୟ ଉପଦେଶ ପ୍ରଦାନ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାରେ ଭାଗନେଇଥିବା କୃତୀ ପ୍ରତିଯୋଗୀଙ୍କ ମଧ୍ୟରୁ ଚାମ୍ପିୟନ ହୋଇଥିବା ସରୋଜିନୀ ଦାସ ଓ ମହମ୍ମଦ ନାସିରୁଦ୍ଦିନଙ୍କୁ ଟ୍ରଫି ସହ ମାନପତ୍ର ଦିଆଯାଇଥିଲା। ସେହିପରି ସଫଳ କୃତୀ ପ୍ରତିଯୋଗୀ ଆଶୀର୍ବାଦ ମହାପାତ୍ର ଓ ଦୀପ୍ତି ମହାନ୍ତିଙ୍କ ସମେତ ୧ମ,୨ୟ ଓ ୩ୟ ସ୍ଥାନ ହାସଲ କରିଥିବା ୫୨ ଜଣ ପ୍ରତିଯୋଗୀଙ୍କୁ ମାନପତ୍ର ସହ ମେଡାଲ ପ୍ରଦାନ କରାଯାଇଥିଲା। ଶିକ୍ଷା କର୍ମଚାରୀ ଦୈତାରି ଜେନା, ରବୀନ୍ଦ୍ର ଦାସ, ମନୋରଞ୍ଜନ ସ୍ୱାଇଁ, ଅଜୟ ବେହେରା ଓ ଅରୁଣ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY | LOCATION |
|---|---|---|
| CTP OPERATOR | ▸ Should have experience in CTP plate processing machines operating in print media<br>▸ Familiarity with plate making equipment and software<br>▸ Should have expertise in using Altizen, Postrip Express, D Compose, Q Server<br>▸ Should have basic Computer skills & ability to learn new software techniques. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

**ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.**
ପଞ୍ଜିକୃତ ନଂ.: ବିଏଲ୍/୪୪, ସ୍ଥାପିତ-୧୯୪୫, ଆର୍.ବି.ଆଇ.
ଏଲ୍ଆଇସି ନଂ.: ୟୁବିଡି. (ଓଆର୍ଆଇ) ୦୦୦୪ପି/୦୯-୧୦,
ସା: ବିବେକାନନ୍ଦ ମାର୍ଗ, ପୋ/ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୦୧,
ଫୋନ୍: ୦୬୭୮୨-୨୬୩୦୪୪, ଇମେଲ: contact@blscub.com, www.blscub.com
**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.ର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍ଦ୍ୱାରା ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କୁ ସୂଚିତ କରାଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀ ଋଣଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

ଇ-ନିଲାମର ତାରିଖ ଏବଂ ସମୟ: ୨୦.୦୮.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣକର୍ତ୍ତା / ଗ୍ୟାରେଣ୍ଟରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ / ସାଙ୍କେତିକ ଦଖଲ ତାରିଖ / ଭୌତିକ ଦଖଲ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି/ ବିଡ୍ ବୃଦ୍ଧି ପରିମାଣ / ଅମାନତ ରାଶି ଜମାର ଅନ୍ତିମ ତାରିଖ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀମତୀ ସୌଦାମିନୀ ନାୟକ, ସ୍ୱାମୀ: ଘନଶ୍ୟାମ ନାୟକ, ସା: ମେଘଡମ୍ବରୁ, ପୋ: କୁରୁଡ଼ା, ଥାନା: ବାଲେଶ୍ୱର ସଦର, ଓଡ଼ିଶା, ପିନ୍-୭୫୬୦୫୬ / ଗ୍ୟାରେଣ୍ଟରମାନେ: ୧) ଶ୍ରୀ ଘନଶ୍ୟାମ ନାୟକ, ପିତା: ଶ୍ରୀ ନରେନ୍ଦ୍ର ନାୟକ, ୨) ମୋନାଲିସା ନାୟକ, ପିତା: ଶ୍ରୀ ଘନଶ୍ୟାମ ନାୟକ, ଉଭୟଙ୍କ ଠିକଣା- ସା: ମେଘଡମ୍ବରୁ, ପୋ: କୁରୁଡ଼ା, ଥାନା: ବାଲେଶ୍ୱର ସଦର, ଓଡ଼ିଶା, ପିନ୍-୭୫୬୦୫୬ | ଶ୍ରୀମତୀ ସୌଦାମିନୀ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମେଘଡମ୍ବରୁ, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୧୮୦/୧୨୦୪, ୟୁନିଟ୍ ନଂ. ୧୭୨, ପ୍ଲଟ୍ ନଂ.: ୧୬୬/୧୭୬୩, କ୍ଷେତ୍ର: ଏକର୦.୦୬୫ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଖାଲି ଜମି, ଦକ୍ଷିଣ: ରାସ୍ତା, ପୂର୍ବ: ଖାଲି ଜମି, ପଶ୍ଚିମ: ଆଜେବେଷ୍ଟ୍ ଗୃହ, ବ୍ୟାଙ୍କକୁ ଜଣାଥିବା ଏନକମ୍ବ୍ରାନ୍ସେସ୍‌ର ସବିଶେଷ ତଥ୍ୟ: ନାହିଁ | ୦୭.୦୭.୨୦୨୫ ସୁଦ୍ଧା ସୁଧ ସହିତ ଟ.୧୮,୮୧,୬୪୬/- + ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ, ଦେୟ ଇତ୍ୟାଦି / ଡିମାଣ୍ଡ ନୋଟିସ୍ ତାରିଖ: ୦୨.୦୯.୨୦୨୧ / ସାଙ୍କେତିକ ଦଖଲ ତାରିଖ: ୨୨.୦୮.୨୦୨୨ / ଭୌତିକ ଦଖଲ ତାରିଖ: ୧୯.୦୬.୨୦୨୫ | ସଂରକ୍ଷିତ ମୂଲ୍ୟ: ଟ.୨୩,୫୨,୦୦୦/- / ଅମାନତ ଜମା ରାଶି: ଟ.୨,୩୫,୨୦୦/- / ବିଡ୍ ବୃଦ୍ଧି ପରିମାଣ: ଟ.୧୦,୦୦୦/- / ଅମାନତ ରାଶି ଜମାର ଅନ୍ତିମ ତାରିଖ ୧୯.୦୮.୨୦୨୫ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ କିମ୍ବା ତା'ପୂର୍ବରୁ |

ସମ୍ପତ୍ତି ତନଖି ତାରିଖ ଏବଂ ସମୟ: ୧୨.୦୮.୨୦୨୫ ରୁ ୧୩.୦୮.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ଘଟିକା

ଉପରୋକ୍ତ ସମସ୍ତ ସମ୍ପତ୍ତି ବ୍ୟାଙ୍କର ଭୌତିକ ଦଖଲରେ ଅଛି

ସଂଶୋଧିତ ସରଫେଶୀ ଆକ୍ଟ ୨୦୦୨ର ରୁଲ ୮(୬) ଏବଂ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟ ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ, ଦୟାକରି ସେବା ପ୍ରଦାନକାରୀ M/s e-Procurement echnologies Limited-Auction Tiger ଦ୍ୱାରା ପ୍ରଦାନ କରାଯାଇଥିବା ଲିଙ୍କ୍ https://sarfaesi.auctiontiger.net/EPROC/viewauction/338828/3/0 ସହିତ Auction ID: 338828 ଦେଖନ୍ତୁ। ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ପ୍ରବୀଣ କୁମାର ଥେଭର: ୯୭୨୨୭୭୮୮୨୮-୦୭୯-୩୫୨୬୭୫୧୫/୧୬, ବିଡ୍‌ର ସହାୟତା ନିମନ୍ତେ- ୯୨୬୫୫୬୨୮୨୧/ ୮୧୮-୦୭୯୬୮୧୩୬୮୪୨/୩୭, ଇମେଲ ଆଇଡ଼ି: praveen.thevar@auctiontiger.net କିମ୍ବା soni@auctiontiger.net ଏବଂ support@auctiontiger.net

ତାରିଖ: ୦୭.୦୭.୨୦୨୫, ସ୍ଥାନ: ବାଲେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.

इंडियन बैंक Indian Bank
इलाहाबाद ALLAHABAD
**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର-୬, ସିଡ଼ିଏ,
ପୋ: ମର୍କତ ନଗର, କଟକ-୭୫୩୦୧୪
zocuttack@indianbank.co.in
**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
(ସମ୍ପତ୍ତିଗୁଡିକ ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍)

ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଅନୁଯାୟୀ ବ୍ୟାଙ୍କଙ୍କୁ ବନ୍ଧକ ଦିଆଯାଇଥିବା ସମ୍ପତ୍ତିଗୁଡିକର ବିକ୍ରୟ

ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକକରଣ ପାଇଁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗକରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ https://www.ebkray.in (https://baanknet.com)

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ / ସମ୍ପତ୍ତି ଆଇଡ଼ି ନଂ. | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ / ବକେୟା ପରିମାଣ/ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | କଟକ କ୍ୟାଣ୍ଟନମେଣ୍ଟ୍ ରୋଡ୍ ଶାଖା / ଋଣଗ୍ରହୀତା ଏବଂ ବନ୍ଧକଦାତାମାନେ: ୧) ମମତା ଦାସ, ସ୍ୱାମୀ: ୰ ଶରତ କୁମାର ଦାସ, ୨) ସୁବ୍ରତ କୁମାର ଦାସ, ପିତା: ୰ ଶରତ କୁମାର ଦାସ, ୩) ପ୍ରିୟବ୍ରତ ଦାସ, ପିତା: ୰ ଶରତ କୁମାର ଦାସ, ସମସ୍ତଙ୍କ ଠିକଣା- ସା: ସୁବେଦାର ଲେନ୍, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, କଟକ-୭୫୩୦୦୧ | ମମତା ଦାସ, ସ୍ୱାମୀ: ୰ ଶରତ କୁମାର ଦାସ, ସୁବ୍ରତ କୁମାର ଦାସ, ପିତା: ୰ ଶରତ କୁମାର ଦାସ, ପ୍ରିୟବ୍ରତ ଦାସ, ପିତା: ୰ ଶରତ କୁମାର ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୨୦-ଡ଼ି୧, ପ୍ଲଟ୍ ନଂ.: ୨୯୩/୯୩୦, କ୍ଷେତ୍ର: ଏକର୦.୦୦୬ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୩୨୧ ଡ଼ି-୧, ପ୍ଲଟ୍ ନଂ.: ୨୯୨/୯୨୯, କ୍ଷେତ୍ର: ଏକର୦.୦୦୯ଡିସିମିଲି ୧/୨ କଡି, ସମୁଦାୟ କ୍ଷେତ୍ର: ଏକର୦.୦୧୫ଡିସିମିଲି ଏବଂ ୧/୨ କଡି, କିସମ: ଘରବାରି, ମୌଜା: କଟକ ସହର ୟୁନିଟ୍ ନଂ. ୧୭, ମାଛୁଆବଜାର, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଡିଏସ୍ଆରଓ: କଟକ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସରୋଜ କୁମାର ଦାସ, ଦକ୍ଷିଣ: ରବିନ୍ଦ୍ର ସାହୁ, ପୂର୍ବ: ଅଲେଖ ସାହୁ, ପଶ୍ଚିମ: ରାସ୍ତା / ସମ୍ପତ୍ତି ଆଇଡ଼ି ନଂ.: IDIB30230155641M | ୨୩.୧୨.୨୦୨୪ / ୦୧.୦୩.୨୦୨୫ / ୦୮.୦୭.୨୦୨୫ ସୁଦ୍ଧା ଟ.୧୨,୧୪,୩୫୫.୫୪ + ଆଦାୟକରଣ ତାରିଖ ପର୍ଯ୍ୟନ୍ତ ପ୍ରର୍ଯ୍ୟ୍ୟ ହାରରେ ପରବର୍ତ୍ତି ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୨୧,୨୬,୦୦୦/- / ଟ.୨,୧୩,୦୦୦/- / ଟ.୫୦,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୨୦.୦୮.୨୦୨୫ରିଖ (ବୁଧବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା
ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୧୯.୦୮.୨୦୨୫ରିଖ, ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ)
ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୦୧.୦୮.୨୦୨୫ରିଖ ଠାରୁ ତା.୧୬.୦୮.୨୦୨୫ରିଖ, ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ

Mamata Das

ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମ୍ଭର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ https://www.ebkray.in (https://baanknet.com) ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ support.ebkray@psballiance.com କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: https://www.ebkray.in (https://baanknet.com) ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ। https://www.ebkray.in (https://baanknet.com) ୱେବସାଇଟ୍‌ରେ ସମ୍ପତ୍ତି ଖୋଜିବାବେଳେ ଉପରୋକ୍ତ ସମ୍ପତ୍ତି ଆଇଡ଼ି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।
ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

ତାରିଖ: ୧୮.୦୭.୨୦୨୫, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅରବିନ୍ଦ


@ ଦେବାଶିଷ


@ ବୁବୁନା


@ ଦିନେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଧିବେଶନକୁ ଆସିଲେନି ଜିଲା ପରିଷଦ ସଭ୍ୟ

- ଦଶମ ସାଧାରଣ ଅଧିବେଶନ ବାତିଲ
- ଅଣଦେଖାର ବିସ୍ଫୋରକ ରୂପ
- ସଭାପତିଙ୍କ ବୁଝାଶୁଝା ପରେ ୨ ଘଣ୍ଟା ପରେ ଆସିଲେ
- ପୁଣି ଉଦ୍‌ବେଗ ଓ ଅସନ୍ତୋଷ ବ୍ୟକ୍ତ କରି ଗୃହ ତ୍ୟାଗ କଲେ

ନୟାଗଡ,୧୮।୭(ଲୋକନାଥ ମିଶ୍ର)


ଜିଲାପରିଷଦ ସଭ୍ୟମାନେ ବୈଠକ ଛାଡ଼ି ଚାଲିଯାଉଛନ୍ତି।

ନୟାଗଡ ଜିଲା ପରିଷଦର ସୃଜନ ସଭାକକ୍ଷରେ ଶୁକ୍ରବାର ଅନୁଷ୍ଠିତ ଦଶମ ସାଧାରଣ ଅଧିବେଶନରେଜିଲା ପରିଷଦ ସଭ୍ୟଙ୍କୁ ଅଣଦେଖାର ବିସ୍ଫୋରକ ରୂପ ଦେଖିବାକୁ ମିଳିଛି। ଜିଲା ପରିଷଦ ଅଧିବେଶନ ପୂର୍ବାହ୍ନ ସାଢ଼େ ୧୦ଟାରେ ଆରମ୍ଭ ହୋଇଥିବାବେଳେ ଜିଲା ପରିଷଦ ସଭ୍ୟମାନେ ଅନୁପସ୍ଥିତ ଥିଲେ। ଜିଲା ପରିଷଦ ସଭ୍ୟମାନେ ନ ଆସିବାରୁ ଅଧିବେଶନ ଆରମ୍ଭ ହୋଇ ପାରି ନ ଥିଲା। ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ି, ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ ପ୍ରମୁଖ ଅପେକ୍ଷା କରି ରହିଥିଲେ ମଧ୍ୟ ସଭ୍ୟମାନେ ଆସି ନ ଥିଲେ। ସେପଟେ ଜିଲା ପରିଷଦ ସଭ୍ୟମାନେ ସୃଜନ ସଭା କକ୍ଷ ନିକଟସ୍ଥ ଗ୍ରାମ୍ୟ ଉନ୍ନୟନ ଡିଭିଜନ ସଭାକକ୍ଷରେ ଏକତ୍ରିତ ହୋଇ ଅଧିବେଶନକୁ ନ ଆସିବା ପାଇଁ ଏକାଠି ହୋଇ ରଣନୀତି ପ୍ରସ୍ତୁତ କରିଥିଲେ। ମାତ୍ର ୩ ଜଣ ଜିଲା ପରିଷଦ ସଭ୍ୟଙ୍କୁ ନେଇ ବୈଠକ କରାଯିବା ସମ୍ଭବ ନ ଥିବାରୁ ଜିଲା ପରିଷଦ ସଭାପତି ଯାଇ ସଭ୍ୟମାନଙ୍କୁ ବୁଝାଶୁଝା କରିବା ପରେ ୨ ଘଣ୍ଟା ୧୫ ମିନିଟ୍ ପରେ ଜଣକ ପରେ ଜଣେ ସଭ୍ୟ ବୈଠକକୁ ଆସିଥିଲେ। ସଭ୍ୟମାନେ ବୈଠକରେ ବସିବା ପରେ ମଧ୍ୟାହ୍ନ ୧୨.୪୫ରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ସଭ୍ୟମାନଙ୍କ ସହ ଆଲୋଚନା ମୁତାବକ ବୈଠକ ନ ହେବାରୁ ସଭ୍ୟମାନେ ପୁଣି ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ କରି ଅପରାହ୍ନ ୧.୨୦ରେ ସଭା ପରିତ୍ୟାଗ କରିଥିଲେ। ୩୫ ମିନିଟ୍‌ର ସଭାରେ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥି ପ୍ରାୟ ୭ ମିନିଟ୍ ଧରି ଜିଲା ପରିଷଦ ସଭ୍ୟମାନଙ୍କ ଅସନ୍ତୋଷ ଓ ଉଦ୍‌ବେଗର କାରଣ କହିଥିଲେ। ପରବର୍ତ୍ତୀ ସମୟ ଜିଲା ପରିଷଦ ସଭ୍ୟମାନଙ୍କର ସମସ୍ୟା, ଅସୁବିଧା, ଉଦ୍‌ବେଗ ସମ୍ପର୍କରେ ଆଲୋଚନା ନ କରି ଭିନ୍ନ ବିଷୟବସ୍ତୁ ଆଲୋଚନା କରି ବୈଠକର ବଦଳାଇ ଦେବାରୁ ସଭ୍ୟମାନେ କକ୍ଷତ୍ୟାଗ କରିଥିଲେ। ଏଣୁ ସଭାପତି ଅଧ ଘଣ୍ଟାଏ ପରେ ସଭାକୁ ବାତିଲ କରିବାକୁ ବାଧ୍ୟ ହୋଇଥିଲେ।

ସେପଟେ ସଭା ପ୍ରାରମ୍ଭରେ ସଭାପତି କହିଥିଲେ, ୯ଟି ଜିଲା ପରିଷଦ ବୈଠକ ହୋଇଥିବା ବେଳେ ବୈଠକର ନିଷ୍ପତ୍ତି କାର୍ଯ୍ୟକାରୀ ହେଉ ନ ଥିବାରୁ ସଭ୍ୟମାନେ ବୈଠକକୁ ଆସି ନ ଥିଲେ। ବୁଝାସୁଝା ପରେ ସଭ୍ୟମାନେ ବୈଠକକୁ ଆସିଛନ୍ତି। ବୈଠକ ଆରମ୍ଭରୁ କୌଣସି ବିଷୟ ଆଲୋଚନା ନ କରି ବରିଷ୍ଠ ସଭ୍ୟ ରାମେଶ୍ୱର ଶତପଥିଙ୍କୁ କହିବାକୁ ସୁଯୋଗ ଦେଇଥିଲେ। ସଭ୍ୟ ରାମେଶ୍ୱର ସମସ୍ତ ସଭ୍ୟମାନଙ୍କ ପକ୍ଷରୁ ସଭାପତିଙ୍କୁ ପ୍ରଶ୍ନ କରିଥିଲେ ଜିଲା ପରିଷଦର ୯ଟି ବୈଠକର ରିଜୋଲେଶନଗୁଡିକ କାହିଁକି କାର୍ଯ୍ୟକାରୀ କରାଯାଇନାହିଁ। ଯଦି ଜିଲା ପରିଷଦ ସଭ୍ୟମାନଙ୍କର ନିଷ୍ପତ୍ତି କାର୍ଯ୍ୟକାରୀ ହେବନି ତେବେ ବୈଠକ କରି ଲାଭ କ'ଣ। ଜିଲା ପରିଷଦ ସଭ୍ୟମାନଙ୍କୁ ସମ୍ମାନ ଦିଆଯାଉନି। ଜିଲା ପରିଷଦର ନିର୍ବାହୀ ଅଧିକାରୀ ଓ ପୂର୍ବତନ ଜିଲାପାଳଙ୍କ ଠିକୁ ଅଣଦେଖା କରାଯାଇଛି। ଜିଲା ପରିଷଦରୁ ଅନୁଦାନ ଯାଉଥିଲେ ମଧ୍ୟ ଫଳକରେ ଜିଲା ପରିଷଦ ସଭ୍ୟଙ୍କ ନାଁ ରହୁନି। ବ୍ଲକ ଓ ପଞ୍ଚାୟତସ୍ତରର ସଭାସମିତିରେ ଅଣଦେଖା କରାଯାଉଛି। ଯଦି ଜିଲା ପରିଷଦ ସଭାର ମାନେ ରହୁନି, ରିଜୋଲେଶନ କାର୍ଯ୍ୟକାରୀ ହେଉନି ତେବେ ସେମାନେ କାହିଁକି ଜିଲା ପରିଷଦ ବୈଠକକୁ ଆସିବେ। ସ୍ୱାଭିମାନ, ସମ୍ମାନକୁ ପାଥେୟ କରି ଜିଲା ପରିଷଦ ସଭ୍ୟମାନେ ଦଶମ ସାଧାରଣ ଅଧିବେଶନରେ ଅନୁପସ୍ଥିତ ରହିବେ ବୋଲି ନିଷ୍ପତ୍ତି ନେଇଥିଲେ। ସଭ୍ୟ ରାମେଶ୍ୱରଙ୍କ କ୍ଷୋଭ ଓ ଅସନ୍ତୋଷ ଶେଷ ପରେ ଜିଲା ପରିଷଦ ସଭାପତି ଓ ଜିଲାପାଳ ଜିଲା ପରିଷଦ ସଭ୍ୟମାନଙ୍କ ମୂଳ ପ୍ରସଙ୍ଗକୁ ଏଡାଇ ଯାଇ ବୈଠକର ରୂପରେଖକୁ ବଦଳାଇବାକୁ ଚେଷ୍ଟା କରିଥିବାରୁ ସଭ୍ୟମାନେ ଗୃହ ଛାଡି ପଳାଇ ଯାଇଥିଲେ। ୨୨ ଜିଲା ପରିଷଦ ସଭ୍ୟଙ୍କ ମଧ୍ୟରୁ ମାତ୍ର ୩ଜଣ ରହିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ମାଟି ତଳୁ ବାହାରୁଛି ଗରମ ପାଣି

ନୂଆଗାଁ, ୧୮।୭
(ଧନେଶ୍ୱର ସାହୁ)


ପାଣି ଗରମ ବାହାରୁଥିବା ସ୍ଥାନ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଦୁର୍ଦ୍ଧୁରା ପଞ୍ଚାୟତ କିରିଆଲାଞ୍ଜିଠାରେ ମାଟି ତଳୁ ଗରମ ପାଣି ବାହାରୁଥିବା ଦେଖିବାକୁ ମିଳିଛି। କିରିଆଲାଞ୍ଜି ପାର୍କ ତଥା ବାବା ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ କାମ କରିବାକୁ ବୁଧବାର ସକାଳ ୮ଟାରେ ସ୍ଥାନୀୟ ସରପଞ୍ଚ ସଞ୍ଜୟ କୁମାର ସାହୁଙ୍କ ସମେତ ଗାଁର କେତେଜଣ ଲୋକ ଯାଇଥିଲେ। ପାର୍କ ନିକଟରେ ଥିବା ଗୋଟିଏ ବିଦ୍ୟୁତ ଖୁଣ୍ଟ ନିକଟରେ ପାଣି ଜମିଥିଲା। ସେଥିରୁ ବାଷ୍ପ ବାହାରୁ ଥିବା ସେମାନଙ୍କ ନଜରକୁ ଆସିଥିଲା। ତେବେ ବିଦ୍ୟୁତ ଲାଗି ସେଠାରେ ଥିବା ପାଣି ଗରମ ହୋଇ ବାଷ୍ପ ବାହାରୁଥିବା ସନ୍ଦେହ କରି ଓ ମନରେ ସାହସ ଜୁଟାଇ ପୋଲକୁ ଛୁଇଁବା ସହ ଟେଷ୍ଟର ମାଧ୍ୟମରେ ବିଦ୍ୟୁତ ଆସୁଛି କି ନାହିଁ ପରୀକ୍ଷା କରିଥିଲେ। କିନ୍ତୁ ସେଠାକୁ କରେଣ୍ଟ ଯାଉ ନ ଥିବା ଜଣାପଡିଥିଲା। ତଥାପି ବିଦ୍ୟୁତ୍ ବିଭାଗ କର୍ମଚାରୀ ଡାକି ସମ୍ପୂର୍ଣ୍ଣ ରୂପେ ବିଦ୍ୟୁତ୍ ତାରକୁ କାଟି ଦେଇଥିଲେ। ଏହା ପରେ ମଧ୍ୟ ସେଠାରୁ ଗରମ ପାଣି ବାହାରୁଥିବା ଦେଖିବାକୁ ମିଳିଥିଲା। ପରେ ସେଠାରେ ଜମିଥିବା ପାଣିକୁ ସମ୍ପୂର୍ଣ୍ଣ ଖାଲି କରିଦେଇଥିଲେ। ତଥାପି ପରବର୍ତ୍ତୀ ମୁହୂର୍ତ୍ତରେ ଜମିଥିବା ପାଣି ଏବଂ ସେଠାରେ ଥିବା ଗର୍ତ୍ତର ମାଟି ଗରମ ଲାଗୁଥିବା ଗ୍ରାମବାସୀ କହିଛନ୍ତି। ସେଠାରୁ ଝରୁଥିବା ପାଣି ଗରମ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତେବେ କେଉଁ କାରଣରୁ ସେଠାରେ ଥିବା ମାଟି ଏବଂ ପାଣି ଗରମ ଲାଗୁଛି ଏବଂ ସେଠାରେ କୌଣସି ଅଘଟଣ ଘଟିବ କି କ'ଣ ବୋଲି ସନ୍ଦେହ ଘେରରେ ଲୋକ ଅଛନ୍ତି। ଏ ନେଇ ପ୍ରଶାସନ ଦୃଷ୍ଟି ଦେବା ସହ ସେଠାକାର ପାଣି ଓ ମାଟିକୁ ପରୀକ୍ଷା କରି ଗରମ ହେଉଥିବାର କାରଣ ଖୋଜି ଲୋକଙ୍କ ସନ୍ଦେହ ଦୂର କରିବା ପାଇଁ ସ୍ଥାନୀୟ ସରପଞ୍ଚ ସାହୁ କହିଛନ୍ତି।

# ଗରିବଙ୍କୁ ବସ୍ତ୍ର, ରାଶନ, ଆର୍ଥିକ ସହାୟତା

ନୟାଗଡ଼,୧୮।୭
(ଲୋକନାଥ ମିଶ୍ର)

ନୟାଗଡ଼ରେ ସେବା ଉତ୍ସବ ପକ୍ଷରୁ ଶୁକ୍ରବାର କଣ୍ଟାବଣିଆ, ଜୟମଙ୍ଗଳ, ଖେଡ଼ପଡା ଓ ବାଲୁଗାଁ ଆଦି ଗାଁଗୁଡିକରେ ଗରିବ ଓ ଅସହାୟମାନଙ୍କୁ ବସ୍ତ୍ର, ଚପଲ ବଣ୍ଟନ କରାଯାଇଛି। ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ର ଏବଂ ଉପଦେଷ୍ଟା ସନ୍ତୋଷ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲୁଗାଁର ସାମାଜିକ କର୍ମୀ ଅଜୟ କୁମାର ନାୟକ, ସେବା ସଦସ୍ୟ ଗୁଲସନ୍ କୁମାର, ସୌମ୍ୟା ସ୍ୱୟଂ ପ୍ରଭା, ବର୍ଷା ପ୍ରିୟଦର୍ଶନୀ, କରନ ବଡଟିଆ, ଯୁଧିଷ୍ଠିର ବେହେରା, ଆଶୁତୋଷ ସାହୁ, ଅଂଶୁମାନ ସେଠୀ, ଗାୟତ୍ରୀ ପ୍ରିୟଦର୍ଶନୀ, ଅନୁସୂୟା, ଅଭିଲିପ୍ସା, ଶୁଭସ୍ମିତା ମିଶ୍ର ପ୍ରମୁଖ ସାମିଲ୍ ହୋଇଥିଲେ। ପ୍ରାୟ ୨ଶହ ଜଣ ଅସହାୟଙ୍କୁ ଆନୁଷଙ୍ଗିକ ସାମଗ୍ରୀ ପ୍ରଦାନ କରଯାଇଛି।

V.N. (AUTO) COLLEGE, JAJPUR ROAD
A WALK IN INTERVIEW will be held at 10 A.M. on 27.07.2025 for different posts, details in website : www.vnautocollege.in.
Principal

WANTED
Sales Executive - 2 Nos
Qualification : 12th Pass
Computer Knowledge
MAHALAXMI MOBILE
Shop No.-59, Bharatia Tower
Ground Floor, Badambadi, Cuttack
Mobile - 7684862464

REQUIREMENT
MARKETING EXECUTIVE with Motor Cycle. Any Graduate in Bhubaneswar.
One OFFICE ASSISTANT with Computer Knowledge BCA, PGDCA in Bhubaneswar.
Mob.: 9338205137, 9861404151

REQUIRED
We need for our Real Estate Company
1. RECEPTIONIST : +3 above + Comp. (Ladies)
2. TELECALLER : +2 above + Comp. (Ladies)
3. MARKETING EXECUTIVE : +2 above + Experience
4. PEON-CUM-COOK : 10th above.
Office: Sundarpada, Bhubaneswar - 02
Send your Bio-data @ 9777969014, 9861433014

JAWAHARLAL NEHRU HIGHER SECONDARY SCHOOL, BALIANTA, KHORDHA
E-mail: jawaharlal93384@gmail.com, Ph. No.: 7008726788
WALK-IN-INTERVIEW
Candidates having minimum 55% marks in P.G. can Walk-in-Interview for Lecturer in Odia and History (One Post for each subject) on Dt.30.07.2025, Wednesday from 10.30 A.M. onwards.
Sd./- Principal-cum-Secretary

ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY | LOCATION |
| --- | --- | --- |
| CTP OPERATOR | ‣ Should have experience in CTP plate processing machines operating in print media<br>‣ Familiarity with plate making equipment and software<br>‣ Should have expertise in using Altizen, Postrip Express, D Compose, Q Server<br>‣ Should have basic Computer skills & ability to learn new software techniques. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

## ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.

ପଞ୍ଜିକୃତ ନଂ.: ବିଏଲ୍/୪୪, ସ୍ଥାପିତ-୧୯୪୫, ଆର୍.ବି.ଆଇ.
ଏଲ୍ଆଇସି ନଂ.: ୟୁବିଡି. (ଓଆର୍ଆଇ) ୦୦୦୪ପି/୦୯-୧୦,
ସା: ବିବେକାନନ୍ଦ ମାର୍ଗ, ପୋ/ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୦୧,
ଫୋନ୍: ୦୬୭୮୨-୨୬୩୦୪୪, ଇମେଲ: contact@blscub.com, www.blscub.com

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସ୍‌ମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.ର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କୁ ସୂଚିତ କରାଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀ ଋଣଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛ" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

ଇ-ନିଲାମର ତାରିଖ ଏବଂ ସମୟ: ୨୦.୦୮.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣକର୍ତ୍ତା / ଗ୍ୟାରେଣ୍ଟରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ / ସାଙ୍କେତିକ ଦଖଲ ତାରିଖ / ଭୌତିକ ଦଖଲ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି/ ବିଡ୍ ବୃଦ୍ଧି ପରିମାଣ / ଅମାନତ ରାଶି ଜମାର ଅନ୍ତିମ ତାରିଖ |
| --- | --- | --- | --- | --- |
| ୧. | ଋଣଗ୍ରହୀତା: ଶ୍ରୀମତୀ ସୌଦାମିନୀ ନାୟକ, ସ୍ୱାମୀ: ଘନଶ୍ୟାମ ନାୟକ, ସା: ମେଘଡମ୍ବରୁ, ପୋ: କୁରୁଡ଼ା, ଥାନା: ବାଲେଶ୍ୱର ସଦର, ଓଡ଼ିଶା, ପିନ୍-୭୫୬୦୫୬ / ଗ୍ୟାରେଣ୍ଟରମାନେ: ୧) ଶ୍ରୀ ଘନଶ୍ୟାମ ନାୟକ, ପିତା: ଶ୍ରୀ ନରେନ୍ଦ୍ର ନାୟକ, ୨) ମୋନାଲିସା ନାୟକ, ପିତା: ଶ୍ରୀ ଘନଶ୍ୟାମ ନାୟକ, ଉଭୟଙ୍କ ଠିକଣା- ସା: ମେଘଡମ୍ବରୁ, ପୋ: କୁରୁଡ଼ା, ଥାନା: ବାଲେଶ୍ୱର ସଦର, ଓଡ଼ିଶା, ପିନ୍-୭୫୬୦୫୬ | ଶ୍ରୀମତୀ ସୌଦାମିନୀ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମେଘଡମ୍ବରୁ, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୧୮୦/୧୨୦୪, ୟୁନିଟ୍ ନଂ. ୧୭୨, ପ୍ଲଟ୍ ନଂ.: ୧୬୬/୧୭୬୩, କ୍ଷେତ୍ର: ଏକର୦.୦୬୫ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଖାଲି ଜମି, ଦକ୍ଷିଣ: ରାସ୍ତା, ପୂର୍ବ: ଖାଲି ଜମି, ପଶ୍ଚିମ: ଆଜେବେଷ୍ଟ୍ ଗୃହ, ବ୍ୟାଙ୍କକୁ ଜଣାଥିବା ଏନକମ୍ବ୍ରାନ୍ସେସ୍‌ର ସବିଶେଷ ତଥ୍ୟ: ନାହିଁ | ୦୭.୦୭.୨୦୨୫ ସୁଦ୍ଧା ସୁଧ ସହିତ ଟ.୧୮,୮୧,୬୪୬/- + ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ, ଦେୟ ଇତ୍ୟାଦି / ଡିମାଣ୍ଡ ନୋଟିସ୍ ତାରିଖ: ୦୨.୦୯.୨୦୨୧ / ସାଙ୍କେତିକ ଦଖଲ ତାରିଖ: ୨୨.୦୮.୨୦୨୨ / ଭୌତିକ ଦଖଲ ତାରିଖ: ୧୯.୦୬.୨୦୨୫ | ସଂରକ୍ଷିତ ମୂଲ୍ୟ: ଟ.୨୩,୫୨,୦୦୦/-<br>ଅମାନତ ଜମା ରାଶି: ଟ.୨,୩୫,୨୦୦/-<br>ବିଡ୍ ବୃଦ୍ଧି ପରିମାଣ: ଟ.୧୦,୦୦୦/-<br>ଅମାନତ ରାଶି ଜମାର ଅନ୍ତିମ ତାରିଖ ୧୯.୦୮.୨୦୨୫ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ କିମ୍ବା ତା'ପୂର୍ବରୁ |

ସମ୍ପତ୍ତି ତନଖି ତାରିଖ ଏବଂ ସମୟ: ୧୨.୦୮.୨୦୨୫ ରୁ ୧୩.୦୮.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ଘଟିକା

ଉପରୋକ୍ତ ସମସ୍ତ ସମ୍ପତ୍ତି ବ୍ୟାଙ୍କର ଭୌତିକ ଦଖଲରେ ଅଛି

ସଂଶୋଧିତ ସରଫେଶୀ ଆକ୍ଟ ୨୦୦୨ର ରୁଲ ୮(୬) ଏବଂ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟ ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ, ଦୟାକରି ସେବା ପ୍ରଦାନକାରୀ M/s e-Procurement echnologies Limited-Auction Tiger ଦ୍ୱାରା ପ୍ରଦାନ କରାଯାଇଥିବା ଲିଙ୍କ୍ https://sarfaesi.auctiontiger.net/EPROC/viewauction/338828/3/0 ସହିତ Auction ID: 338828 ଦେଖନ୍ତୁ। ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ପ୍ରବୀଣ କୁମାର ଥେଭର: ୯୭୨୨୭୭୮୮୨୮-୦୭୯-୩୫୨୬୭୫୧୫/୧୬, ବିଡ୍‌ର ସହାୟତା ନିମନ୍ତେ- ୯୨୬୫୫୬୨୮୨୧/୮୧୮-୦୭୯୬୮୧୩୬୮୪୨/୩୭, ଇମେଲ ଆଇଡ଼ି: praveen.thevar@auctiontiger.net କିମ୍ବା soni@auctiontiger.net ଏବଂ support@auctiontiger.net

ତାରିଖ: ୦୭.୦୭.୨୦୨୫, ସ୍ଥାନ: ବାଲେଶ୍ୱର — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଦି ବାଲେଶ୍ୱର କୋ-ଅପରେଟିଭ୍ ଅର୍ବାନ ବ୍ୟାଙ୍କ ଲିଃ.

## इंडियन बैंक Indian Bank — इलाहाबाद ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର-୬, ସିଡ଼ିଏ,
ପୋ: ମର୍କତ ନଗର, କଟକ-୭୫୩୦୧୪
zocuttack@indianbank.co.in

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
(ସମ୍ପତ୍ତିଗୁଡିକ ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍)

ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସମ୍ପତ୍ତିଗୁଡିକର ବିକ୍ରୟ

ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକକରଣ ପାଇଁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗକରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ https://www.ebkray.in (https://baanknet.com)

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ / ସମ୍ପତ୍ତି ଆଇଡ଼ି ନଂ. | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ / ବକେୟା ପରିମାଣ/ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
| --- | --- | --- | --- | --- |
| ୧. | କଟକ କ୍ୟାଣ୍ଟନମେଣ୍ଟ୍ ରୋଡ୍ ଶାଖା / ଋଣଗ୍ରହୀତା ଏବଂ ବନ୍ଧକଦାତାମାନେ: ୧) ମମତା ଦାସ, ସ୍ୱାମୀ: ୰ ଶରତ କୁମାର ଦାସ, ୨) ସୁବ୍ରତ କୁମାର ଦାସ, ପିତା: ୰ ଶରତ କୁମାର ଦାସ, ୩) ପ୍ରିୟବ୍ରତ ଦାସ, ପିତା: ୰ ଶରତ କୁମାର ଦାସ, ସମସ୍ତଙ୍କ ଠିକଣା- ସା: ସୁବେଦାର ଲେନ୍, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, କଟକ-୭୫୩୦୦୧ | ମମତା ଦାସ, ସ୍ୱାମୀ: ୰ ଶରତ କୁମାର ଦାସ, ସୁବ୍ରତ କୁମାର ଦାସ, ପିତା: ୰ ଶରତ କୁମାର ଦାସ, ପ୍ରିୟବ୍ରତ ଦାସ, ପିତା: ୰ ଶରତ କୁମାର ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୨୦-ଡ଼ି୧, ପ୍ଲଟ୍ ନଂ.: ୨୯୩/୯୩୦, କ୍ଷେତ୍ର: ଏକର୦.୦୦୬ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୩୨୧ ଡ଼ି-୧, ପ୍ଲଟ୍ ନଂ.: ୨୯୨/୯୨୯, କ୍ଷେତ୍ର: ଏକର୦.୦୦୯ଡିସିମିଲି ୧/୨ କଡି, ସମୁଦାୟ କ୍ଷେତ୍ର: ଏକର୦.୦୧୫ଡିସିମିଲି ଏବଂ ୧/୨ କଡି, କିସମ: ଘରବାରି, ମୌଜା: କଟକ ସହର ୟୁନିଟ୍ ନଂ. ୧୭, ମାଛୁଆବଜାର, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଡିଏସ୍ଆରଓ: କଟକ, ଜିଲ୍ଲା: କଟକ, ଏହାର ଚଉପାର୍ଶ୍ୱରେ- ଉତ୍ତର: ସରୋଜ କୁମାର ଦାସ, ଦକ୍ଷିଣ: ରବିନ୍ଦ୍ର ସାହୁ, ପୂର୍ବ: ଅଲେଖ ସାହୁ, ପଶ୍ଚିମ: ରାସ୍ତା / ସମ୍ପତ୍ତି ଆଇଡ଼ି ନଂ.: IDIB30230155641M | ୨୩.୧୨.୨୦୨୪ / ୦୧.୦୩.୨୦୨୫ / ୦୮.୦୭.୨୦୨୫ ସୁଦ୍ଧା ଟ.୧୨,୧୪,୩୫୫.୫୪ + ଆଦାୟକରଣ ତାରିଖ ପର୍ଯ୍ୟନ୍ତ ପ୍ରର୍ଯ୍ୟୁଜ୍ୟ ହାରରେ ପରବର୍ତ୍ତି ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୨୧,୨୬,୦୦୦/- / ଟ.୨,୧୩,୦୦୦/- / ଟ.୫୦,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୨୦.୦୮.୨୦୨୫ରିଖ (ବୁଧବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା

ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୧୯.୦୮.୨୦୨୫ରିଖ, ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ)

ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୦୧.୦୮.୨୦୨୫ରିଖ ଠାରୁ ତା.୧୬.୦୮.୨୦୨୫ରିଖ, ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ

Mamata Das

ବିଡ଼ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମ୍ଭର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ https://www.ebkray.in (https://baanknet.com) ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ support.ebkray@psballiance.com କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: https://www.ebkray.in (https://baanknet.com) ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ। https://www.ebkray.in (https://baanknet.com) ୱେବସାଇଟ୍‌ରେ ସମ୍ପତ୍ତି ଖୋଜିବାବେଳେ ଉପରୋକ୍ତ ସମ୍ପତ୍ତି ଆଇଡ଼ି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।

ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

ତାରିଖ: ୧୮.୦୭.୨୦୨୫, ସ୍ଥାନ: କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

## ସଂକ୍ଷେପରେ

### ସଂଜୀବ ସେନା ପକ୍ଷରୁ ସହାୟତା

ବରୀ,୧୮।୭(ମହେନ୍ଦ୍ର ସ୍ୱାଇଁ)

ବରୀ ନିର୍ବାଚନମଣ୍ଡଳୀ ଅଧୀନ ସାହସପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ଅଜୟ ଦାସଙ୍କୁ ବରୀ ସଂଜୀବ ସେନା ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଅଜୟ ଜଣେ ଦିନ ମଜୁରିଆ। ତାଙ୍କ ବାପାଙ୍କ ଦେହାନ୍ତ ହେବାପରେ ସେ ଶୁଦ୍ଧିକ୍ରିୟା କରିବାକୁ ନେଇ ଅର୍ଥଚିନ୍ତାରେ ଥିଲେ। ଏହି ଖବର ପାଇ ସଂଜୀବ ସେନାର ଆବାହକ ସଂଜୀବ ଜେନା ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅଜୟ ସହାୟତା ପାଇବା ପରେ ସଂଗଠନ ଆବାହକଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଚଣ୍ଡିଖୋଲ,୧୮।୭(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଗଜେନ୍ଦ୍ରପୁର ଗ୍ରାମର ଧର୍ମପ୍ରାଣା ମହିଳା ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ଶାନ୍ତିଙ୍କ ମା' ଦୁଲଣୀ ଶାନ୍ତି(୯୫)ଙ୍କ ଶୁକ୍ରବାର ସକାଳେ ପରଲୋକ ହୋଇଯାଇଛି। ସେ ଜଣେ ଜଣାଶୁଣା ମହିଳା ଥିଲେ। ଗତ କିଛି ଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ବିୟୋଗରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, କଂଗ୍ରେସ ନେତା ଅଜୟ ସାମଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ବନ୍ୟାରେ ନଷ୍ଟ ହେଲା ଧାନ ଫସଲ

ଧର୍ମଶାଳା,୧୮।୭(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକରେ ଚଳିତ ବର୍ଷ ୧୧,୪୪୫ ହେକ୍ଟର ଜମିରେ ବିଓଳି ଓ ଶାରଦ ଧାନ ଚାଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହି ଅନୁସାରେ ପାଟ ବିଲଗୁଡ଼ିକୁ ଚାଷୀ ଧାନବୁଣି ଖେଳୁଆ ବିଡ଼ାକୁ ଅପେକ୍ଷା କରିଥିଲେ। ମାତ୍ର ବ୍ରାହ୍ମଣୀରେ ୧୨ ଦିନ ହେବ ବନ୍ୟା ପାଣି ଅବ୍ୟାହତ ରହିବା ଫଳରେ ବ୍ଲକର ୧୨ଟି ପଞ୍ଚାୟତର ୧୭୦୦ ହେକ୍ଟର ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏଥିସହ ୭୦୦ ହେକ୍ଟର ପନିପରିବା ଚାଷ ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି।

ଗତ ୬ତାରିଖରେ ରେଙ୍ଗାଲି ଡ୍ୟାମ୍‌ର ୨ଟି ଗେଟ୍ ଓ ପରେ ଆଉ ଏକ ଗେଟ୍ ମୋଟ ୩ଟି ଗେଟ୍ ଖୋଲିବାରୁ ବ୍ରାହ୍ମଣୀ ନଦୀରେ ୨ୟ ବନ୍ୟା ସୃଷ୍ଟି ହୋଇଥିଲା। ଶୁକ୍ରବାର ଅପରାହ୍ନ ୩ଟାରେ ଗୋଟିଏ ଗେଟ୍ ବନ୍ଦ କରଯାଇଛି। ଫଳରେ ଶନିବାର ଧର୍ମଶାଳା ଅଞ୍ଚଳରେ ବନ୍ୟା ସାମାନ୍ୟ ହ୍ରାସ ପାଇବ ବୋଲି କୁହାଯାଉଛି। ଚଳିତ ବନ୍ୟା ଯୋଗୁ ବ୍ଲକ୍‌ର ଜେନାପୁର, କମାଗଡ଼, ଅଣ୍ଡିଆ, ମହିଶରା, ପାଖର, ଗଙ୍ଗାଧରପୁର, କୋଟପୁର, ପଟୁଣିଆ, ପାଟପୁର, ଅଭୟପୁର, ଅରେଇକଣା, କଣ୍ଟିଗଡ଼ିଆ ଆଦି ପଞ୍ଚାୟତର ଧାନ ଓ ପରିବା ଫସଲ ନଷ୍ଟ ହୋଇଥିବା ଚାଷୀ ବସନ୍ତ ପରିଡ଼ା, ନେତ୍ରାନନ୍ଦ ଦାସ, ବିଦ୍ୟାଧର ପରିଡ଼ା, ସୁନାକର ରାଉତ, ନିତ୍ୟାନନ୍ଦ ଦାସ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି। ଏନେଇ ଧର୍ମଶାଳା କୃଷି ଅଧିକାରୀ ସ୍ୱରାଜ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ବନ୍ୟାପାଣି ଛାଡ଼ିଲା ପରେ କ୍ଷୟକ୍ଷତି ଆକଳନ କରାଯିବ। ଏହାପରେ ଜଣାପଡ଼ିବ କେତେ ପରିମାଣର ଫସଲ ନଷ୍ଟ ହୋଇଛି।

# ଏନ୍‌ଏଚ୍‌ଏମ୍ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ନୈରାଶ୍ୟଜନକ

## ନିର୍ମାଣ ଦାୟିତ୍ୱ ନେବାକୁ ସିଡିଏମ୍‌ଓଙ୍କୁ ଅନୁରୋଧକଲେ ଆର୍‌ଡି ଅଧୀକ୍ଷଣ ଯନ୍ତ୍ରୀ

ଯାଜପୁର,୧୮।୭ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର ସମସ୍ତ ୧୦ ବ୍ଲକ୍ ଏବଂ ଗୋଟିଏ ପୌରାଞ୍ଚଳରେ ଆବଶ୍ୟକ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରକଳ୍ପ ଏଯାଏ ନିର୍ମାଣ ହୋଇପାରିନାହିଁ। ଏହାବାଦ୍ ଜିଲାରେ ଡାକ୍ତରଙ୍କ ଅଭାବ ସହ ମାନବସମ୍ବଳ ସମ୍ବନ୍ଧୀୟ ସମସ୍ୟା ରହିଥିଲେ ବି ଏହାର ସମାଧାନ ଦିଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେତେଟା ତତ୍ପରତା ପ୍ରକାଶ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏହିକ୍ରମରେ ଜିଲାର ଯାଜପୁର ଓ ବରୀ ବ୍ଲକରେ ୨୫ଟି ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ପ୍ରକଳ୍ପ ନିର୍ମାଣ କରିବାକୁ ଚତୁର୍ଦ୍ଦଶ ଅର୍ଥ କମିଶନ, ଷ୍ଟେଟ୍ ବଜେଟ ଏବଂ ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ(ଓଏମ୍‌ବିଏଡିସି) ପାଣ୍ଠିରୁ ୩୫ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ମଞ୍ଜୁର ହୋଇଛି। ହେଲେ ଉକ୍ତ ପ୍ରକଳ୍ପଗୁଡ଼ିକର ଅଗ୍ରଗତିକୁ ଦେଖିଲେ ସ୍ୱାସ୍ଥ୍ୟସେବା ପ୍ରତି ସେତେଟା ଆନ୍ତରିକତା ନ ଥିବା ମନେହେଉଛି।

ଓଏମ୍‌ବିଏଡିସି ପାଣ୍ଠିରୁ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକୁ ଦୂର କରିବାକୁ ଭିତ୍ତିଭୂମିର ବିକାଶ, ନିର୍ମାଣ କାର୍ଯ୍ୟ, ଯନ୍ତ୍ରପାତି ଇତ୍ୟାଦି ଯୋଗାଇଦେବାକୁ ନିଷ୍ପତ୍ତି ହୋଇଥିଲା। ଡାକ୍ତରଙ୍କ ଅଭାବକୁ ଦୃଷ୍ଟିରେ ରଖି ତଦାରଖ ପ୍ରାଧିକରଣ ପକ୍ଷରୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍‌ସି) ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଆୟୁଷ ଡାକ୍ତର ନିଯୁକ୍ତି ଦେବାକୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ବିଭାଗ ଏହି ଦିଗରେ କୌଣସି ଠୋସ୍ ପଦକ୍ଷେପ ନେଇ ନ ଥିଲା। ତେଣୁ ଓଏମ୍‌ବିଏଡିସି ଅଧୀନରେ ଥିବା ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରେ ପର୍ଯ୍ୟାପ୍ତ ଡାକ୍ତର ଏବଂ ମାନବସମ୍ବଳ ବିନା ଖଣି ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବାର ଉନ୍ନତି ଆଣିବା ଲକ୍ଷ୍ୟ ପୂରଣ ହୋଇପାରିଲା ନାହିଁ। ତଦାରଖ ପ୍ରାଧିକରଣ ପକ୍ଷରୁ ଆହୁରି କୁହାଯାଇଥିଲା ଯେ, ଦୁର୍ଗମ ସ୍ଥାନରେ ଡାକ୍ତରମାନେ ରହିବାକୁ ଅନିଚ୍ଛୁକ, ଯାହା ଗ୍ରାମାଞ୍ଚଳରେ ଡାକ୍ତର ଅଭାବର ଏକ ପ୍ରମୁଖ କାରଣ ଥିଲା। ତେଣୁ ବିଭାଗ ପକ୍ଷରୁ କ୍ଲଷ୍ଟର ହାଉସିଂ କନସେପ୍ଟ କରିବାକୁ ଓଏମ୍‌ବିଏଡିସି ବୈଠକରେ ପରାମର୍ଶ ଦିଆଯାଇଥିଲା। ଏଥିରେ ଡାକ୍ତରମାନେ ଏକ ପ୍ରମୁଖ ବ୍ଲକ ମୁଖ୍ୟାଳୟରେ ରହିବେ ଏବଂ ସେମାନଙ୍କୁ ଗ୍ରାମାଞ୍ଚଳର କାର୍ଯ୍ୟକ୍ଷେତ୍ରରେ ପହଞ୍ଚାଇବା ପାଇଁ ପରିବହନ ସୁବିଧା ଯୋଗାଇ ଦିଆଯିବ। ତଦାରଖ ପ୍ରାଧିକରଣ ଏହି ପ୍ରସ୍ତାବରେ ରାଜି ହୋଇଥିଲା। କିନ୍ତୁ ଯାଜପୁର ଜିଲାରେ ଏହି ପ୍ରସ୍ତାବ ଏଯାଏ କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ଏବେ ବି ଜିଲାର ଗ୍ରାମାଞ୍ଚଳବାସୀ ଡାକ୍ତରଙ୍କ ଅଭାବରୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ରହି ଆସୁଛନ୍ତି। ଏହିକ୍ରମରେ ୨୫ଟି ଏନ୍‌ଏଚ୍‌ଏମ୍ ପ୍ରକଳ୍ପ ମଧ୍ୟରୁ ମାତ୍ର ୮ଟି ପ୍ରକଳ୍ପ ଆରମ୍ଭ ହୋଇଛି। ବାକି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଅଧିକାଂଶ ଜମି ଚୂଡ଼ାନ୍ତ ହୋଇପାରିନାହିଁ। ସେଥିରେ ଯାଜପୁର ବ୍ଲକର ଅବଦଲପୁର, ବଡ଼କୁଟଳ, କାକୁଡ଼ିକୁଦ, ଖଇରାବାଦ, କପିଳେଶ୍ୱର, ଖଣ୍ଡରା ଓ ଜାଫରପୁର ଏବଂ ବରୀ ବ୍ଲକର ବରୀ, ଅମଠପୁର, ସେରପୁରରେ ସିଏଚଏମ୍ ପ୍ରକଳ୍ପ ପାଇଁ ଜମି ଚୂଡ଼ାନ୍ତ ହୋଇନାହିଁ। ଏହାବାଦ ବରୀ ବ୍ଲକର ମାଟିଆପଡ଼ା, ରମ୍ଭା, ଅଲିପୁର, ରତଳାଙ୍ଗ, କର୍ଣ୍ଣିଲ ଏବଂ ଯାଜପୁର ବ୍ଲକର ରୁଦ୍ରପୁର ଭଳି ଗ୍ରାମରେ ଜମି ଚୂଡାନ୍ତ ହୋଇ ସରିଥିଲେ ହେଁ ପ୍ରକଳ୍ପ ଆରମ୍ଭ ହୋଇନାହିଁ। ଉପରୋକ୍ତ ପ୍ରକଳ୍ପଗୁଡିକ ମଧ୍ୟରୁ ଅଧିକାଂଶ ୨୦୨୪ ଡିସେମ୍ବର ସୁଦ୍ଧା ସାରିବାକୁ ଧାର୍ଯ୍ୟ ହୋଇଥିଲେ ହେଁ ଏଯାଏ ପ୍ରାୟ ପ୍ଲିନ୍ଥ ଲେଭଲରେ ରହିଥିବା ସୂଚନା ମିଳିଛି।

ଅନ୍ୟ ଏକ ବିଡମ୍ବନାର ବିଷୟ ଯେ, ଗ୍ରାମ୍ୟ ନିର୍ମାଣ ବିଭାଗ ଏହାର ନିର୍ମାଣ ଦାୟିତ୍ୱରେ ରହିଥିଲେ ହେଁ ହାତ ଟେକି ଦେଇଥିବା ଭଳି ପତ୍ରରେ ଦର୍ଶାଯାଇଛି। ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ୧୫।୭।୨୦୨୫ରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍‌ଓ)ଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ଯାଜପୁର ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀମାନଙ୍କୁ ବହୁତ କାର୍ଯ୍ୟ କରିବାକୁ ଦାୟିତ୍ୱ ଦିଆଯାଇଛି। ଏହି ସମୟରେ ସମସ୍ତ ପ୍ରକଳ୍ପ ଦେଖିବାକୁ କଷ୍ଟକର ହେଉଛି। ତେଣୁ ଏନ୍‌ଏଚ୍‌ଏମ୍ ପ୍ରକଳ୍ପଗୁଡ଼ିକୁ ଧାର୍ଯ୍ୟ ସମୟରେ ଶେଷ କରିବାକୁ ନିଜେ ହାତକୁ ନିଅନ୍ତୁ ବୋଲି ସିଡିଏମଓଙ୍କୁ ଅନୁରୋଧ କରିଛନ୍ତି। ତେବେ ସିଡିଏମ୍‌ଓ ଜିଲାର ସ୍ୱାସ୍ଥ୍ୟ ବ୍ୟବସ୍ଥା ଦେଖିବେ ନା ଗୃହ ନିର୍ମାଣ ପ୍ରକଳ୍ପଗୁଡ଼ିକୁ ତଦାରଖ କରିବେ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଅର୍ଥ ଠକେଇ ମାମଲାରେ ଶିକ୍ଷକ ଗିରଫ

ବରୀ,୧୮।୭(ମହେନ୍ଦ୍ର ସ୍ୱାଇଁ)


କୁମାର ଶୁକ୍ଳ

ଅର୍ଥ ଠକେଇ ମାମଲାରେ ବରୀ-ରାମଚନ୍ଦ୍ରପୁର ଥାନା ପୋଲିସ ଶୁକ୍ରବାର ଜଣେ ଶିକ୍ଷକଙ୍କୁ ଗିରଫ କରି ବରୀପାଳ କୋର୍ଟଚାଲାଣ କରିଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆ ଯାଇଛି। ସମ୍ପୃକ୍ତ ଶିକ୍ଷକ ହେଲେ ବରୀ ଶିକ୍ଷା ମଣ୍ଡଳ ଅଧୀନ ଗମ୍ଭୁ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ କୁମାର ଶୁକ୍ଳ। ସେ କୃଷ୍ଣନଗରଠାରେ ଏକ ସୋସାଇଟି ଗଠନ କରି ସାଧାରଣ ଲୋକଙ୍କୁ ପ୍ରଭାବିତ କରୁଥିଲେ। ତାଙ୍କ ପାଖରେ ଅର୍ଥ ଜମା କଲେ ୫ ବର୍ଷରେ ତାହା ୨ ଗୁଣ ହେବ ବୋଲି କହୁଥିଲେ। ସମ୍ପୃକ୍ତ ସୋସାଇଟିର ସେ ସମ୍ପାଦକ ଥିବା ଦର୍ଶାଉଥିଲେ। ଜମାକାରୀଙ୍କଠାରୁ ଅର୍ଥ ଗ୍ରହଣ କରିବାବେଳେ ସେ ପ୍ରାପ୍ତି ସ୍ୱୀକାର ରସିଦ ପ୍ରଦାନ କରୁଥିଲେ। ମାତ୍ର ଜମା ରାଶିର ଅବଧି ଶେଷ ହେବା ପରେ ଜମାକାରୀ ଅର୍ଥ ଉଠାଣ ପାଇଁ ତାଙ୍କୁ ଯୋଗାଯୋଗ କରିଥିଲେ। ହେଲେ ସେ ଅର୍ଥ ମିଳିବାରେ ବିଳମ୍ବ ହେବ ବୋଲି ସେ କହିଥିଲେ। ଫଳରେ ସନ୍ଦେହ ପ୍ରକଟ କରି ୨୧/୦୫/୨୦୨୫ରେ ଜମାକାରୀ ସେରପୁର ଗ୍ରାମର ଅମିୟ ପାଣିଗ୍ରାହୀ, କୃଷ୍ଣନଗର ଗ୍ରାମର ମାନସୀ ମହାନ୍ତି, ଅଣିକଣା ଗ୍ରାମର କାଞ୍ଚନବାଳା ଜେନା ପ୍ରମୁଖ ଯାଜପୁର ଜିଲାପାଳ, ଜିଲା ଶିକ୍ଷାଧିକାରୀ ଓ ବରୀ-ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପ୍ରାୟ ୧ କୋଟି ଟଙ୍କା ସେ ଠକେଇ କରିଥିବା ଅଭିଯୋଗକାରୀ ଦର୍ଶାଇଥିଲେ। ପୋଲିସ ନଂ.୨୨୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ମହାନତା ଦେଖାଇ ପ୍ରଶଂସା ସାଉଣ୍ଟିଲେ ତରୁଣ

ବରୀ,୧୮।୭(ମହେନ୍ଦ୍ର ସ୍ୱାଇଁ)


ତରୁଣ କୁମାର ଦାସ

ଓଡ଼ିଶା ପୋଲିସରେ ଏସ୍‌ଆଇ ଭାବେ କାର୍ଯ୍ୟରତ ବରୀ ବ୍ଲକ୍ ଅଞ୍ଚଳର ତରୁଣ କୁମାର ଦାସ ଜଣେ ଆହତ ବ୍ୟକ୍ତିଙ୍କୁ ମେଡିକାଲରେ ଭର୍ତ୍ତି କରି ପ୍ରଶଂସା ସାଉଣ୍ଟିଛନ୍ତି। ଜୁନ୍ ୨୫ ପୁରୀ ରଥଯାତ୍ରା ସମୟରେ ବିଳମ୍ବିତ ରାତିରେ ଜଣେ ବ୍ୟକ୍ତି ଦୁର୍ଘଟଣାରେ ଆହତ ହୋଇ ରାସ୍ତାରେ ପଡ଼ିଥିଲେ। ଏହାଦେଖି ତୁରନ୍ତ ତାଙ୍କୁ ଉଦ୍ଧାର କରି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମ୍ପୃକ୍ତ ବ୍ୟକ୍ତି ସୁସ୍ଥ ହୋଇ ଘରକୁ ଫେରିଥିଲେ। ତରୁଣଙ୍କ ଏଭଳି ମହାନୀୟ କାର୍ଯ୍ୟକୁ ଅତିରିକ୍ତ ପୋଲିସ ନିର୍ଦ୍ଦେଶକ ସଂଜୀବ କୁମାର ପଣ୍ଡା ପ୍ରଶଂସା କରିଛନ୍ତି। ସେ ଏକ ପତ୍ର ମାଧ୍ୟମରେ ତରୁଣଙ୍କୁ ଶୁଭେଚ୍ଛା ଜଣାଇବା ସହ ଏଭଳି ସମାଜସେବାରେ ନିଜକୁ ନିୟୋଜିତ ରଖିବାକୁ ଉତ୍ସାହିତ କରିଛନ୍ତି। ତରୁଣ ନୌସେନା ଯବାନ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିବା ପରେ ବର୍ତ୍ତମାନ ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅଛନ୍ତି। ସେ ବରୀ ଅଞ୍ଚଳରେ ମଧ୍ୟ ବିଭିନ୍ନ ସେବା କାର୍ଯ୍ୟ କରନ୍ତି।

# ଚାନ୍ଦପୁର ଗ୍ରାମବାସୀଙ୍କ କ୍ୟାଣ୍ଡେଲ ଶୋଭାଯାତ୍ରା



ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାର ସଦଗତି ପାଇଁ ପାଣିକୋଇଲି ପଞ୍ଚାୟତର ଚାନ୍ଦପୁର ଗ୍ରାମବାସୀଙ୍କ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା।

ପାଣିକୋଇଲି,୧୮।୭(ବିକାଶ ମଲ୍ଲିକ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାର ସଦଗତି ପାଇଁ କୋରେଇ ବ୍ଲକ୍ ଅଧୀନ ପାଣିକୋଇଲି ପଞ୍ଚାୟତର ଚାନ୍ଦପୁର ଗ୍ରାମବାସୀଙ୍କ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ଗ୍ରାମର ଲକ୍ଷ୍ମୀନୃସିଂହ ମନ୍ଦିରରୁ ବାହାରି ବଜାର ପରିକ୍ରମା କରି ପାଣିକୋଇଲି ତାରିଣୀ ମନ୍ଦିର ଠାରେ ପହଞ୍ଚିଥିଲା। ଯୁବନେତା ପ୍ରୀତି ରଞ୍ଜନ ସାହୁ, ସୂର୍ଯ୍ୟମଣି ପଣ୍ଡା, ଜହର ଅଲ୍ଲି, ସୁଶାନ୍ତ ସାହୁ, ଅଜିତ ରାଉତ, ଦିଲୀପ ପରିଡ଼ା, ଅଜୟ ପରିଡ଼ା, ମନ୍ମଥ ପଣ୍ଡା, କଳ୍ପନା ପରିଡ଼ା, ମନୋଜ ପାଢ଼ୀ, କୁଳମଣି ମଲିକ, ବ୍ରଜ ସ୍ୱାଇଁ, ଅଶୋକ ପରିଡ଼ା, ମନପ୍ରା ପଣ୍ଡା, ଅନିଲ ରାଉତ, ଶଙ୍କର୍ଷଣ ପରିଡ଼ା, ପ୍ରହ୍ଲାଦ ପଣ୍ଡା ଓ ମନୋଜ ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

# ନିଖୋଜ ଛାତ୍ରୀଙ୍କ ମୃତଦେହ ମିଳିଲା

ସିଂହପୁର,୧୮।୭ (ଅନଙ୍ଗ ଉଦୟ ବେଉରିଆ)

ସିଂହପୁର ନିକଟବର୍ତ୍ତୀ ଆଳି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ସୁଧାଂଶୁ ଶେଖର ମିଶ୍ରଙ୍କ ଝିଅ ସସ୍ମିତା ଗୁରୁବାର ମଧ୍ୟାହ୍ନରେ ନଦୀକୁ ଡେଇଁ ପଡ଼ିଥିବାବେଳେ ଶୁକ୍ରବାର ତାଙ୍କ ମୃତଦହ ଜବତ କରାଯାଇଛି। ଗୁରୁବାର ଓଡ୍ରାଫ୍ ଟିମ୍ ଓ ବିଞ୍ଝାରପୁର ପୋଲିସ ଖୋଜାଖୋଜି ଜାରି ରଖିଥିଲେ, ହେଲେ ତାଙ୍କ ପତ୍ତା ମିଳି ନ ଥିଲା। ଶୁକ୍ରବାର ଅପରାହ୍ନରେ ନଦୀରେ ବୁଡ଼ିବାର ୩୦୦ ମିଟର ଦୂର ଚନ୍ଦନପୁର ଗ୍ରାମରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ପରେ ବିଞ୍ଝାରପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



ଶିକ୍ଷୟିତ୍ରୀ ସୁପ୍ରଭା ଜେନାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅନ୍ୟମାନେ।

ଧର୍ମଶାଳା,୧୮।୭(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ଅଧୀନ ନାକପୋଲସ୍ଥିତ ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ବିଜ୍ଞାନ ଶିକ୍ଷୟିତ୍ରୀ ସୁପ୍ରଭା ଜେନାଙ୍କ ବିଦାୟୀକାଳୀନ ସମ୍ବର୍ଦ୍ଧନାସଭା ଅନୁଷ୍ଠିତ ହୋଇଯାଇଛି।

ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷୟିତ୍ରୀ ଇନ୍ଦିରା ଗାଗରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ସିଡିଏମ୍‌ଓ ବିଜୟ କୁମାର ଶତପଥୀ ଯୋଗଦେଇ ଶିକ୍ଷୟିତ୍ରୀଙ୍କ ଗୁଣାବଳିର ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଧର୍ମଶାଳା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଇନ୍ଦୁପ୍ରଭା ସାମଲ ଯୋଗଦେଇ ଶିକ୍ଷୟତ୍ରୀଙ୍କ ଶିକ୍ଷାଦାନ ଓ କାର୍ଯ୍ୟଦକ୍ଷତା ଉପରେ ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଶାଳା ମଣ୍ଡଳ ଶିକ୍ଷାଧିକାରୀ ଅଭୟ ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଜୀବନରେ ବଡ଼ ସ୍ୱପ୍ନ ଦେଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସରପଞ୍ଚ ତ୍ରିଲୋଚନ ଜେନା, ମୋ ସ୍କୁଲ ଅଭିଯାନର ସଭାପତି ନିରଞ୍ଜନ ମିଶ୍ର, ଏସ୍‌ଏମ୍‌ସି ସଭାପତି ବେଣୁଧର ଦାସ, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଅବସରପ୍ରାପ୍ତ ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, ନବଘନ ମହାନ୍ତି, ଯୁଗଳ କିଶୋର ଦାସ, ସଦାଶିବ ଦାସ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କ ଛାତ୍ରବତ୍ସଳତା, ସମୟାନୁବର୍ତ୍ତିତା ଓ ଶିକ୍ଷାଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରମାନେ ଶିକ୍ଷୟିତ୍ରୀଙ୍କ ଗୁଣଗାନ କରିଥିଲେ। ଶିକ୍ଷକ ନାରାୟଣ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ଅକ୍ଷୟ ଦାସ ମଞ୍ଚ ସଞ୍ଚାଳନା କରିଥିଲେ। ଶିକ୍ଷୟିତ୍ରୀ ଜେନାଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ନରେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

# ବନ୍ୟାରେ ପରିବା ଫସଲ ନଷ୍ଟ

ଚଣ୍ଡିଖୋଲ,୧୮।୭(ପ୍ରଦୀପ୍ତ କୁମାର ପୃଷ୍ଟି)


ବନ୍ୟା ପାଣିରେ ବୁଡ଼ି ରହିଥିବା ଫସଲ।

ବିରୂପା, ଗେଙ୍ଗୁଟି ଓ କେଲୁଅ ନଦୀରେ ବନ୍ୟା ଆସିବା ପରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ପରିବା ଓ ଧାନ ଚାଷ ନଷ୍ଟ ହୋଇଛି। ଚାଷୀଙ୍କ ପୋଟଳ, ବାଇଗଣ, କଲରା, ଝୁଡୁଙ୍ଗ ଆଦି ଫସଲ ପାଣିରେ ବୁଡ଼ିଯାଇଛି। ୧ ସପ୍ତାହ ଧରି ଫସଲ ପାଣିରେ ବୁଡ଼ି ରହିବା ଦ୍ୱାରା ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବ୍ରାହ୍ମଣୀରେ ବନ୍ୟା ଆସିବା ଦ୍ୱାରା ଏହାର ଶାଖା ନଦୀ କେଲୁଅରେ ବନ୍ୟା ଜଳ ପ୍ରବାହିତ ହୋଇଥିଲା। କେଲୁଅ ନଦୀ ବିରୂପା ଓ ଗେଙ୍ଗୁଟି ସହ ଏହି ବ୍ଲକ ଅନ୍ତର୍ଗତ ଖଡ଼ଗପୁରଠାରେ ମିଶି ଯାଇଥିବାରୁ ୩ଟି ନଦୀରେ ବନ୍ୟା ଜଳ ଆସିଥିଲା। ପୂର୍ବରୁ ଲଗାଣ ବର୍ଷା ଯୋଗୁ ନଦୀର ଜଳସ୍ତର ବୃଦ୍ଧି ପାଇ ପୂର୍ଣ୍ଣ ହୋଇଥିବାବେଳେ ୪ ଦିନ ଧରି ବନ୍ୟା ଜଳ ବୃଦ୍ଧି ପାଇଛି।

# ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ବିଭାଗ କାର୍ଯ୍ୟ ସମୀକ୍ଷା


ସମୀକ୍ଷା ବୈଠକରେ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ସହ ଅନ୍ୟ ଅଧିକାରୀମାନେ।

ବିଞ୍ଝାରପୁର,୧୮।୭(ରାମକୃଷ୍ଣ ଦାସ)

ବିଞ୍ଝାରପୁର ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ପୂର୍ବାହ୍ନରେ ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗର ବିଞ୍ଝାରପୁର ନିର୍ବାଚନମଣ୍ଡଳୀସ୍ତରୀୟ କାର୍ଯ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟିକା ପ୍ରମିଳା ମଲ୍ଲିକ ଅଧ୍ୟକ୍ଷତା କରି କହିଥିଲେ, ବିଭାଗୀୟ ଅଧିକାରୀମାନଙ୍କ ଆନ୍ତରିକ ଉଦ୍ୟମ ରହିଲେ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଲୋକଙ୍କ ପାଖରେ ଠିକ ଭାବେ ପହଞ୍ଚି ପାରିବ। ଏଥିସହତ ବିଧାୟିକା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗୀୟ ଅଧିକାରୀଙ୍କ ସହ ଉନ୍ନୟନ ମୂଳକ କାର୍ଯ୍ୟର ପ୍ରଗତି ତଥା କାର୍ଯ୍ୟକାରିତା ବିଷୟରେ ସମୀକ୍ଷା କରିଥିଲେ। ଏହାପରେ ଓରମାସ, ଓଡ଼ିଶା ଜୀବିକା ମିଶନ ଏବଂ ମିଶନ ଶକ୍ତି ପରିଚାଳିତ ଉଦ୍ୟୋଗଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଧାୟିକା ଅଧିକାରୀମାନଙ୍କୁ ଯୋଜନାଗୁଡ଼ିକର କ୍ଷେତ୍ରୀୟସ୍ତରରେ ଫଳପ୍ରସୂ ଓ ଦୃଶ୍ୟମାନ ଫଳାଫଳ ନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ପ୍ରତ୍ୟେକ ଯୋଜନାର ନିଜେ ତଦାରଖ କରି ବ୍ୟକ୍ତିଗତ ଭ୍ରମଣ କରିବାକୁ କହିଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ମଣ୍ଡଳ ଉନ୍ନୟନ ଅଧିକାରୀ ହିତାଂଶୁ ଶେଖର ସାମଲ, ବ୍ଲକଉପାଧ୍ୟକ୍ଷ ସେକ ଇର୍ସାଦ, ମିଶନ ଶକ୍ତି ଡିପିଏମ ସୀତାଂଶୁ ସାହୁଙ୍କ ସମେତ ସମସ୍ତ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତିର ଅଧିକାରୀମାନେ ଉପସ୍ଥିତଥିଲେ।

# ଗ୍ୟାସ୍ ଲାଇନ୍ ଯୋଗୁ ରାସ୍ତା ମରଣଯନ୍ତା

## ମରାମତି ନ କରି ଠିକାସଂସ୍ଥା ଫେରାର

ଯାଜପୁର,୧୮।୭ (ହର୍ଷବର୍ଦ୍ଧନ ବେହେରା)

ବ୍ୟାସନଗର ସହରର ରାସ୍ତାଗୁଡିକ ଗ୍ୟାସ ଲାଇନ ସଂଯୋଗ ପାଇଁ ବିପଦସଙ୍କୁଳ ହୋଇପଡ଼ିଛି। ଏନେଇ ଅଞ୍ଚଳବାସୀ ପୌର କର୍ତ୍ତୃପକ୍ଷଙ୍କୁ ଏକାଧିକ ଥର ଅଭିଯୋଗ କରିଥିଲେ ବି କିଛି ସୁଫଳ ମିଳି ପାରିନାହିଁ। ଏଠାରେ ସହରର ଗୋଶାଳା ଛକଠାରୁ ପ୍ଲଟ ଏରିଆ ପର୍ଯ୍ୟନ୍ତ ରାସ୍ତାକୁ ଉଦାହରଣ ଭାବେ ନିଆଯାଇପାରେ। କଂକ୍ରିଟ ରାସ୍ତା ଭାଙ୍ଗି ଗ୍ୟାସ ଲାଇନ ସଂଯୋଗ ପାଇଁ ବିଭିନ୍ନ ସ୍ଥାନରେ ଗାତ ଖୋଳି ଥିଲେ। ଏହାକୁ ଅଞ୍ଚଳବାସୀ ବିରୋଧ କରିଥିଲେ। ଏହାପରେ ସଂପୃକ୍ତ ଠିକାସଂସ୍ଥା କର୍ତ୍ତୃପକ୍ଷ ଗାତ ଖୋଳାଯିବା ସ୍ଥାନରେ କଂକ୍ରିଟ ଦେଇ ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ପାଇପ୍ ଲାଇନ୍ ପିଛା କାର୍ଯ୍ୟକୁ ପ୍ରାୟ ୪ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଉକ୍ତ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ ଦେଖା ମିଳୁନାହିଁ। ଫଳରେ ଗୋଶାଳାଠାରୁ ପ୍ଲଟ ଅଞ୍ଚଳ ରାସ୍ତାର ଏକାଧିକ ସ୍ଥାନରେ ବଡ ଗାତ ସୃଷ୍ଟି ହୋଇ ସାଧାରଣ ଲୋକଙ୍କ ପାଇଁ ବିପଦ ହେଉଛି। ଏହି ରାସ୍ତା ଦେଇ ଅନେକ ବ୍ୟାସ ସରୋବର ପର୍ଯ୍ୟଟନସ୍ଥଳୀ ଯାଇଥାନ୍ତି। ଏହାବାଦ ବାଣିଜ୍ୟ ମେଳା ସମୟରେ ଏହି ମାତ୍ର ଗୋଟିଏ ରାସ୍ତା ଉପରେ ଲୋକେ ନିର୍ଭର କରିଥାନ୍ତି। ଏପରି କି ସାଇ ମନ୍ଦିର ନିକଟ ରେଲୱେ ଫାଟକକୁ ମଧ୍ୟ ଏହି ରାସ୍ତା ଦେଇ ଲୋକେ ଯାତାୟତ କରୁଛନ୍ତି। କିନ୍ତୁ ବଡ ଗାତ ଯୋଗୁ ଅନେକ ସମୟରେ ଦୁର୍ଘଟଣା ହେଉଥିବା ଦେଖିବାକୁ ମିଳିଛି। ତେଣୁ ତୁରନ୍ତ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


ରାସ୍ତା ମରାମତି ହୋଇନି।

**ଉଚ୍ଛେଦ ପାଇଁ ବଣିକ ସଂଘର ତହସିଲଦାରଙ୍କୁ ଦାବିପତ୍ର**

ରାଜକନିକା,(ରବୀନ୍ଦ୍ର କୁମାର ଦାସ): ରାଜକନିକା ବ୍ଲକ ଅନ୍ତର୍ଗତ ଓଳାଭର ବଜାର ଜୁଲାଇ ୨୨ରେ ଜବରଦଖଲ ଉଚ୍ଛେଦ ପାଇଁ ତାଗିଦ ନୋଟିସ ହୋଇଥିଲା। ଶୁକ୍ରବାର ଓଳାଭର ବଣିକ ସଂଘ ପକ୍ଷରୁ କନିକା ତସିଲଦାରଙ୍କୁ ଓଳାଭର ବଜାର ପୁର୍ନବାର ମାପ ଓ ଉଚ୍ଛେଦ ପ୍ରକ୍ରିୟାକୁ ସ୍ଥଗୀତ ରଖିବାକୁ ଦାବିପତ୍ର ଦିଆଯାଇଛି। ବଣିକ ସଂଘର ଉମାକାନ୍ତ ପାଗଳ, ଅଶୋକ ପୃଷ୍ଟି, ପ୍ରଭାକର ନାୟକ, ପ୍ରବୀର ବିହାରୀ, କିଶୋର ନାୟକ, ସରୋଜ ଦାସ, କୃତିବାସ ସାହୁ, ରାଜେନ୍ଦ୍ର ପରିଡା, ସତ୍ୟମାନୁ ପାତ୍ର ପ୍ରମୁଖ କନିକା ତସିଲଦାର ଭାନୁମତି ମାଝୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହିତ ବିନମ୍ର ନିବେଦନ କରିଥିବା ଦେଖିବାକୁ ମିଳିଥିଲା।

# ବନ୍ୟାପାଣିରେ କୁମ୍ଭୀର, ଲୋକେ ଭୟଭୀତ

## ତଳିଆ ଅଞ୍ଚଳରେ ଏବେବି ଘେରି ରହିଛି ବର୍ଷା, ବନ୍ୟାଜଳ

## ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ସର୍ପାଘାତ ଚିକିତ୍ସା ଦାବି

କେନ୍ଦ୍ରାପଡ଼ା, ୧୮।୭ (ଜଗନ୍ନାଥ ଧଳ)

ଲଗାଣ ବର୍ଷା ଓ ବନ୍ୟା ଜଳ କେନ୍ଦ୍ରାପଡ଼ା ଜିଲାରେ ସରୀସୃପ ଆତଙ୍କ ସୃଷ୍ଟି କରିଛି। ବ୍ରାହ୍ମଣୀ ନଦୀର ବନ୍ୟାଜଳ କେନ୍ଦ୍ରାପଡ଼ା ବ୍ଲକର ଘାଘରା ସମେତ ବିଭିନ୍ନ ସ୍ଥାନରେ ଉଚ୍ଛୁଳିଛି। ଏହି ବ୍ଲକ ଅଞ୍ଚଳର ଚଉଦକୁଲାଟ ଅଞ୍ଚଳରେ କୁମ୍ଭୀର ଦେଖିବାକୁ ମିଳିଛି। ପ୍ରାୟ ୮ ଫୁଟ ଲମ୍ବର କୁମ୍ଭୀର ଏଠାରେ ଦେଖାଯାଇଥିବା ବେଳେ ନିକଟସ୍ଥ ସିଂହଗାଁ ଅଞ୍ଚଳରେ ପ୍ରବାହିତ କଣ୍ଟିଆ ନାଳରେ ୨ରୁ ଅଧିକ କୁମ୍ଭୀର ଆତଯାତ ହେଉଛନ୍ତି। ଏହାକୁ ନେଇ ବନ୍ୟା ପାଣି ଘେରରେ ରହିଥିବା ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ୨୦୨୩-୨୪ ବର୍ଷରେ କେନ୍ଦ୍ରାପଡ଼ା ଜିଲାରେ କୁମ୍ଭୀର ଆକ୍ରମଣରେ ୯ ଜଣଙ୍କ ଜୀବନ ଯାଇଥିଲା। ଗତ ଜୁନରେ ଓଳାଭରର କାଜୋଲ ମହାନ୍ତିଙ୍କ ଜୀବନ ଯାଇଛି। ଏଥିସହିତ ନଦୀକୂଳ ଅଞ୍ଚଳର ପୋଖରୀ, ଗଡିଆରୁ କୁମ୍ଭୀର ଉଦ୍ଧାର ହୋଇଛି। ଗୋବରୀ, ପାଇକା, ବ୍ରାହ୍ମଣୀ, କଣ୍ଟିଆ ଆଦି ନାଳ ଓ ନଦୀରେ କୁମ୍ଭୀର ଭାସୁଥିବା ସ୍ଥାନୀୟ ଅଞ୍ଚଳବାସୀ ଦେଖିଛନ୍ତି। ଏହି କାରଣରୁ ଜିଲାର ବିଭିନ୍ନ ନଦୀର କୂଳ ଅସୁରକ୍ଷିତ ହୋଇପଡିଛି। ଅପରପକ୍ଷରେ ବର୍ଷାଋତୁ ପାଇଁ ଉପାନ୍ତ ଅଞ୍ଚଳର ଜଳ ବନ୍ଦୀ ଘେରରେ ଥିବା ଗ୍ରାମଗୁଡିକରେ ବିଭିନ୍ନ ବିଷଧର ସାପ ଦେଖିବାକୁ ମିଳୁଛି। ବର୍ଷା ଓ ବନ୍ୟାଜଳରେ ନଷ୍ଟ ହୋଇଥିବା କଚ୍ଚା ଘରେ ସାପ ଦେଖିବାକୁ ମିଳୁଥିବାବେଳେ ସର୍ପାଘାତ ରୋଗୀଙ୍କ ସଂଖ୍ୟା ବଢୁଛି। ଗ୍ରାମାଞ୍ଚଳର ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ ବିଷରୁ ରକ୍ଷା ପାଇଁ ଇଞ୍ଜେକଶନ ରଖିବାକୁ ଦାବି ହୋଇଛି।

ଏ ସମ୍ପର୍କରେ ମହାକାଳପଡ଼ାର ହରେକୃଷ୍ଣ ପାତ୍ର କହିଛନ୍ତି, ଲଗାଣ ବର୍ଷା ଓ ବନ୍ୟାଜନିତ ପାଣି ଉପାନ୍ତ ଅଞ୍ଚଳବାସୀଙ୍କ ସ୍ୱାଭାବିକ ଜୀବନଯାତ୍ରାକୁ ବ୍ୟାହତ କରିଛି। ପାନୀୟ ଜଳ, ଚାଷ, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଥିବାବେଳେ ଏବେ ସରୀସୃପ ଆତଙ୍କ ଖେଳିଯାଇଛି। ଦୀର୍ଘଦିନ ଧରି ପାଣି ଜମି ରହିବା ଫଳରେ ନିକଟସ୍ଥ ଭିତରକନିକା ଅଞ୍ଚଳରୁ ସରୀସୃପ ଗ୍ରାମ ମଧ୍ୟକୁ ପଶି ଆସୁଛନ୍ତି। ନଦୀ, ନାଳ, ପୋଖରୀ ଏପରିକି ଚାଷ ଜମିରେ ଏବେ କୁମ୍ଭୀର ଦେଖାଯାଉଛନ୍ତି। କିଛିଦିନ ପୂର୍ବେ ଏହି ଅଞ୍ଚଳରେ ୯ ଫୁଟ ଲମ୍ବର କୁମ୍ଭୀର ଉଦ୍ଧାର ହୋଇଛି। ଅପରପକ୍ଷରେ ବର୍ଷା ଓ ବନ୍ୟା ପାଇଁ ବିଷଧର ସାପ ଗ୍ରାମ ମଧ୍ୟରେ ଦେଖାଯାଉଛନ୍ତି। ଆଳି, ରାଜନଗର, ରାଜକନିକା, ପଟ୍ଟାମୁଣ୍ଡାଇ, ମହାକାଳପଡ଼ା, ମାର୍ଶାଘାଇ, ଗରଦପୁର ବ୍ଲକ ଅଞ୍ଚଳରେ ସାପ ଦେଖାଯିବା ସମସ୍ୟା ଗୁରୁତର ହୋଇଛି। ସର୍ପାଘାତରେ କେତେକଙ୍କ ଜୀବନ ମଧ୍ୟ ଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁର ରମେଶ ମଲ୍ଲିକ କହିଛନ୍ତି, ବିଭିନ୍ନ ନଦୀରେ ବନ୍ୟା, ବର୍ଷା ପାଇଁ କୁମ୍ଭୀର ଓ ସାପ ଦେଖା ଦେଇଥିବାରୁ ଧୋୟାଞ୍ଚଳରେ ଆତଙ୍କ ଖେଳିଯାଇଛି। ଗତ ୩ ମାସ ମଧ୍ୟରେ କୁମ୍ଭୀର ଟାଣି ନେଇଥିବାରୁ ୨ଟି ଗାଈର ଜୀବନ ଯାଇଛି। ଏବେ ସିଂହଗାଁ ସମେତ ବଡରାଉଳିଆ, ସାନରାଉଳିଆ ଆଦି ଗ୍ରାମର କଚ୍ଚା ଘରେ ବିଷଧର ସର୍ପ ଦେଖାଯାଉଛନ୍ତି।

ବିଶେଷକରି ସନ୍ତସନ୍ତିଆ ଘରଗୁଡିକରେ ଏସବୁ ଦେଖା ଦେଉଥିବାରୁ ରାତିରେ ଯାତାୟାତ ବନ୍ଦ ସହ ପରିବାର ସଦସ୍ୟ ରାତି ଅନିଦ୍ରା ହେଉଛନ୍ତି। ଏ ସମ୍ପର୍କରେ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ପ୍ରତ୍ୟେକ ସିଏଚସିକୁ ସାପ କାମୁଡ଼ା ଇଞ୍ଜେକଶନ ଯୋଗାଇ ଦିଆଯାଇଛି। ସର୍ପାଘାତ କ୍ଷେତ୍ରରେ କେତେକ ସତର୍କତା ଅବଲମ୍ବନ କରିବାକୁ ପଡିବ। ସାପ କାମୁଡ଼ି ଥିବା ବ୍ୟକ୍ତିକୁ ଆଶ୍ୱାସନା ଦିଅନ୍ତୁ। କାମୁଡ଼ି ଥିବା ସ୍ଥାନରେ ପିନ୍ଧିଥିବା ମୁଦି, ଘଣ୍ଟା, ବ୍ରତ, ପାଉଁଜି ଆଦି ଖୋଲି ଦେବା ଆବଶ୍ୟକ। ତୁରନ୍ତ ଡାକ୍ତରଖାନା ନେବା ଜରୁରୀ। ସେହିପରି ଏହି ସମୟରେ ଆଦୌ ଡରିବା ବା ବିଚଳିତ ହେବା ଉଚିତ ନୁହେଁ। ରୋଗୀକୁ ଚଲାବୁଲା ବା କାମ କରିବାକୁ ନ ଦେଇ ଟେକିଟେକି ନେବା ଦରକାର। କ୍ଷତ ସ୍ଥାନକୁ ଧୁଅନ୍ତୁ ନାହିଁ କିମ୍ବା ବରଫ, ବିଦ୍ୟୁତ୍ ସକ୍ ଦିଅନ୍ତୁ ନାହିଁ। ଅଧିକାଂଶ ସମୟରେ ସାପ ବିଷ ଉପରକୁ ଚଢ଼ିଯିବା ଭୟରେ କ୍ଷତସ୍ଥାନକୁ ସୁତୁଲି, କତା ଦଉଡି, କଟା ରବର ଟ୍ୟୁବ, ବିଦ୍ୟୁତ୍ ତାରରେ ବାନ୍ଧି ଦେଉଥିବା ଲକ୍ଷ୍ୟ କରାଯାଉଛି। ଏହାର କୌଣସି ଆବଶ୍ୟକତା ନାହିଁ। ବ୍ଲେଡ ଓ ଛୁରିରେ କ୍ଷତସ୍ଥାନକୁ କାଟନ୍ତୁ ନାହିଁ। ଏହି ସମୟରେ ଖାଦ୍ୟ ପଦାର୍ଥ କିମ୍ବା ନିଶାଦ୍ରବ୍ୟ ବ୍ୟବହାର ରୋଗୀର କ୍ଷତି ପହଞ୍ଚାଇପାରେ। ସବୁ ସାମୁଦ୍ରିକ ସାପ ବିଷଧର ବୋଲି ସେ କହିଛନ୍ତି। କୁମ୍ଭୀର ଆତଙ୍କ ସମ୍ପର୍କରେ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ କୁମ୍ଭୀର ପ୍ରତି ସାବଧାନ ରହିବାକୁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି ବୋଲି ସେ କହିଛନ୍ତି।



ପାଟଶାଳ ନଦୀ ଘାଟରେ କୁମ୍ଭୀର ସୁରକ୍ଷା ଲାଗି ଲାଗିଥିବା ତାର ବାଡ।

# ବନ୍ୟାଘେରରେ ୨୦ରୁ ଅଧିକ ଗାଁ



ବିଧାୟକ ଧ୍ରୁବ ସାହୁ ବନ୍ୟା ଘେରରେ ଥିବା ଲୋକଙ୍କୁ ଭେଟୁଛନ୍ତି।

## ବନ୍ୟା ବିପନ୍ନଙ୍କୁ ରିଲିଫ ଯୋଗାଇବାକୁ ଦାବି

ରାଜନଗର,୧୮।୭ (ଭାସ୍କର ରାଉତରାୟ)

ରାଜନଗର ଅଞ୍ଚଳରେ ବନ୍ୟା ପରିସ୍ଥିତି ଦିନକୁଦିନ ଉଦ୍‌ବେଗଜନକ ହେବାରେ ଲାଗିଛି। ୪ ପଞ୍ଚାୟତରେ ଥିବା ଗାଁ ଓ ଚାଷଜମିରେ ବନ୍ୟା ଜଳ ଲହଡି ଭାଙ୍ଗୁଛି। ରାଜନଗର ବ୍ଲକର ବନ୍ଧପଡା, ଓସ୍ତିଆ, ବେଲପାଳ, ରାଜପୁର ପଞ୍ଚାୟତ ପାଣି ଘେରରେ ରହିଛି। ଦୈନିକ ବନ୍ୟା ପାଣି ବଢୁଥିବାରୁ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ୨୦ରୁ ଅଧିକ ଗାଁ ରାସ୍ତା ଉପରେ ୪ରୁ ୬ ଫୁଟର ବନ୍ୟା ପାଣି ଚାଲୁଛି। ବିଶେଷ କରି ନଗଡ ଗାଁର ୩୦୦ ପରିବାର ୮ ଦିନ ହେଲା ପାଣି ଘେରରେ ଅଛନ୍ତି। ପ୍ରଶାସନ ପକ୍ଷରୁ ଆଜି ଯାଏଁ ବିପନ୍ନଙ୍କ ନିକଟରେ ରିଲିଫ ସାମଗ୍ରୀ ପହଞ୍ଚି ପାରିନାହିଁ। ଶୁକ୍ରବାର ରାଜନଗର ବିଧାୟକ ଧ୍ରୁବ ସାହୁ ବ୍ଲକର ବନ୍ଧପଡ଼ା, ଫିରିକିଦାଣ୍ଡି, ଚକିବାଙ୍କ, ଓସ୍ତିଆ, ନଗଡ଼, ବାନ୍ଧପାଟଣା, ତଳଓସ୍ତିଆ ପ୍ରଭୃତି ଗାଁର ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ଦେଖିବା ସହ ତୁରନ୍ତ ସେମାନଙ୍କୁ ୭ ଦିନ ପାଇଁ ରିଲିଫ, ଗୋ ଖାଦ୍ୟ, ପାଣି ପାଉଚ ଏବଂ ଔଷଧ ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ବିଧାୟକ ସାହୁ ଙ୍କ ସହିତ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ବିଡିଓ ଅନିରୁଦ୍ଧ ବେହେରା, ସରପଞ୍ଚ ବୈଦେହୀ ଦାସ, ବିଜୟ ନାୟକ, ବୈବର୍ତ୍ତ ବିଶ୍ୱାଳ ପ୍ରମୁଖ ବନ୍ୟାଞ୍ଚଳ ଗସ୍ତ କରି ବିପନ୍ନଙ୍କ ସହିତ ଆଲୋଚନା କରିଥିଲେ।

# ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ



ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଓ ଅନ୍ୟମାନେ ନଦୀବନ୍ଧ ବୁଲି ଦେଖୁଛନ୍ତି।

## ସମଲ ବ୍ୟାରେଜରୁ ୬ ଗେଟ ଦେଇ ବନ୍ୟାଜଳ ନିଷ୍କାସିତ

ଡେରାବିଶ, ୧୮।୭ (ବେବର୍ତ୍ତା ଅଜୟ ଦାସ)

ଲଘୁଚାପଜନୀତ ବର୍ଷା ପରେ ମଙ୍ଗଳବାରଠାରୁ ବ୍ରାହ୍ମଣୀ ନଦୀରେ ବନ୍ୟାଜଳ ବୃଦ୍ଧି ହେତୁ ଏହାର ଶଖା ବିରୂପା ନଦୀରେ ବନ୍ୟା ସ୍ଥିତି ଉପୁଜିଛି। ଏହାକୁ ନେଇ ଡେରାବିଶ ବ୍ଲକର ଛୋଟି, ମଙ୍ଗଳପୁର ଓ ବେଣିପୁର ପଞ୍ଚାୟତ ନଦୀ କୁଳିଆ ଜନସାଧାରଣ ପ୍ରଭାବିତ ହୋଇଛନ୍ତି। ଶୁକ୍ରବାର ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ତଥା ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀ ଅବବାହିକା ପରିଚାଳକ ବିଘ୍ନରାଜ ପଟେଲ ବନ୍ୟା ଅଞ୍ଚଳ ପରିଦର୍ଶନ କରିଛନ୍ତି। ବେଣିପୁରଠାରେ ପହଞ୍ଚି ବନ୍ୟା ସ୍ଥିତି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଥିଲେ। ମୁଖ୍ୟଯନ୍ତ୍ରୀ ପଟେଲ ବେଣିପୁରଠାରୁ ଛୋଟି ପର୍ଯ୍ୟନ୍ତ ବିରୂପା ନଦୀ ବନ୍ଧ ବୁଲି ଦେଖିବା ସହ କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳକୁ ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ, ସହକାରୀ ଯନ୍ତ୍ରୀ ନବୀନ କିଶୋର ପାଣିଗ୍ରାହୀ, ଚନ୍ଦନଗର ସେକସନ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ଶତପଥୀ, କନିଷ୍ଠ ଯନ୍ତ୍ରୀ ଗୋରାଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମଙ୍ଗଳବାର ଅପରାହ୍ନ ସୁଦ୍ଧା ରେଙ୍ଗାଲିଠାରେ ୩ଟି ଗେଟ ଖୋଲାଯାଇଥିବା ବେଳେ ସମଲ ବ୍ୟାରେଜରୁ ୯ଟି ଗେଟ ଦେଇ ୨ଲକ୍ଷ ୨୦ ହଜାର ଘନଫୁଟ ବନ୍ୟାଜଳ ବ୍ରାହ୍ମଣୀ ଓ ତାହାର ଶାଖା ନଦୀରେ ଛଡାଯାଇଥିଲା। ମାତ୍ର ଶୁକ୍ରବାର ୩ଟା ସୁଦ୍ଧା ସମଲ ବ୍ୟାରେଜରେ ୩ଟି ଗେଟ ବନ୍ଦ କରାଯିବା ଦ୍ୱାରା ୬ଟି ଗେଟ ଦେଇ ୧ଲକ୍ଷ ୨୦ ହଜାର ଘନଫୁଟ ପାଣି ଛଡାଯାଉଛି। ଏହି ବନ୍ୟାଜଳ କ୍ରମଶଃ ବିରୂପାରେ ହ୍ରାସ ପାଇବାରେ ଲାଗିଥିବାରୁ ନଦୀକୁଳିଆ ଜନସାଧାରଣ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।

# ବନ୍ୟାଘେରରେ ଆଳି ବ୍ଲକରେ ୬୫ ହଜାର ଲୋକ

## ଜିଲା ପ୍ରଶାସନ, ରାଜ୍ୟ ସରକାର ନୀରବଦ୍ରଷ୍ଟା: ବିଧାୟକ

ଆଳି,୧୮।୭ (ବନମାଳୀ ସେନାପତି)

ଆଳି ବ୍ଲକରେ ୧୪ ତାରିଖଠାରୁ ୬୫ ହଜାର ଲୋକ ବନ୍ୟା ପାଣି ଘେରରେ ରହିଛନ୍ତି। ବନ୍ୟା ବିପନ୍ନ ଲୋକଙ୍କ ନିକଟରେ ପ୍ରଶାସନ କି ସହାୟତା କିଛି ପହଞ୍ଚି ନାହିଁ। ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଏଭଳି ଘଟଣାକୁ ଅଣଦେଖା କରୁଛନ୍ତି ବୋଲି ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ କହିଛନ୍ତି। ଗୁରୁବାର ଆଳି ବ୍ଲକ ଧୋୟାଞ୍ଚଳର ବନ୍ୟା ପ୍ରପୀଡିତ ଅଞ୍ଚଳ ପରିଦର୍ଶନ କରି ଫେରିବା ପରେ ସମ୍ମିଳନୀ କରି ବିଧାୟକ ଦେବ ଏହା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଆଳି ବ୍ଲକର ଧୋୟାଞ୍ଚଳର ୧୧ ପଞ୍ଚାୟତ ସଂସିଧା, ପେତପଡା, ପାଳିମୀ, ଏରଡଙ୍ଗ, ଦେସାହି, ଗୋବିନ୍ଦପୁର, ଜୁଆଣିଆ, ଅରଗଳ, କେନ୍ଦୁଆପାଳ, ଡିମିରିପାଳ ଓ ପଦ୍ମିନିପାଳ ପଞ୍ଚାୟତ ସହ ଆଳି ରିଙ୍ଗବନ୍ଧକୁ ବାହାର ପାର୍ଶ୍ୱରେ ଲାଗିଥିବା ନରେନ୍ଦ୍ରପୁର, ପତ୍ରପୁର, ମାଣିକପାଟଣା, ବଡାମ୍ବିଳା, ଦଶିପୁର, କୋଳିଡ଼ିହ, ଦେମାଳ,ବାଳକାଟି ପଞ୍ଚାୟତର କେତେକ ଗ୍ରାମ ୭୨ ଘଣ୍ଟାରୁ ଅଧିକ ସମୟ ହେଲା ଜଳବନ୍ଦୀ ଭାବେ ରହିଛି। ଆଳି ଧୋୟାଞ୍ଚଳର ଲୋକମାନେ ସପ୍ତାହେ ହେବ ବାହ୍ୟଜଗତରୁ ବିଚ୍ଛିନ୍ନ ହେଲେଣି। ସେହି ଅଞ୍ଚଳକୁ ଯୋଗାଯୋଗର ଏକମାତ୍ର ମାଧ୍ୟମ ମାନପୁର-ଗୋବିନ୍ଦପୁର ରାସ୍ତାରେ ବନ୍ୟାଜଳ ପ୍ରବାହିତ ହେଉଛି। ଲୋକମାନଙ୍କ ଗତାଗତ ପାଇଁ କୌଣସି ଡଙ୍ଗାର ବ୍ୟବସ୍ଥା କରାଯାଇ ନାହିଁ। ସେହିପରି ଧୋୟାଞ୍ଚଳ ଲୋକମାନଙ୍କ ବିଭିନ୍ନ ପଞ୍ଚାୟତକୁ ସଂଯୋଗ କରୁଥିବା ମାନପୁର-ଠାକୁରପାଟଣା ରାସ୍ତା, ମାହାରାକୁଳ-ଅରଗଳ ରାସ୍ତା, ଗୋବିନ୍ଦପୁର-ପେତପଡା ରାସ୍ତା, କେନ୍ଦୁଆପାଳ-ଗଣେଶ୍ୱରପୁର ରାସ୍ତା, ମଦନଗିରି-ଠାକୁରପାଟଣା ରାସ୍ତା, ସିଂହଗା- କୁସୁମୀ ରାସ୍ତା, ଗୋବିନ୍ଦପୁର-ଠାକୁରପାଟଣା ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ଗୋଟିଏ ଗ୍ରାମରୁ ଅନ୍ୟ ଗ୍ରାମକୁ ଯାତାୟାତ ଠପ୍ ହୋଇଯାଇଛି। ନଳକୂପ ଓ ଜଳ ଯୋଗାଣ ଷ୍ଟାଣ୍ଡପୋଷ୍ଟ ଗୁଡିକ ବନ୍ୟାଜଳରେ ବୁଡିଯାଇଥିବାରୁ ଲୋକମାନେ ପିଇବା ପାଇ ପାଣି ପାଉନାହାନ୍ତି। ଲୋକମାନେ ଏଭଳି ବିଷମ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ଜିଲା ପ୍ରଶାସନ ଏପର୍ଯ୍ୟନ୍ତ ବିପନ୍ନଙ୍କ ପାଖରେ ପହଞ୍ଚି ପାରିନାହିଁ। ସରକାର ଏପରି ସମୟରେ ନିଦାବିଷ୍ଟ ନ ସାଜି ଲୋକମାନଙ୍କୁ ସାହାଯ୍ୟର ସମସ୍ତ ସୁବନ୍ଦୋବସ୍ତ କରିବାକୁ ଆଗେଇ ଆସିବା ଉଚିତ ବୋଲି ସେ କହିଛନ୍ତି। ତୁରନ୍ତ ବନ୍ୟାବିପନ୍ନ ଲୋକମାନଙ୍କୁ ଶୁଖିଲା ଖାଦ୍ୟ, ଗୋରୁମାନଙ୍କ ପାଇ ଗୋଖାଦ୍ୟ ଓ ରିଲିଫ ଯୋଗାଇ ଦେବାକୁ ବିଧାୟକ ଦେବ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରେ ବନ୍ୟା ବିପନ୍ନଙ୍କ ପାଖକୁ ଗୋଖାଦ୍ୟ କିଛି ପଠାଯାଇଛି। ଆମେ ଜିଲା ପ୍ରଶାସନ ସହ ଯୋଗାଯୋଗରେ ଅଛୁ। ଯେତେବେଳେ ଆମ ପାଖରେ ଯାହା ନର୍ଦ୍ଦେଶ ପହଞ୍ଚିବ ସେହିଭଳି କାର୍ଯ୍ୟ କରିବୁ। ଯାତାୟାତ ନିମନ୍ତେ କେତେଗୋଟି ପଞ୍ଚାୟତକୁ ଆମେ ଡଙ୍ଗା ଯୋଗାଇ ଦେଇଛୁ। ଶୁକ୍ରବାର ଅପରାହ୍ନ ସୁଦ୍ଧା ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ଜଳସ୍ତର ବିପଦ ସଙ୍କେତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଥିବା ଜଣାପଡିଛି।



ଖବରଦାତା ସମ୍ମିଳନୀରେ ବିଧାୟକ ପ୍ରତାପ କେଶରୀ ଦେବ ଓ ଅନ୍ୟମାନେ।

# ପିକରାଳି ଗ୍ରାମରେ ବିକ୍ରି ହେଉଛି ନକଲି ଔଷଧ

ମାର୍ଶାଘାଇ, ୧୮।୭ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ପିକରାଳି ଗ୍ରାମରେ ନକଲି ଔଷଧ ବିକ୍ରି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜଣେ ବ୍ୟକ୍ତି ନିଜକୁ ଚିକିତ୍ସକ କହି ଔଷଧ ବିକ୍ରି କରୁଥିବା ବେଳେ ଗ୍ରାମାଞ୍ଚଳର ଗରିବ ଅସହାୟ ରୋଗୀମାନେ ଏହାକୁ ଖାଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ସହ ମୃତ୍ୟୁମୁଖରେ ପଡୁଛନ୍ତି। ଏ ସମ୍ପର୍କରେ ଗ୍ରାମର ଯୁବ ଗୋଷ୍ଠୀ କେନ୍ଦ୍ରାପଡ଼ା ଜିଲାପାଳଙ୍କ ସମେତ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତେବେ ବାରମ୍ବାର ଜିଲା ଡ୍ରଗ୍ସ ଅଧିକାରୀଙ୍କୁ ଅଭିଯୋଗ ପରେ ସୁଫଳ ମିଳି ନ ଥିବା ସାମାଜିକ କର୍ମୀ ମୃତ୍ୟୁଞ୍ଜୟ ଚୌଧୁରୀ, ସରୋଜ ପରିଡ଼ା, ଅନାଦି ବେହେରା, ଏଲିନା ଓଝା, ମଧୁସ୍ମିତା ମହାନ୍ତି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମନୋରଞ୍ଜନ ରାଉତଙ୍କୁ ପଚାରିବାରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ବନ୍ୟାଞ୍ଚଳରେ ସ୍ୱାସ୍ଥ୍ୟସେବା

ରାଜନଗର,୧୮।୭ (ଭାସ୍କର ରାଉତରାୟ)

ରାଜନଗର ବ୍ଲକର ଧୋୟାଞ୍ଚଳ ବିଶେଷକରି ବନ୍ଧପଡ଼ା ପଞ୍ଚାୟତର ଦାଣ୍ଡି, ସନ୍ଥପଡା, ଗୋବିନ୍ଦପୁର, ଟାଙ୍ଗନ ତୈଳା, ଓସ୍ତିଆ, ବେଲପାଳ ଚନ୍ଦନପୁର, ରାଜପୁର ପ୍ରଭୃତି ଗାଁ ପାଣିଘେରରେ ରହିଥିବା ଲୋକଙ୍କୁ ଶୁକ୍ରବାର ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଥଣ୍ଡା ଜ୍ୱର, କାଶ, ଝାଡାବାନ୍ତି ପାଇଁ ଆବଶ୍ୟକ ଔଷଧ ବଣ୍ଟନ ସହ ବନ୍ୟା ସମୟରେ ଗର୍ଭବତୀ ମହିଳା, ଶିଶୁଙ୍କ ଯତ୍ନନେବାକୁ ପରାମର୍ଶ ଦିଆଯାଉଛି। ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା.ରଶ୍ମିରଞ୍ଜନ ମହାନ୍ତି, ଡା. ମନୋରଞ୍ଜନ ନାଥ, ଡା. ଟିଂଟି ମିଶ୍ର ଟାଙ୍ଗଣତୈଳା, ଚନ୍ଦନପୁର, ରାଜପୁର ଗାଁରେ ପହଞ୍ଚି ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ନଳକୂପ ପାଣି ବ୍ୟବହାର କରିବା ପୂର୍ବରୁ ବିଶୋଧନ କରି ପିଇବାକୁ କୁହାଯାଇଛି। ଏଥିରେ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି ଓ ଆଶା କର୍ମୀମାନେ ସହଯୋଗ କରୁଛନ୍ତି। ଏଥିରେ ବିପିଏମ୍ ଶ୍ରୀକାନ୍ତ ଦାସ, ହିମାଂଶୁ ଶେଖର ଦାସ ପ୍ରମୁଖ ସହଯୋଗ କରିଥିଲେ।



ବନ୍ୟା ପାଣିରେ ଥିବା ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଡାକ୍ତର ଔଷଧ ଦେଉଛନ୍ତି।

# ସାହାଣୀ କପ୍ ଫୁଟ୍‌ବଲ: ଭଦ୍ରକ, ଝାରସୁଗୁଡ଼ା ବିଜୟୀ

ରାଜକନିକା, ୧୮।୭(ରବୀନ୍ଦ୍ର କୁମାର ଦାସ)

ରାଜକନିକା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲା କ୍ରୀଡା ସଂସଦ ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ସହଯୋଗରେ ରାଜକନିକାଠାରେ ଚାଲିଥିବା ସିନିଅର ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟର ୩ୟ ଦିନ ଖେଳ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ ଭଦ୍ରକ ଓ ଜଗତ୍‌ସିଂହପୁର ମଧ୍ୟରେ ହୋଇଥିଲା। ଏଥିରେ ଭଦ୍ରକ ୨-୦ ଗୋଲରେ ବିଜୟ ଲାଭ କରିଥିଲା। ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ ବଂଶୀଧର ରାଉତ, ସମ୍ମାନିତ ଅତିଥି ଭାବେ ଫାଓରୁ ଚୟନକର୍ତ୍ତା ଥିବା ମଣ୍ଟୁ ନାୟକ ଓ କାର୍ତ୍ତିକ ବେହେରା ପ୍ରମୁଖ ଯୋଗଦେଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ ଝାରସୁଗୁଡ଼ା ଦଳ କେନ୍ଦ୍ରାପଡ଼ାକୁ ଭେଟିଥିଲା। ଏଥିରେ ଝାରସୁଗୁଡ଼ା ୬-୧ ଗୋଲରେ ବିଜୟ ଲାଭ କରିଥିଲା। ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡାଧିକାରୀ ଲୋକନାଥ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ରାଜକନିକା ଶାଖା ପରିଚାଳକ ସୂର୍ଯ୍ୟ ନାରାୟଣ ବେହେରା, ସାମାଜିକ କର୍ମୀ ପ୍ରଦୀପ୍ତ କୁମାର ପଲାଇ, ଜିଲା କ୍ରୀଡା ସଂଘ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ରାଜକନିକା ଆଥ୍‌ଲେଟିକ ଆସୋସିଏଶନର ସଭାପତି ଦୋଳ ଗୋବିନ୍ଦ ନାୟକ, ଉପସଭାପତି କପିଳେନ୍ଦ୍ର ମଲ୍ଲିକ, ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ, କୋଷାଧକ୍ଷ ଦେବେନ୍ଦ୍ର କୁମାର ନାୟକ, ମିଡ଼ିଆ ସମ୍ପାଦକ ଅଜୟ କୁମାର ରାଉତ, ପୂର୍ବତନ ଜିଲା ପରିଷଦ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସଞ୍ଜୀବ ଦାସ ଓ ଶେଖବତ ଖାଁ, ଖେଳ ପରିଚାଳନା କରିଥିବାବେଳେ ଦିଲୀପ ରାଉତ ମ୍ୟାଚ କମିଶନର କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରଥମ ମ୍ୟାଚରେ ଯୁଧିଷ୍ଠିର ଗୁଡୁ ଓ ଦ୍ୱିତୀୟ ମ୍ୟାଚରେ ସାହିଲ ସୁନା ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଥିଲେ। ବେଣୁଧର ପରିଡା, ବିଶ୍ୱ ରଞ୍ଜନ ପଢ଼ିଆରୀ, ସୋମ୍ୟକାନ୍ତ ନାୟକ, ଶରତ ମଲ୍ଲିକ, ଅକ୍ଷୟ ନାଥ ଆଦି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସାହାଣୀ କପ୍‌ର ୨ଟି ମ୍ୟାଚରେ ଅଂଶଗ୍ରହଣ କରିଥିବା ଖେଳାଳିଙ୍କ ସହ ଅତିଥିମାନେ।

# ବନ୍ୟା: ପାନୀୟଜଳ, ଯାତାୟାତ, ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ

- ଏବେ ବି ବହୁ ଅଞ୍ଚଳ ବାହ୍ୟଜଗତରୁ ବିଚ୍ଛିନ୍ନ
- ଗୃହପାଳିତ ପ୍ରାଣୀଙ୍କ ପାଇଁ ଗୋ ଖାଦ୍ୟ ଯୋଗାଇବାକୁ ଦାବି

ପଟ୍ଟାମୁଣ୍ଡାଇ, ୧୮।୭ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଞ୍ଚଳବାସୀ ୨ ସପ୍ତାହ ହେବ ବନ୍ୟାରେ ଆଉଟୁ ପାଉଟୁ ହେଉଛନ୍ତି। ୪ ଦିନ ହେବ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକର ୧୦ ପଞ୍ଚାୟତର ୬୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଓ ପୌରାଞ୍ଚଳର ୧୧ଟି ୱାର୍ଡର ୧୧ ହଜାର ଲୋକ ବନ୍ୟା ଜଳ ଘେରରେ ରହିଛନ୍ତି। ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ଗୃହପାଳିତ ପ୍ରାଣୀ ଗୋ ଖାଦ୍ୟ ପାଇଁ ଡହଳ ବିକଳ ହେଉଛନ୍ତି। ଲୋକେ ନିତ୍ୟ ବ୍ୟବହାର ସାମଗ୍ରୀ ପାଇଁ ଆଣିବା ପାଇଁ ସେପରି ଡଙ୍ଗାର ବ୍ୟବସ୍ଥା ସେପରି ହୋଇନାହିଁ। ଗୃହପାଳିତ ପ୍ରାଣୀ ବାସସ୍ଥାନ ପାଣିରେ ବୁଡି ଥିବାରୁ ସେମାନଙ୍କୁ ରାସ୍ତାରେ ଛାଡି ଦିଆଯାଇଛି।ଜମିବାଡି ପଡିଆରେ ପାଣି ଜମିଥିବାରୁ ଗୋରୁ ଚରିବାକୁ ବିକଳ୍ପ ନାହିଁ। ସେମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ସେପରି ଖାଦ୍ୟ ବ୍ୟବସ୍ଥା ହୋଇନାହିଁ। ଯାହାକୁ ନେଇ ଧୋୟାଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ପଟ୍ଟାମୁଣ୍ଡାଇ ବ୍ରାହ୍ମଣୀ ନଦୀରେ ବନ୍ୟା ପରିସ୍ଥିତି ଅପରିବର୍ତ୍ତିତ ରହିଛି। ସିଂହଗାଁ, ଅଳପୁଆ, ତରଡ଼ିପାଳ, ପେଣ୍ଡପାଳ, ଅଣ୍ଟରା, ଅମୃତମଣୋହି, ବଲୁରିଆ, ନୀଳକଣ୍ଠପୁର, ଶ୍ରୀରାମପୁର, ବାଲିପାଟଣା, ବାଛରା, ଶାସନ ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବନ୍ୟା ପାଣି ବଢୁଥିବାରୁ ଲୋକେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସଂଗ୍ରହ କରି ପାରୁନାହାନ୍ତି। ପ୍ରଶାସନ ପକ୍ଷରୁ ସେପରି ଦେଶୀଡଙ୍ଗା ଯୋଗାଇ ଦିଆଯାଇନାହିଁ। କେତେକ ପଡାଗ୍ରାମରେ ନଳକୂପ ବନ୍ୟାରେ ବୁଡ଼ିଥିବାରୁ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଅଧିକାଂଶ ସ୍କୁଲ ହତାରେ ବନ୍ୟା ଜଳ ପ୍ରବେଶ କରିଛି। ଅପରପକ୍ଷେ ଗୋରୁ ଙ୍କ ଗୁହାଳ ବୁଡି ଥିବାରୁ ସେମାନଙ୍କୁ ମୁଖ୍ୟ ରାସ୍ତାରେ ଛାଡି ଦିଆଯାଇଛି। ଶୁକ୍ରବାର କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଞ୍ଚଳ ୭ଟି ପଞ୍ଚାୟତରେ ଜଳବନ୍ଦୀରେ ଥିବା ଲୋକଙ୍କୁ ଭେଟିଥିବାବେଳେ ଲୋକେ ଗୋ ଖାଦ୍ୟ ପାଇଁ ନିବେଦନ କରିଥିଲେ। ବିଧାୟକ ବେହେରା ଏନେଇ ଜିଲାପାଳ ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସହ ଯୋଗାଯୋଗ କରି ଶନିବାର ବନ୍ୟା ଘେରରେ ଥିବା ଗାଁଗୁଡିକୁ ଗୋଖାଦ୍ୟ ଯୋଗାଇ ଦିଆଯିବା ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବନ୍ୟା ଘେରରେ ରହି ଦୁର୍ଦ୍ଦଶା ଭୋଗ କରୁଥିବା ବିପନ୍ନ ଲୋକମାନଙ୍କ ଅବସ୍ଥା ଅନୁଧ୍ୟାନ କରିବାକୁ ରାଜନଗର ବିଧାୟକ ଧ୍ରୁବ ସାହୁ ବନ୍ୟା ବିପନ୍ନ ନନ୍ଦିନୀନଗର, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା, କଷଣଅଣ୍ଟା, ବାଲିପଡ଼ା, ନୂଆଗାଁ, କଉଡ଼ିପଲ୍ଲୀ ସମେତ ବ୍ଲକର ବାଛରା ପଞ୍ଚାୟତର ମଣ୍ଡପଡା ବାଛରା ଗ୍ରାମକୁ ବୋଟ ଯୋଗେ ଯାଇ ବନ୍ୟା ସ୍ଥିତି ଓ ବିପନ୍ନ ଲୋକମାନଙ୍କ ଅବସ୍ଥା ଅନୁଧ୍ୟାନ କରିଥିଲେ। ବନ୍ୟା ବିପନ୍ନ ଲୋକମାନଙ୍କୁ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦେବାକୁ ପୌର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ବନ୍ୟ ବିପନ୍ନ ଅଞ୍ଚଳରେ ବିଦ୍ୟୁତ ନ ଥିବାରୁ ଘନ ଅନ୍ଧକାର ମଧ୍ୟରେ ସ୍ଥିତି ସଙ୍ଗୀନ ହୋଇପଡିଛି। ବନ୍ୟା ବିପନ୍ନ ବିଭିନ୍ନ ଅଞ୍ଚଳରେ କୁମ୍ଭୀର ଦେଖାଯାଉଥିବା ଖବର ଜଣାପଡ଼ିବା ପରେ ଲୋକମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ଫଳରେ ଲୋକମାନେ ଘରୁ ବାହାରିବାକୁ ଭୟ କରୁଛନ୍ତି। ବିଭିନ୍ନ ପ୍ରବେଶ ରାସ୍ତା ବୁଡି ଯାଇଥିବାରୁ ଗ୍ରାମ ଓ ପଡା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ଆବଶ୍ୟକ ଡଙ୍ଗା, ଗୋ ଖାଦ୍ୟ, କିରୋସିନ ଓ ବ୍ଲିଚିଂ ପାଉଡର ଓ ରୋଗୀ ଚିକିତ୍ସା ପାଇଁ ଭ୍ରାମ୍ୟମାଣ ଡାକ୍ତରୀ ଚିକିତ୍ସକ ଦଳ ପଠାଇବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ସେଠୀ, ପଟ୍ଟାମୁଣ୍ଡାଇ ସହନିର୍ବାହୀ ଯନ୍ତ୍ରୀ ଆଶିଷ ସ୍ୱାଇଁ ଓ ସହସହକାରୀ ଯନ୍ତ୍ରୀ ମନୋରଞ୍ଜନ ସାହୁ ପ୍ରମୁଖ ନଦୀବନ୍ଧଗୁଡିକ ପରିଦର୍ଶନ କରି ବିଭାଗୀୟ କର୍ମଚାରୀ ସହାୟତାରେ ବାଲିବସ୍ତା ପକାଇ ପରିସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖିଛନ୍ତି। କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶରେ ବ୍ଲକ ଓ ପୌର ପ୍ରଶାସନ ବନ୍ୟା ମୁକାବିଲା ପାଇଁ ସଜାଗ ହୋଇପଡିଛି।



ପାଣିଘେରରେ ଥିବା ଲୋକ ହୁଲି ଡଙ୍ଗାରେ ଯାଆସ କରୁଛନ୍ତି।

# ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପ୍ରୋସିଡିଂରୁ ବାଦ୍

## ଜିଲା ପରିଷଦ ବୈଠକରେ ରୋଚକ ସ୍ଥିତି

ନୟାଗଡ଼,୧୮।୭(ଲୋକନାଥ ମିଶ୍ର)




ଜିଲା ପରିଷଦ ସଭ୍ୟାସଭ୍ୟ ବିଡିଓଙ୍କ ଉପରେ ବର୍ଷୁଛନ୍ତି।

ଜିଆଇଏ ଫଣ୍ଡସ୍‌ର ପ୍ରପୋଜାଲକୁ ଓଡ଼ଗାଁ ବିଡିଓ ଜିତେନ୍ଦ୍ର କୁମାର ନାୟକ ଅଣଦେଖା କରିବା ଓ ଫୋନ ଉଠାଉ ନ ଥିବା ପ୍ରସଙ୍ଗ ଫେବୃଆରୀ ୨୮ରେ ଅନୁଷ୍ଠିତ ନୟାଗଡ଼ ଜିଲା ପରିଷଦର ନବମ ଜିଲା ପରିଷଦର ସାଧାରଣ ଅଧିବେଶନରେ ଉଠିଥିଲା। ଗୋଡିପଡା ଜିଲା ପରିଷଦ ସଭ୍ୟ ସଂଯୁକ୍ତା ପଢ଼ିଆରୀ ସମ୍ପୃକ୍ତ ପ୍ରସଙ୍ଗକୁ ଉପସ୍ଥାପନ କରି ଅସନ୍ତୋଷ ଓ କ୍ଷୋଭ ପ୍ରକାଶ କରିଥିଲେ। ଜିଲା ପରିଷଦ ସଭ୍ୟଙ୍କ ଅସନ୍ତୋଷକୁ ଲକ୍ଷ୍ୟ କରି ଓଡ଼ଗାଁ ବିଡିଓଙ୍କୁ ଜିଲାପାଳ ଏ ନେଇ ପଚାରି ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ବିଡିଓ ନିଜର ତ୍ରୁଟିକୁ ସ୍ୱୀକାର ନ କରି ଉପର ଠାଉରିଆ ଭାବେ ଉତ୍ତର ରଖିବାରୁ ଜିଲା ପରିଷଦ ସଭ୍ୟମାନଙ୍କ ପଦମର୍ଯ୍ୟାଦା ଉଲ୍ଲଂଘନ ହୋଇଥିଲା। ଓଡଗାଁ ବିଡିଓ ନାୟକଙ୍କ ଆଚରଣ ଓ ଉଚ୍ଚାରଣକୁ ନେଇ ଗୃହରେ ଉଦ୍‌ବେଗ ପ୍ରକାଶ ସହ କାର୍ଯ୍ୟାନୁଷ୍ଠାନ ଦାବି କରି ବିଜେଡି ଜିଲା ପରିଷଦ ସଭ୍ୟମାନେ ଗୃହର ସାଧାରଣ ଅଧିବେଶନକୁ ଶୁକ୍ରବାର ବର୍ଜନ କରି ଜିଲା ପରିଷଦ ପରିସରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ତଳେ ଧାରଣାରେ ବସିଥିଲେ। ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ନାରାବାଜୀ କରି ଗୃହକୁ ଅଚଳ କରି ପକାଇଥିଲେ। ଜିଲା ପରିଷଦ ସଭ୍ୟମାନେ ଧାରଣା ଦେବା ପରେ ଗୃହକାର୍ଯ୍ୟ ଅଚଳ ହୋଇ ପଡିବାରୁ ଜିଲା ପରିଷଦର ନିର୍ବାହୀ ଅଧିକାରୀ ଲମ୍ବୋଦର ରାଉତ୍, ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଓ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟନାୟକ ପ୍ରମୁଖ ଜିଲା ପରିଷଦ ସଭ୍ୟମାନଙ୍କୁ ବାରମ୍ବାର ବୁଝାଶୁଝା ପୁଣି ବୈଠକ କରାଇଥିଲେ। ତେବେ ସମ୍ପୃକ୍ତ ପ୍ରସଙ୍ଗ ପ୍ରୋସିଡିଂରେ ନ ଥିବାରୁ ସଭ୍ୟ ରାମେଶ୍ୱର ଶତପଥୀଙ୍କ ସହ ଅନ୍ୟମାନେ ଦଶମ ସାଧାରଣ ଅଧିବେଶନରେ କ୍ଷୋଭ ପ୍ରକାଶ କରି ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରି ଉପେକ୍ଷାର ନଜୀର ଦେଖାଇଥିଲେ।

### ବ୍ଲକ ଅଧ୍ୟକ୍ଷା, ବାଚସ୍ପତି କଥା କଟାକଟି

ବିଲ୍ ପାସକୁ ନେଇ ଜିଲା ପରିଷଦ ଅଧିବେଶନରେ ବାଚସ୍ପତି ସୁରମା ପାଢ଼ି ଓ ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରାଙ୍କ ମଧ୍ୟରେ ପରୋକ୍ଷରେ କଥା କଟାକଟି ଦେଖିବାକୁ ମିଳିଥିଲା। ବିଲ୍ ପାସରେ ବିଳମ୍ବ, ନାମଫଳକରେ ନାଁ ନରଖିବା, ସରକାରୀ ସଭାରେ ନିମନ୍ତ୍ରଣ କରା ନ ଯିବା, ରାଜନୈତିକ ଅଭିସନ୍ଧି ରଖି ହଇରାଣ କରିବା ପରି ପ୍ରସଙ୍ଗକୁ ନେଇ ବ୍ଲକ ଅଧ୍ୟକ୍ଷା ବିଡିଓଙ୍କ ଉପରେ ଦୋଷ ଲଦି ଥିବାବେଳେ ବିଭିନ୍ନ କ୍ଷେତ୍ରରେ ଅଧ୍ୟକ୍ଷାଙ୍କୁ ଅଣଦେଖା କରାଯାଉଥିବା ଦର୍ଶାଇଥିଲେ। ଏଭଳିସ୍ଥଳେ ବାଚସ୍ପତି ଆଲୋଚନାରେ ଭାଗ ନେଇ ପରୋକ୍ଷରେ କହିଥିଲେ, ବିଲ୍ ପାସ୍ କରାଇବାରେ ବିଡିଓଙ୍କୁ ହଇରାଣ କରାଯାଉଛି। ଏପରିକି ଗୋଟିଏ ଗୋଟିଏ ବିଲ୍ ବହୁ ମାସ ଧରି ପକାଇ ରଖାଯାଉଛି। ବିଲ୍ କାହିଁକି ପଡି ରହୁଛି ସେନେଇ ବିଡିଓଙ୍କୁ ବାରମ୍ବାର ପଚାରିଥିଲେ ମଧ୍ୟ ସେ ଅଧ୍ୟକ୍ଷାଙ୍କ ନାଁ ନେଇ ଭିନ୍ନଭିନ୍ନ ଉତ୍ତର ରଖିଥିଲେ। ଏପରିକି ଆଲୋଚନାରେ ଗୋପାଳପୁର ଜିଲା ପରିଷଦ ସଭ୍ୟାଙ୍କ ବାଚସ୍ପତିଙ୍କୁ ସମର୍ଥନ ପରେ ବି ପ୍ରସଙ୍ଗ ଦମ ଧରି ନ ଥିଲା ।

### ବିଡିଓଙ୍କ ଦାଦାଗିରି

ଜିଲା ପରିଷଦ ବୈଠକରେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ କହିଥିଲେ, ବ୍ଲକରେ ବିଡିଓ ଦାଦାଗିରି ଦେଖାଉଛନ୍ତି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ସହ ଲୋକପ୍ରତିନିଧିଙ୍କୁ ଡକାଯାଉନି। ବ୍ଲକରେ କାମ ହେଉନି ଅଥଚ ଫଳକ ରାଜନୀତି ଚାଲିଛି। ଆରଟିଆଇରେ ଭୁଲ ତଥ୍ୟ ବିଡିଓ ଦେଉଛନ୍ତି। ପିସି ଆଦାୟ କରିବା ପରି ଅଭିଯୋଗ କରିଥିଲେ। ସେହିପରି ଗଣିଆ ଅଧ୍ୟକ୍ଷା ଝୁନା ଜେନା ଓ ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା ଅନୁରୂପ ଭାବେ ବିଡିଓଙ୍କ ଉପରେ ବର୍ଷିଥିଲେ। ସେମାନଙ୍କୁ ସରକାରୀ କାର୍ଯ୍ୟକ୍ରମରେ କିପରି ଅଣଦେଖା କରାଯାଉଛି ସେନେଇ ଖୋଲାଖୋଲି ଭାବେ ପ୍ରସଙ୍ଗ ଉଠାଇ ଥିଲେ। ବିଡିଓଙ୍କ ବିରୋଧରେ ପ୍ରମାଣ ଥାଇ ବାରମ୍ବାର ଅଭିଯୋଗ ପରେ ବି ଅଣଦେଖା କରାଯାଉଥିବାରୁ ପ୍ରତିବାଦରେ ଭାପୁର ବ୍ଲକ ଉପାଧ୍ୟକ୍ଷ, ରଣପୁର, ଗଣିଆ ଓ ଖଣ୍ଡପଡା ବ୍ଲକ ଅଧ୍ୟକ୍ଷା ଗୃହ ପରିତ୍ୟାଗ କରିଥିଲେ। ସେମାନଙ୍କ ଦାବି ପୂରଣ ନ ହେଲେ ଜିଲା ପରିଷଦ ବୈଠକକୁ ଆସିବେନି ବୋଲି କହିଛନ୍ତି।

## ଅଫିସରଙ୍କ ଉପରେ ବର୍ଷିଲେ ଦଶପଲ୍ଲା ବିଧାୟକ

ଗଣିଆରୁ ମଧଖଣ୍ଡ ରାସ୍ତା ପ୍ରଶସ୍ତୀକରଣ ଓ ସୋସାଇଟ୍ ଗୋଡାଉନ ଘର କାର୍ଯ୍ୟାଳୟର ଉଦ୍‌ଘାଟନ ଉତ୍ସବରେ ଅଣଦେଖାକୁ ପ୍ରତିବାଦ କରି ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ପୂର୍ତ୍ତ ବିଭାଗର ଏସ୍‌ଇ ଓ ସମବାୟ ବିଭାଗର ଡିଆରସିଙ୍କ ଉପରେ ବର୍ଷିଥିଲେ। ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ରାସ୍ତା ପ୍ରଶସ୍ତୀକରଣ ଓ ଉଦ୍‌ଘାଟନ ଉତ୍ସବକୁ ସମବାୟ ଓ ପୂର୍ତ୍ତ ବିଭାଗ ନ ଜଣାଇ ସରକାରୀ କାର୍ଯ୍ୟକ୍ରମ କରୁଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ପଚାରିଲେ ଏମ୍‌ପି ବୁଝିଥିଲେ, ସେ ଜଣାଇବାକୁ କହିଥିଲେ ଦର୍ଶାଇ କ୍ଷୋଭ ପ୍ରକାଶ କରିଥିଲେ। ସମ୍ପୃକ୍ତ ବିଷୟ ପ୍ରୋସିଡିଂରେ ରଖାଯାଉ ଓ ବିଭାଗୀୟ ଅଧିକାରୀଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଦର୍ଶାଇ ଜିଲାପାଳଙ୍କୁ ଅବଗତ କରାଇଥିଲେ।

### ସବୁ ଦେଖି ଦୁଇ ବିଧାୟକ ଚୁପ୍

ଜିଲା ପରିଷଦ ବୈଠକରେ ବିଧାୟକ, ଜିଲା ପରିଷଦ ସଭ୍ୟ ଓ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ କ୍ଷୋଭ, ଉଦ୍‌ବେଗ ପରି ପ୍ରସଙ୍ଗ ଉଠିଥିଲା। ପ୍ରସଙ୍ଗ ସପକ୍ଷରେ ହେଉ ଅଥବା ବିପକ୍ଷରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଓ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ବିବୃତ୍ତି ନ ଦେଇ ସବୁ କେବଳ ଦେଖୁଥିଲେ। ଉଭୟ ବିଧାୟକଙ୍କ ମୌନବ୍ରତ ଦେଖିବାକୁ ମିଳିଥିଲା।

### ଜିଲା ପରିଷଦ ସଭ୍ୟଙ୍କ ପାଇଁ ସ୍ୱତନ୍ତ୍ର ବୈଠକ

ଜିଲା ପରିଷଦ ସଭାପତି ଦେବାଶିଷ ପଟନାୟକ କହିଛନ୍ତି, ମୁଁ ଖୁସି ମୋର ଜିଲା ପରିଷଦ ସଭ୍ୟମାନେ ଆଇନ ବହି ପଢୁଛନ୍ତି। ଲୋକଙ୍କ କାର୍ଯ୍ୟ କରିବାକୁ ସଚେତନ ଅଛନ୍ତି। ସେମାନଙ୍କ କ୍ଷୋଭକୁ ସ୍ୱାଗତ କରାଯାଉଛି। ୯ଟି ଜିଲା ପରିଷଦ ବୈଠକର ବିଭିନ୍ନ ପ୍ରସ୍ତାବକୁ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ କାର୍ଯ୍ୟକାରୀ କରି ନ ଥିବାରୁ ଜିଲା ପରିଷଦ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଜିଲା ପରିଷଦରଙ୍କ କ୍ଷୋଭକୁ ଦୃଷ୍ଟିରେ ରଖି ଜିଲାପାଳ ଆସନ୍ତା ବୁଧବାର ଏକ ବୈଠକ ଡାକିଛନ୍ତି। ବୈଠକରେ ଜିଲା ପରିଷଦ ସଭ୍ୟ ଓ ବିଧାୟକମାନେ ଯୋଗଦେଇ ଆଲୋଚନାରେ ଭାଗ ନେବେ। ସେହିପରି ମାସକ ଭିତରେ ପୁଣି ଜିଲା ପରିଷଦ ବୈଠକ କରାଯିବ ବୋଲି ସେ କହିଛନ୍ତି। ଜିଲା ପରିଷଦ ସଭ୍ୟଙ୍କ ଉଦ୍ଦେଶ୍ୟରେ ବୁଧବାର ସ୍ୱତନ୍ତ୍ର ବୈଠକ କରାଯିବ ବୋଲି ଜିଲାପାଳ କହିଛନ୍ତି।

## ଅଭିଯୋଗ ପରେ ବଦଳିଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର



ଖଣ୍ଡପଡ଼ା,୧୮।୭(ଅଜୟ କୁମାର ମହାରଣା)

ଅଞ୍ଚଳବାସୀଙ୍କ ବାରମ୍ବାର ଅଭିଯୋଗ ପରେ ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡା ପଞ୍ଚାୟତ ତ୍ରିନାଥ ଛକ ନିକଟରେ ଏକ ନୂତନ ୬୩ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାପିତ ହୋଇଛି। ଗଣିଆ ବିଦ୍ୟୁତ୍ ସେକ୍ସନ ପକ୍ଷରୁ କୁମ୍ଭାରପଡ଼ା ପଞ୍ଚାୟତବାସୀଙ୍କୁ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରାଯାଇଛି। ସମ୍ପୃକ୍ତ ଅଞ୍ଚଳର ୭୦ଟି ପରିବାକୁ ଏକ ୨୫ କେଭି ଟ୍ରାନ୍ସଫର୍ମର ମାଧ୍ୟମରେ ବିଦ୍ୟୁତ ଯୋଗଣର ବ୍ୟବସ୍ଥା କରାଯାଇଥିଲା। ମାତ୍ର ଉକ୍ତ ଟ୍ରାନ୍ସଫର୍ମର ଉପଭୋକ୍ତାଙ୍କ ଆବଶ୍ୟକତା ପୂରଣ କରିବାରେ ସମସ୍ୟା ସୃଷ୍ଟି ହେଉଥିଲା। ଅଧିକାଂଶ ସମୟରେ ବିଦ୍ୟୁତ ଲୋ ଭୋଲଟେଜ ଯୋଗୁ ଘରର ଫ୍ୟାନ୍, ଟିଭି, ମୋଟର ଚାଳନାରେ ସମସ୍ୟା ସୃଷ୍ଟି ହେବା ସହ ରାତ୍ରିରେ ବିଜୁଳି ବଲବ ମିଞ୍ଜି ମିଞ୍ଜି ଜାଳିବା ଯୋଗୁ ପିଲାମାନଙ୍କ ପାଠ ପଢ଼ିବାରେ ଅସୁବିଧା ହେଉଥିଲା। ଟ୍ରାନ୍ସଫର୍ମର ବଦଳରେ ଏକ ଉଚ୍ଚ ସମ୍ପନ୍ନ ଟ୍ରାନ୍ସଫର୍ମର ବସାଇବାକୁ ଅଞ୍ଚଳବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରି ଆସୁଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ତେବେ ଏ ଦିଗରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଚେଷ୍ଟା ପରେ ଶୁକ୍ରବାର ନୂତନ ଟ୍ରାନ୍ସଫର୍ମର ଉକ୍ତ ସ୍ଥାନରେ ସ୍ଥାନିତ ହୋଇଛି। ଫଳରେ ଅଞ୍ଚଳବାସୀଙ୍କ ବହୁଦିନର ଦାବି ପୂରଣ ହୋଇଥିବାରୁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି।

## କୃଷି, ସୂଚନା ଓ ପରାମର୍ଶ କେନ୍ଦ୍ରରେ କର୍ମଚାରୀ ଅଭାବ

ଖଣ୍ଡପଡ଼ା, ୧୮।୭
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ବର୍ଷେ ଧରି କର୍ମଚାରୀଙ୍କ ଅଭାବ ଯୋଗୁ କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖାଯାଇଛି। ଏବେ ହାତଗଣତି କେତେଜଣ କର୍ମଚାରୀଙ୍କୁ ନେଇ କାର୍ଯ୍ୟାଳୟଟି ଯଥାକଥା ରୀତିରେ ଚାଲିଛି। କାର୍ଯ୍ୟାଳୟରେ ବ୍ଲକ କୃଷି ଅଧିକାରୀ ଓ ୨ ଜଣ ଓଭରସର କାର୍ଯ୍ୟ କରୁଥିବାବେଳେ ୨ ସହକାରୀ ଓ ୬ ଟି ଗ୍ରାମ କୃଷି କର୍ମଚାରୀ ପଦବୀ ଖାଲିପଡ଼ିଛି। ଏଠାରେ କାର୍ଯ୍ୟରତ କର୍ମଚାରୀମାନଙ୍କ ପଦୋନ୍ନତି ସହ ବଦଳି ପରେ ଅନ୍ୟ ପଦବୀଗୁଡିକ ଖାଲି ପଡିଛି। ପ୍ରଶାସନିକ ସ୍ଥାଣୁତା ଓ ଉଚ୍ଚକର୍ତ୍ତୃପକ୍ଷଙ୍କ ଉପେକ୍ଷା ଯୋଗୁ କାର୍ଯ୍ୟାଳୟରେ ଖାଲି ପଡିଥିବା ପଦବୀଗୁଡିକ ପୂରଣ ହେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ଟି ପଞ୍ଚାୟତର ଜନସାଧାରଣ ଏହି କୃଷି କାର୍ଯ୍ୟାଳୟ ଉପରେ ନିର୍ଭର କରୁଥିବାବେଳେ ଆବଶ୍ୟକ କର୍ମଚାରୀଙ୍କ ଅଭାବ ଯୋଗୁ କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖାଦେଇଛି। ଇତିମଧ୍ୟରେ ଖଣ୍ଡପଡ଼ା ବ୍ଲକ କୃଷି ଅଧିକାରୀ ଭବାନୀ ଶଙ୍କର ମିଶ୍ରଙ୍କ ପଦୋନ୍ନତି ସହ ତାଙ୍କର ଅନ୍ୟତ୍ର ବଦଳି ହୋଇଛି। ଉକ୍ତ କାର୍ଯ୍ୟାଳୟରେ ଦେଖା ଦେଇଥିବା ଅବ୍ୟବସ୍ଥା ସମ୍ପର୍କରେ ଅଞ୍ଚଳବାସୀ ଉଚ୍ଚ କର୍ତ୍ତୃପକ୍ଷ ଓ ଲୋକପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଖଣ୍ଡପଡ଼ା କୃଷି କାର୍ଯ୍ୟାଳୟରେ ଖାଲି ପଡିଥିବା ପଦବୀଗୁଡିକ ପୂରଣ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।




## ଓଡ଼ଗାଁ ବିଜେଡି ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା




ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି ଲାଗି ବିଜେଡି ପକ୍ଷରୁ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

ଓଡ଼ଗାଁ,୧୮।୭(ଆଦର୍ଶ କୁମାର ପଟ୍ଟନାୟକ)

### ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣା

ବାଲେଶ୍ୱର ଏଫଏମ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ନ୍ୟାୟ ଓ ଆତ୍ମାର ସଦ୍‌ଗତି ଲାଗି ଶୁକ୍ରବାର ଓଡ଼ଗାଁ ବ୍ଲକ ଏବଂ ଏନ୍‌ଏସି ବିଜେଡି ପକ୍ଷରୁ ଶତାଧିକ କର୍ମୀ, ସମର୍ଥକମାନଙ୍କ ଦ୍ୱାରା କ୍ୟାଣ୍ଡେଲ ଶୋଭାଯାତ୍ରାରେ ଜିଲାପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ ଏବଂ ଝିଲ୍ଲୀ ପ୍ରଧାନଙ୍କ ନେତୃତ୍ୱରେ ହୋଇଥିଲା। ସମସ୍ତେ ଓଡ଼ଗାଁ ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ସମ୍ମିଳିତ ହୋଇ ସେଠାରୁ ବ୍ଲକ ରୋଡ୍ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିଠାରେ ପହଞ୍ଚିଥିଲେ। ନାରୀ ସୁରକ୍ଷା ପାଇଁ ସରକାରଙ୍କ ଅବ୍ୟବସ୍ଥା ନେଇ ନୀରବ ପ୍ରତିବାଦର ଜଣାଇଥିଲେ। ବ୍ଲକ ସଭାପତି ନିତ୍ୟାନନ୍ଦ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଏନ୍‌ଏସି ସଭାପତି ମନୋଜ ପାତ୍ର, କୁରାଳ ସରପଞ୍ଚ ବିଜନ ପାଇକରାୟ ଏବଂ ଅନ୍ୟ ଜନପ୍ରତିନିଧି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଅଧାରେ ଅଟକିଛି କଂସେଇଖାନା ନିର୍ମାଣ କାର୍ଯ୍ୟ

ଖଣ୍ଡପଡ଼ା, ୧୮।୭
(ଅଜୟ କୁମାର ମହାରଣା)

ରାସ୍ତା ପାର୍ଶ୍ୱରେ ମାଛ, ମାଂସ ବିକ୍ରି ବନ୍ଦ ସହ ଦୈନିକ ମାଂସ କାଟିବାକୁ ଖଣ୍ଡପଡ଼ା ବାଇପାସ ରାସ୍ତାପାର୍ଶ୍ୱରେ ଏକ କଂସେଇଖାନା ନିର୍ମାଣ ନିମନ୍ତେ ଏନ୍‌ଏସି ପ୍ରଶାସନ ପକ୍ଷରୁ ବର୍ଷକ ତଳେ ଜଣେ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ କାର୍ଯ୍ୟ ନିମନ୍ତେ ୧୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କାର୍ଯ୍ୟ ଆରମ୍ଭ ହେବାର ୧୮ ମାସ ପରେ ବି ପ୍ରକଳ୍ପ କାର୍ଯ୍ୟ ଆଗେଇ ନ ପାରି ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି। ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆଗେଇ ପାରୁ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। କଂସେଇଖାନା ନିର୍ମାଣରେ ବିଳମ୍ବ ଯୋଗୁ ରାସ୍ତାପାର୍ଶ୍ୱର ବିଭିନ୍ନ ସ୍ଥାନରେ ମନଇଛା ଯିଏ ଯେଉଁଠି ପାରିଲା ମାଛ, ମାଂସ କାଟି ବିକ୍ରି କରୁଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ଫଳରେ ରାସ୍ତାପାର୍ଶ୍ୱରେ ଯେଉଁଠି ମାଛ, ମାଂସ ବିକ୍ରି ହେଲା ସେଠି ରାସ୍ତା ଜାମ ହୋଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏଭଳି ସ୍ଥିତି ସମ୍ପର୍କରେ ପ୍ରଶାସନ ଅବଗତ ଥିଲେ ହେଁ କଂସେଇଖାନା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଦିଗରେ ଏନ୍‌ଏସି କର୍ତ୍ତୃପକ୍ଷ ଦୃଷ୍ଟି ନ ଦେବା ପରିତାପର ବିଷୟ ଅଟେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ଅଧ୍ୟକ୍ଷା ଓ ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।



ଅଧାପନ୍ତରିଆ ଅବସ୍ଥାରେ ଥିବା କଂସେଇଖାନା।

## ଦଶପଲ୍ଲାରେ ବିକାଶ ପ୍ରଶିକ୍ଷଣ ଶିବିର

ଦଶପଲ୍ଲା,୧୮।୭ (ପ୍ରକାଶ କୁମାର ପାଣି )

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକସ୍ଥିତ ଏକ ମଣ୍ଡପରେ ୨୬ ଜଣ କିଶୋରୀ ବାଳିକାବାଳକଙ୍କୁ ନେଇ ନେତୃତ୍ୱ ଓ କୌଶଳ ବିକାଶ ନିମନ୍ତେ ଜୁଲାଇ ୧୬ରୁ ୧୮ ତାରିଖ ୩ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛ। ଏହି ବର୍ଗରେ ଦଶପଲ୍ଲା ଅଞ୍ଚଳର ୧୦ଟି ପଞ୍ଚାୟତରୁ ୨୩ ଜଣ କିଶୋରୀ ବାଳିକା ଓ ୩ ଜଣ କିଶୋର ବାଳକ ଯୋଗ ଦେଇଥିଲେ। କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ସଲ, ବ୍ଲକ୍ ସମାଜ ସୁରକ୍ଷା ଅଧିକାରୀ ପ୍ରିୟ ରଞ୍ଜନ ସାହୁ, ସୁରକ୍ଷା ଅଧିକାରୀ ସତ୍ୟ ରଞ୍ଜନ ଦାସ ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସଂଯୁକ୍ତା ସାମଲ ଯୋଗଦେଇଥିଲେ। ପିଲାଙ୍କୁ ଜୀବନ ଚର୍ଯ୍ୟା, ନିଜର ସମାଜ ପ୍ରତି କର୍ତ୍ତବ୍ୟ, ସଚେତନତାର ମାର୍ଗ, ଶିକ୍ଷାର ମହତ୍ତ୍ୱ, ମା'ବାପାଙ୍କ ଦାୟିତ୍ୱ, ବାଲ୍ୟ ବିବାହ ରୋକିବାରେ ନିଜର ଭୂମିକା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରିଥିଲେ। ଏଥିରେ ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ହିମାଂଶୁ ସିଂଙ୍କ ସହିତ ସି ୩ ନୟାଗଡ଼ ଜିଲା ସଂଯୋଜକ ସୁକେଶ ମିର୍ଦ୍ଧା ପିଲାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପ୍ରଥମେ ସମସ୍ତେ ନିଜ ନିଜର ପରିଚୟ ଦେବା ପରେ ଖେଳ ମଧ୍ୟମରେ ଯୋଗାଯୋଗ, ଏକତା, ଦଳଗତ କାର୍ଯ୍ୟ, ସୁସମ୍ପର୍କ ସ୍ଥାପନ,ସହଯୋଗ, କର୍ତ୍ତବ୍ୟ, ନେତୃତ୍ୱ, ପରୋପକାର ଭଳି କାର୍ଯ୍ୟ ଶିଖାଇବା ସହିତ ନୂଆଗାଁ ବ୍ଲକ ସଂଯୋଜିକ ସୌଜନ୍ୟା ନାୟକ ଏବଂ ଗଣିଆ ବ୍ଲକ୍ ସଂଯୋଜିକା ସ୍ୱାତିରେଖା ଦାସ, ବାଲ୍ୟବିବାହର କୁପରିଣାମ, ମହାପୁରୁଷଙ୍କ ଜୀବନୀ, ଆଇନ ଶୃଙ୍ଖଳା, ସମସ୍ତଙ୍କୁ ସମ୍ମାନ ଦେବା, ଅନ୍ୟାୟର ପ୍ରତିବାଦ ଭଳି ଗୁରୁତ୍ୱପୂର୍ଣ୍ଣ କଥା ଶିଖାଇଥିଲେ। ପ୍ରତ୍ୟେକ ଦିନ ଯୋଗ କରି ନିଜେ ସୁସ୍ଥ ହେବା ସହିତ ନିଜ ଅଞ୍ଚଳରେ ଥିବା ଲୋକଙ୍କୁ ସୁସ୍ଥ ରହିବାରେ ଭୂମିକା ଗ୍ରହଣ କରି ସହଯୋଗ କରିବାର ଆଶା ରଖି ଯୋଗ ଶିଖାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସି ୩ ସଂସ୍ଥାର ଦଶପଲ୍ଲା ବ୍ଲକ ସଂଯୋଜକ ଦାୟିତ୍ୱରେ ଥିବା ଶୁଭାଶିଷ ମିଶ୍ର ଆୟୋଜନ କରାଯାଇଥିଲା।



ଯୋଗଦାନ କରିଥିବା କିଶୋରୀକିଶୋର ଏବଂ ଅତିଥି।

## ରାସ୍ତାରେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ଦାବି

ଖଣ୍ଡପଡ଼ା, ୧୮।୭
(ଅଜୟ କୁମାର ମହାରଣା)

### ଗୋକୁଳାନନ୍ଦ ଇକୋ ଟୁରିଜମ୍ କେନ୍ଦ୍ର

ଖଣ୍ଡପଡା ବ୍ଲକ ଅଧୀନ ସିଧାମୂଳା ଗ୍ରାମ ଗୋକୁଳାନନ୍ଦ ପୀଠ ସଂଲଗ୍ନ ମଧୁକର୍ଣ୍ଣିକା ପାହାଡରେ ଅବସ୍ଥିତ ଇକୋ ଟ୍ୟୁରିଜିମ ପରିବେଶ ପର୍ଯ୍ୟଟନସ୍ଥଳୀ କେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତାରେ ଉଜ୍ୱଳ ଆଲୋକୀକରଣର ବ୍ୟବସ୍ଥା ନାହିଁ। ସନ୍ଧ୍ୟା ହେଲେ ଉକ୍ତ ରାସ୍ତାଟି ସମ୍ପୂର୍ଣ୍ଣ ଅନ୍ଧାରରେ ରହୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାର ବନ ବିଭାଗ ଜରିଆରେ ଉକ୍ତ ପୀଠରେ ସାମଗ୍ରୀକ ବିକାଶ ନିମନ୍ତେ ଅନୁଦାନ ଅର୍ଥ ଯୋଗାଇ ଦେଇଛନ୍ତି। ଅନୁଦାନ ଅର୍ଥରେ ପରିବେଶ ପର୍ଯ୍ୟଟନସ୍ଥଳରେ ପର୍ଯ୍ୟଟକମାନଙ୍କ ରହିବା ଓ ଆମୋଦ ପ୍ରମୋଦ ନିମନ୍ତେ ଅନେକ କିଛି ନୂତନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ମାତ୍ର ଗୋକୁଳାନନ୍ଦ ପୀଠକୁ ସଂଯୋଗ କରୁଥିବା ରାସ୍ତାରୁ ପାହାଡିଆ ଜଙ୍ଗଲ ରାସ୍ତା ଦେଇ ପରିବେଶ ପର୍ଯ୍ୟଟନସ୍ଥଳୀକୁ ସଂଯୋଗ କରୁଛି। ରାସ୍ତାରେ ଏକାଧିକ ବିଦ୍ୟୁତ ଖୁଣ୍ଟ ସ୍ଥାପନ କରାଯାଇଥିଲେ ହେଁ ଉଜ୍ୱଳ ଆଲୋକୀକରଣର ବ୍ୟବସ୍ଥା କରାଯାଇନାହିଁ। ଫଳରେ ରାତ୍ରକାଳରେ ପର୍ଯ୍ୟଟକମାନେ ପାହାଡିଆ ରାସ୍ତା ଦେଇ ପରିବେଶ ପର୍ଯ୍ୟଟନସ୍ଥଳୀକୁ ଯାତାୟାତ ନିମନ୍ତେ ବିଶେଷ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଉକ୍ତ ମଧୁକର୍ଣ୍ଣିକା ପାହାଡ ଓ ସଂଲଗ୍ନ ସଂରକ୍ଷିତ ଜଙ୍ଗଲରେ ବିଷଧର ସରୀସୃପ, ଭାଲୁ, ବାରହା ପରି ହିଂସ୍ର ବନ୍ୟଜନ୍ତୁ ବାସ କରୁଛନ୍ତି। ରାତ୍ରକାଳରେ ବିଷଧର ସରୀସୃପଗୁଡିକ ଏଣେତେଣେ ବିଚରଣ କରୁଥିବା ସିଧାମୂଳା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ପାହାଡିଆ ରାସ୍ତାରେ ଉଜ୍ୱଳ ଆଲୋକୀକରଣର ବ୍ୟବସ୍ଥା ନ ଥିବାରୁ ରାତ୍ରକାଳରେ ଉକ୍ତ ପର୍ଯ୍ୟଟନସ୍ଥଳୀକୁ ଯାତାୟାତ ନିମନ୍ତେ ପର୍ଯ୍ୟଟକମାନେ ଉଚିତ ମଣୁନାହାନ୍ତି। ତେଣୁ ଉକ୍ତ ରାସ୍ତାରେ ଉଜ୍ୱଳ ଆଲୋକୀକରଣର ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ଏଥିପ୍ରତି ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ, ନୟାଗଡ଼ ବନଖଣ୍ଡ ଅଧିକାରିଣୀ ଦୃଷ୍ଟି ଦେବାକୁ ଦାବି ହେଉଛି।



ଗୋକୁଳାନନ୍ଦ ଇକୋ ଟୁରିଜମ୍ କେନ୍ଦ୍ର।

# ଗାଈ ଗୋଡ଼ ହାଣିଦେବାକୁ ନେଇ ଉତ୍ତେଜନା



ଆହତ ଗାଈକୁ ପ୍ରାଣୀ ଚିକିତ୍ସାଳୟକୁ ନିଆଯାଉଛି।



ରାସ୍ତାରୋକୋ କରିଥିବା ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

## ରାସ୍ତାରୋକୋ, ଥାନାରେ ଅଭିଯୋଗ

ରସୁଲପୁର,୧୮।୭(ରଞ୍ଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ ବଡ଼କଲଞ୍ଚ ପଞ୍ଚାୟତ ପାଞ୍ଚଗୋଛିଆ ଗ୍ରାମରେ ଶୁକ୍ରବାର ଜଣେ ବ୍ୟକ୍ତି ଏକ ଗାଈର ଗୋଡ଼ ହାଣିଦେବାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ଗାଈ ମାଲିକଙ୍କ ପରିବାର ଲୋକେ ଅଠଲପୁର-ବାହାବଲପୁର ପୂର୍ତ୍ତ ବିଭାଗ ରାସ୍ତାର ମଧୁବନ ହାଟ ନିକଟରେ ପଥର ଥୋଇ, ଟାୟାରଜାଳି ରାସ୍ତା ଅବରୋଧ କରିଛନ୍ତି। କୁଆଖିଆ ଥାନା ପକ୍ଷରୁ ଏସ୍‌ଆଇ ଜ୍ୟୋତି ମହାପାତ୍ର, ଏଏସ୍‌ଆଇ ଦେବଦତ୍ତ ମହାନ୍ତି, ମନୋଜ ପରିଡ଼ା ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଛି। ଗାଈକୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ପ୍ରାଣୀ ଚିକିତ୍ସାକେନ୍ଦ୍ରକୁ ପଠାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେଇଛି। ଉକ୍ତ ଘଟଣାକୁ ନେଇ ଥାନାରେ ୨ଟି ଅଭିଯୋଗ ହୋଇଥିବାବେଳେ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି।

ଅଭିଯୋଗ ମୁତାବକ, ଗ୍ରାମର ରାକେଶ ତରାଇଙ୍କ ଗାଈ ପଘାରୁ ଫିଟି ଯାଇଥିଲା। ପରିବାର ଲୋକେ ଗାଈକୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଠାବ କରିବାରେ ବିଫଳ ହୋଇଥିଲେ। ଏହି ସମୟରେ ବିଲରେ କରୁଥିବା ସ୍ଥାନୀୟ ଅଞ୍ଚଳର ଚାଷୀଙ୍କଠାରୁ ରାକେଶଙ୍କ ପରିବାର ଖବର ପାଇଲେ ଯେ ଗାଈଟି ରକ୍ତ ଜୁଡୁବୁଡୁ ଅବସ୍ଥାରେ ବିଲରେ ପଡି ରହିଛି। ତା'ଗୋଡ଼ରୁ ପ୍ରବଳ ରକ୍ତସ୍ରାବ ହେଉଛି। ଏହାଜାଣି ରାକେଶ ଘଟଣାସ୍ଥଳକୁ ଯାଇ ଦେଖିଲେ ଗାଈର ଗୋଡ଼କୁ କେହି ହାଣି ଦେଇଛନ୍ତି। ଏନେଇ ସେ ବିଲରେ ଉପସ୍ଥିତ ଥିବା ଲୋକଙ୍କୁ ପଚରାଉଚରା କରିଥିଲେ। ଏହି ସମୟରେ ପାଳସାହିର ବାଲି ସାହୁ ନାମକ ବ୍ୟକ୍ତି ରାକେଶଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ଫସଲ ଗାଈ ଖାଇବାରୁ ସେ ଗାଈ ଗୋଡ଼କୁ ହାଣି ଦେଇଛନ୍ତି ବୋଲି କହିଥିଲେ। ଏଥିସହିତ ବେଶି ପାଟିକଲେ ରାକେଶଙ୍କୁ ହାଣି ଦେବେ ବୋଲି ଧମକ ଦେଇ ଏକ କାଟି ଧରି ଗୋଡ଼ାଇଥିଲେ। ଖବର ପାଇ ରାକେଶଙ୍କ ଭାଉଜ ଓ ଭାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ସମୟରେ ସେମାନଙ୍କୁ ବାଲି କୁଆଡ଼େ ଜାଠିଆ ଆଣେଇପକରି ଗାଳିଗୁଲଜ କରିଥିଲେ। ଏଥିସହିତ ଜୀବନରୁ ମାରିଦେବାକୁ କହି ମାରଣାସ୍ତ୍ର ଧରି ଗୋଡ଼ାଇଥିଲେ ବୋଲି ରାକେଶ ଅଭିଯୋଗରେ ଦର୍ଶାଇଛନ୍ତି। ଅପରପକ୍ଷରେ ବାଲି ପାଲଟା ଅଭିଯୋଗ କରିଛନ୍ତି। ରାକେଶଙ୍କ ପରିବାର ଲୋକେ ତାଙ୍କ ଫସଲ ନଷ୍ଟ କରିବା ସହ ତାଙ୍କ ବିଲରେ ଥିବା ଏକ ପାଣି ବୋରିଙ୍ଗକୁ ନଷ୍ଟ କରି ଦେଇଛନ୍ତି। ସେମାନେ ପୂର୍ବ ରାଗକୁ କେନ୍ଦ୍ରକରି ମିଥ୍ୟା ଅଭିଯୋଗ କରିଛନ୍ତି ବୋଲି ବାଲି ଅଭିଯୋଗରେ ଦର୍ଶାଇଥିବା ପୋଲିସ କହିଛି।

# ଧର୍ମାନ୍ତରୀକରଣବେଳେ ଉତ୍ତେଜନା

## ୭୦ ଜଣଙ୍କୁ ଧର୍ମ ପରିବର୍ତ୍ତନରୁ ରୋକାଗଲା

ଯାଜପୁରରୋଡ୍,୧୮।୭(ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ଜିଲା କଳିଙ୍ଗନଗର ଓ ବ୍ୟାସନଗର ଅଞ୍ଚଳରେ ଖ୍ରୀଷ୍ଟିଆନ ପାଦ୍ରୀମାନେ ଆଦିବାସୀ, ହରିଜନ ଓ ଆର୍ଥିକ ଦୁର୍ବଳ ବସ୍ତିବାସିନ୍ଦାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଧର୍ମ ପରିବର୍ତ୍ତନ କରାଉଥିବା ଅଭିଯୋଗ ହୋଇଆସୁଛି। ବ୍ୟାସନଗରସ୍ଥିତ ମୁଣ୍ଡମାଳ ଗ୍ରାମ ଡାହିସାହି ବସ୍ତିରେ ଶୁକ୍ରବାର ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରୁ ୩୦ରୁ ଉର୍ଦ୍ଧ୍ୱ ପାଦ୍ରୀ ଆସି ୭୦ ଜଣଙ୍କ ଧର୍ମ ପରିବର୍ତ୍ତନ ପାଇଁ ମାଂସ ଭୋଜି ଆୟୋଜନ କରିଥିବାବେଳେ ବଜରଙ୍ଗ ଦଳ ଜିଲା ସଂଯୋଜକ ବସନ୍ତ କୁମାର ପାତ୍ର ଏବଂ ସଦସ୍ୟମାନେ ସୂଚନା ପାଇ ସେଠାରେ ପହଞ୍ଚିଥିଲେ। ସେମାନେ ଏନେଇ ଯାଜପୁରରୋଡ୍ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନଙ୍କୁ ଖବର ଦେଇଥିଲେ। କୋରେଇ ବଜରଙ୍ଗ ଦଳ ସଂଯୋଜକ ମଧୁସୂଦନ ସାମଲ, ଗୋରକ୍ଷା ପ୍ରମୁଖ ସ୍ମୃତିରଞ୍ଜନ ପଣ୍ଡା, ସୁରକ୍ଷା ପ୍ରମୁଖ ଚିତ୍ତରଞ୍ଜନ ମିଶ୍ର, ନଗର ଆଖଡ଼ା ପ୍ରମୁଖ ଅରମାନ ପାତ୍ର, ସହ ସୁରକ୍ଷା ପ୍ରମୁଖ ମୁନା ମଲିକ, ବିଶ୍ୱହିନ୍ଦୁ ପରିଷଦ ପୂର୍ବତନ ସଭାପତି ପ୍ରସନ୍ନ ସାମଲ, ପୂର୍ବତନ ବଜରଙ୍ଗ ଦଳ ସହ ସଂଯୋଜକ ପ୍ରତାପ ନାଏକ ଓ ପ୍ରଭାତ କୁମାର ବଳଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଧର୍ମାନ୍ତରୀକରଣକୁ ବିରୋଧ କରିଥିଲେ। କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ବସ୍ତିର ଏକ ଅସ୍ଥାୟୀ ଚର୍ଚ୍ଚରେ ହେଉଥିବା ଉକ୍ତ କାର୍ଯ୍ୟକ୍ରମକୁ ବନ୍ଦ କରିଥିଲା। ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ପୋଲିସ ତୁରନ୍ତ ପାଦ୍ରୀମାନଙ୍କୁ ସେଠାରୁ ବିଦା କରିଥିଲା। ଏନେଇ ଯାଜପୁରରୋଡ୍ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନଙ୍କୁ ପଚାରିବାରେ ସେପରି କିଛି ହୋଇ ନ ଥିବା କହିଛନ୍ତି।

# କଳାପଥର ଖଣି ଦେଖିବାକୁ ଆସି ହଟହଟା

କାଏମା,୧୮।୭(ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ରାହଡ଼ପୁର କଳାପଥର ଖଣି ଦେଖିବାକୁ ଆସିଥିବା କେତେଜଣ ବ୍ୟକ୍ତି ଶୁକ୍ରବାର ହଟହଟା ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ସନ୍ଦେହରେ ଦୀର୍ଘ ସମୟ ଧରି ଅଟକ ରଖିଛନ୍ତି। ପରେ ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଛି। କେତେଜଣ ଅସୁସ୍ଥ ହେବାରୁ ପୋଲିସ ସେମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଛି। ମିଳିଥିବା ସୂଚନା ଅନୁସାରେ, ଜଣେ ବ୍ୟକ୍ତି ଉକ୍ତ ଖଣିକୁ ଲିଜ୍ ସୂତ୍ରରେ ନେବାକୁ ଯୋଜନା କରିଛନ୍ତି। ତେଣୁ ସେ ତାଙ୍କ ସହକର୍ମୀଙ୍କ ସହ ଖଣି ଦେଖିବାକୁ ଆସିଥିଲେ। ଏହି ସମୟରେ କେତେଜଣ ସ୍ଥାନୀୟ ଯୁବକ ସେମାନଙ୍କୁ ବିରୋଧ କରିଥିଲେ। ଏନେଇ ପୋଲିସ ପକ୍ଷରୁ କୌଣସି ସୂଚନା ମିଳି ପାରିନାହିଁ।

# ବିରୂପା ନଦୀରେ କୁମ୍ଭୀର ଆତଙ୍କ

ଚଣ୍ଡିଖୋଲ,୧୮।୭(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଞ୍ଚାୟତ ରୁକୁଟି ପାଟ ନିକଟ ବିରୂପା ନଦୀରେ ଶୁକ୍ରବାର କୁମ୍ଭୀର ଆସିଥିବା ନେଇ ଆତଙ୍କ ଖେଳିଯାଇଛି। ଗ୍ରାମର ମଦନ କାହାଳୀ ନଦୀ କୂଳକୁ ମାଛ ଧରିବାକୁ ଯାଇଥିବାବେଳେ କୁମ୍ଭୀର ଦେଖିଥିଲେ। ଏହାପରେ ସେ ସ୍ଥାନୀୟ ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ନଦୀ ଉଭୟ ପାର୍ଶ୍ୱରେ ଲୋକେ ଠିଆ ହୋଇ କୁମ୍ଭୀରକୁ ଦେଖିଥିଲେ। ନଦୀକୁ ମାଛ ଧରିବାକୁ ଯାଇଥିବା ମାଛଧରାଳିମାନେ ପଳାଇ ଆସିଥିଲେ। କୁମ୍ଭୀର ଭୟରେ ନଦୀ କୂଳରେ ଜାଲ ଲଗାଇଥିବା ବ୍ୟକ୍ତିମାନେ ଯାଇ ନ ଥିଲେ। ତଥା ଆଣି ସେମାନେ ଜାଲ ଉଠାଇବେ ବୋଲି ପ୍ରକାଶ କରିଥିଲେ।

# ଆଦର୍ଶ ବିଦ୍ୟାଳୟ ଅଧକ୍ଷଙ୍କୁ ଉଠାଇ ନେଲା ପୋଲିସ

ଚଣ୍ଡିଖୋଲ,୧୮।୭(ପ୍ରଦୀପ୍ତ କୁମାର ପୃଷ୍ଟି): ଯାଜପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବଡ଼ଚଣାସ୍ଥିତ ଆଦର୍ଶ ବିଦ୍ୟାଳୟର ଅଧକ୍ଷଙ୍କୁ ଗୁରୁବାର ରାତିରେ ପୋଲିସ ଉଠାଇ ନେଇ ଅଟକ ରଖିଛି। ତେବେ କେଉଁ କାରଣ ପାଇଁ ସେ ଅଟକ ଅଛନ୍ତି ସେ ସମ୍ପର୍କରେ ପୋଲିସ କୌଣସି ସୂଚନା ଦେଉନାହିଁ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଜଣେ ଛାତ୍ରୀଙ୍କ ଅଭିଭାବକ ହେଲ୍ପ ଲାଇନ ଯୋଗେ ଅଧକ୍ଷଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ତାଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ମଦ ବିରୋଧୀ ଆନ୍ଦୋଳନ ପାଇଁ ଜିଲାସ୍ତରୀୟ କମିଟି ଗଠିତ



ବୈଠକରେ ଯୋଗଦେଇଥିବା ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର କର୍ମକର୍ତ୍ତା।

ରସୁଲପୁର,୧୮।୭(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରସ୍ଥିତ ହରପାର୍ବତୀ ମନ୍ଦିର ପ୍ରାଙ୍ଗଣରେ ମିଳିତ ଓଡିଶା ନିଶାନିବାରଣ ଅଭିଯାନ ପକ୍ଷରୁ ଶୁକ୍ରବାର ଜିଲାସ୍ତରୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ସଭାପତି ଇଂ ବିଶ୍ୱଜିତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମଦ ବିରୋଧୀ ଆନ୍ଦୋଳନକୁ ଶାଣିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଉକ୍ତ ଆନ୍ଦୋଳନକୁ ପରିଚାଳନା କରିବା ପାଇଁ ଜିଲାସ୍ତରୀୟ କମିଟି ଗଠନ କରାଯାଇଛି। ଉକ୍ତ କମିଟି ଦ୍ୱାରା ବ୍ଲକର କାର୍ଯ୍ୟକର୍ତ୍ତାଙ୍କ ସହ ମିଳିତ ଭାବରେ ଗାଁରେ ମହିଳାମାନଙ୍କୁ ସଚେତନ କରାଇ ମଦ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି।

ବୈଠକରେ ମୋନାର ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ ଶୁଭେନ୍ଦୁ ରାଉତରାୟ, ରାଜ୍ୟ କମିଟି ସଦସ୍ୟା ଅପର୍ଣ୍ଣା ନାୟକ ପ୍ରମୁଖ ଯୋଗଦେଇ ମଦର କୁ-ପ୍ରଭାବ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେମାନେ କହିଥିଲେ, ପ୍ରତ୍ୟେକ ଅସମାଜିକ କାର୍ଯ୍ୟ ପଛରେ ମଦର ପ୍ରମୁଖ ଭୂମିକା ରହୁଛି। ୨୦୨୪ ସାଧାରଣ ନିର୍ବାଚନରେ ଭାଜପା ସରକାରକୁ ଆସିଲେ ୨୦୨୯ ସୁଦ୍ଧା ଓଡିଶାକୁ ମଦମୁକ୍ତ କରିବାକୁ ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା। ଭାଜପା ସରକାର ଗଠନକୁ ବର୍ଷପୂର୍ତ୍ତି ହୋଇଛି। ହେଲେ ଏଯାଏ ସମାଜକୁ ମଦମୁକ୍ତ କରିବାକୁ ଗୋଟିଏ ହେଲେ ପଦକ୍ଷେପ ନିଆଯାଇନାହିଁ। ମଦ ଦୋକାନୀଙ୍କୁ ଅଧିକ ମଦ ବିକ୍ରି କରିବା ପାଇଁ କୋଟା ନିର୍ଦ୍ଧାରଣ କରାଯାଉଛି। ନିଷିଦ୍ଧାଞ୍ଚଳ ଯଥା- ଶିକ୍ଷାନୁଷ୍ଠାନ, ଅଫିସ, ସର୍ବସାଧାରଣ ସ୍ଥାନ, ଜାତୀୟ ରାଜପଥ ପାର୍ଶ୍ୱ, ହାଟ ବଜାର ଆଦି ସ୍ଥାନରେ ମଦ ଦୋକାନ ଖୋଲିବା ନିୟମ କାର୍ଯ୍ୟକାରୀ ହେଉନାହିଁ। ମଦକୁ ବନ୍ଦ କରିବା ଦିଗରେ ସରକାରଙ୍କ ଆନ୍ତରିକତା ନଥିବା ଭଳି ମନେ ହେଉଛି। ଆସନ୍ତା ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଓଡ଼ିଶାକୁ ମଦମୁକ୍ତ କରିବା ଦିଗରେ ସନ୍ତୋଷଜନକ ପଦକ୍ଷେପ ନ ନେଲେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ସରକାରଙ୍କ ବିରୋଧରେ ଜନମତ ସୃଷ୍ଟି କରାଯିବ। ଏଦିଗରେ ଜିଲାସ୍ତରୀୟ ଓ ବ୍ଲକ ସ୍ତରୀୟ କମିଟି ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ଉଭୟ ସୂଚନା ଦେଇଛନ୍ତି।

ଗଠିତ ଜିଲାସ୍ତରୀୟ କମିଟିରେ ସଭାପତି ଭାବେ ବିଶ୍ୱଜିତ୍ ମହାନ୍ତି, ସମ୍ପାଦକ ମଳୟ ପଣ୍ଡା, କାର୍ଯ୍ୟକାରୀ ଭାବରେ ରଞ୍ଜନ ଜେନା, ଦୁର୍ଗା ଚରଣ ବାରିକ, ଗୋଲକ ଚନ୍ଦ୍ର ପଲେଇ, ନରେଶ ଜେନା, କୁଳମଣି ଶୁକ୍ଳ, ସାବିତ୍ରୀ ଦାସ, ତାରାକାନ୍ତ ଆଚାର୍ଯ୍ୟ, ନୃସିଂହ ଚରଣ ମିଶ୍ର, ଭୁବନ ମୋହନ ମହାନ୍ତି, ପ୍ରଫୁଲ୍ଲ ସ୍ୱାଇଁ, ଗୁଣମଣି ସାହୁ, ଈଶ୍ୱର ପ୍ରଧାନ ଓ ଧୀରେନ୍ଦ୍ର ନାୟକ ପ୍ରମୁଖ ରହିଛନ୍ତି। ବୈଠକରେ ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଧନ୍ୟବାଦ ଦେଇଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ: ଇ-ଟେଣ୍ଡର/[illegible] ... www.ireps.gov.in ... [illegible] (PR-408)

**AUCTION SALE NOTIFICATION**

This is for information to all concerned that inspite of our repeated Legal Notices and reminders of the Registered Owners. 1). Vandana Agarwal, Vehicle - Volkswagen Ameo Comfortline 1.5 TDI, Regn. No.- OD 02 AK 8684, VIN No.- MEXL1660XHT093535, 2). M/S. ROYAL TOUCH GRANITES PVT. LTD., Vehicle - JEEP Compass, Regn. No.- OD 07 U 7424, VIN No.- MCAAJPCH4JFA11169*BH, 3). Mr. Ajit Patra, Vehicle - Grande punto ACTIVE Multijet, Regn. No.- OD 02 AC 5755, VIN No.-MCA11816E07070348BGZ, 4).Mr. Samarendra jena, Vehicle- Jeep Compass, Regn. No.- OD12 C 1212, VIN No.- MCAAJPCY8JFA05293*9H, 5). Mr. Jiban Kumar Bal, Vehicle - ISUZU S-CAB, Regn. No.- OD 34 M 8284, VIN No.- M3GTFR546LBA00227, 6) M/S. V N TRANSPORT, Vehicle - Bharat Benz 3123R (Truck),Regn. No.- OD 14 H 0086, VIN No.- MEC2241CCGPO28504, 7). Mr.Shrikant Patel, Vehicle - Bharat Benz 3123R (Truck), Regn. No.- OD 23 D 3499, VIN No.- MEC2241CDGPO30355& 8). Tanveer Ayyub Kalyani, Vehicle - Bharat Benz 3123R (Truck), Regn. No.- MH 13 AX 4716, VIN No.- MEC2241CAFP014677 are not come to take delivery.
The vehicles are ready for Auction Sale to be hold on **Dt. 29.07.2025** between **11 AM to 4 PM** at **M/S. SHREE BHARAT MOTORS LTD.**, NH-5, Pahal, Bhubaneswar - 752101.

**UNION BANK EMPLOYEES COOP CREDIT SOCIETY (ORISSA) LTD., BHUBANESWAR**
[Regd. No.38/1997 RCS]

This is for information of all members that the 29th Annual General Body Meeting of the Society will be held on 24.08.2025 (Sunday) at 10 A.M. at The Institution of Engineers (India), Sachivalaya Marg, Unit-IV, Bhubaneswar-751001. All members are requested to attend.

Balaram Mahanta, Secretary | Satabdi Subhadarshini, Vice President | Saroj Kumar Nayak, President

**COMMUNITY HEALTH CENTRE, ULLUNDA, DIST. - SONEPUR**
E-mail : bpmullunda@gmail.com

**TENDER CALL NOTICE FOR HIRING OF VEHICLE**

Sealed tenders are invited from Travel Agencies/ Transporters/Tour Operator/Individuals/Private Organization/ NGOs situated within CHC, Ullunda for supply of vehicles on monthly hiring basis to be used in CHC, Ullunda for Mobile Health Team under RBSK & Block Programme Management Unit of CHC, Ullunda. Last date for submitting the documents is 28/07/2025 on or before 04.00 P.M. through Regd. Post only. For detail information and documents, please visit www. subarnapur.odisha.gov.in. The authority has reserve the right to cancel the whole process without any notice.

Sd./- Superintendent
CHC, Ullunda

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**
**Corrigendum**
No.3341/Date.16.07..2025

1st Corrigendum to Bid Identification No. Tender-Online-C.C.14 of 2025 Dated 25.06.2025 invited vide this office Lr. No.3060 dated 25.06.2025

No.O-450 : The date of availability of tender, date of opening of Technical Bid & Financial Bid invited vide this office N.I.T. No. Tender-Online-C.C.-10 of 2025 Dt.28.04.2025 issued vide this office Lr.No.2153 Dt.28.04.2025 is here by rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender on-line for bidding Up to | Date & Time of opening of tender Technical Bid | Financial Bid |
|---|---|---|---|---|
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.14 of 2025 | 07.08.2025 up to 5.00 P.M. | 08.08.2025 at 11.00 A.M. | To be intimated lateron |

All other conditions remain unaltered.

OIPR-25082/11/0003/2526
Sd./- Chief Construction Engineer
Central Rural Works Circle, Bhubaneswar

**GOVERNMENT OF ODISHA** No.O-441
**OFFICE OF THE SUPERINTENDING ENGINEER RURAL WORKS DIVISION, BOLANGIR**
E-Mail ID : eerw_blgr@yahoo.co.in
**e-Procurement Notice**
**IFB IDENTIFICATION NO.EEBLGR-Online-03/2025-26**

| | | |
|---|---|---|
| 1 | Name of work | Building Work |
| 2 | Total No. of works | 1 (One) no |
| 3 | Approximate Estimated Cost | Rs.68.73 lakh |
| 4 | Time for completion | 4 (four) calendar months |
| 5 | Mode of Submission of tender | Tender should be submitted online in www.tendersodisha.gov.in |
| 6 | Other details are as follow | As per TCN No. EEBLGR-Online-03/2025-26 |

| Procurement Officer | Bid Identification No. | Availability of Tender online for bidding From | To | Last date and time of seeking tender clarification | Date & time of opening of tender Technical Bid | Financial Bid |
|---|---|---|---|---|---|---|
| Superintending Engineer, R.W. Division, Bolangir | EEBLGR-online-03/2025-26 | 22.07.2025 at 11.00 A.M. | 06.08.2025 upto 5.00 P.M. | 05.08.2025 upto 1.00 P.M. | 07.08.2025 at 11.00 A.M. | The date will be intimated later on |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

OIPR-25068/11/0025/2526
Sd./- Superintending Engineer
R.W. Division, Bolangir

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**
**ई–निविदा आमंत्रण सूचना**
**PR No. 343430 (REO)24-25(D)**

पत्रांकः– दिनांक–
ई–निविदा संख्याः–23/2025-26/RWD /EE/RANCHI

| क्र० सं० | आईडेन्टी फिकेशन संख्या/ पैकेज संख्या | प्रखण्ड | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की तिथि/ अवधि | टेण्डर कॉल नं |
|---|---|---|---|---|---|---|---|
| 1 | RWD/RANCHI / 75/2024-25 | नगड़ी | प्रगति नगर सरायटोली ... (लं०– 1.250 किलोमी०) | 2,01,47,600.00 | दो करोड़ एक लाख सैंतालीस हजार छः सौ रूपये मात्र। | 12 माह | प्रथम |
| 2 | RWD/RANCHI / 76/2024-25 | रातू | जामुन टंगरा बगीचा टोली प्राथमिक विद्यालय से संतोष गुप्ता के घर तक पथ निर्माण कार्य (लं०– 1.540 किलोमी०) | 1,62,98,200.00 | एक करोड़ बासठ लाख अन्ठानवे हजार दो सौ रूपये मात्र। | 9 माह | प्रथम |
| 3 | RWD/RANCHI / 84/2024-25 | रातू | मुरमु से कोकरो तक पथ निर्माण कार्य (लं०–2.450 किलोमी०) | 3,42,00,300.00 | तीन करोड़ बियालीस लाख तीन सौ रूपये मात्र। | 15 माह | प्रथम |

1. वेबसाईट में निविदा प्रकाशन की तिथि:–**21.07.2025**
2. ई–निविदा प्राप्ति की अंतिम तिथि एवं समयः–**04.08.2025** अपराह्न 5.00 बजे तक।
3. निविदा खोलने की तिथि एवं समयः–**06.08.2025** अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची।
5. ई–निविदा प्रकोष्ठ का दूरभाष सं०– 0651–2360137
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

PR 357666 REO(25-26).D
कार्यपालक अभियंता
ग्रामीण कार्य विभाग,कार्य प्रमण्डल, राँची

**Government of Jharkhand**
**DEPARTMENT OF AGRICULTURE, ANIMAL HUSBANDRY & CO-OPERATIVE**
**(ANIMAL HUSBANDRY DIVISION)**
**Jharkhand, Ranchi**
**"Corrigendum"**

This is with the reference to e-Tender notice-01/2025-26 published by Advertisement PR. No.-357505 Date 17-07-2025 for Selection of Livestock & Poultry Insurance Intermediaries to provide Technical & Operational Support through Nationalized Insurance Company under Mukhyamantri Pashudhan Vikash Yojna (MMPVY). The particulars Sl. no. 5 of the part-A of said tender has been mentioned as below:-
"Download of Tender document will start from 26-07-2025" In this context, Corrigendum is being issued for rectification regarding download of tender document as under:-
**"Download of Tender document will start from 19-07-2025"**
Other context will remain same.

Director,
Directorate of Animal Husbandry,
Jharkhand, Ranchi-834003

PR 357628 Animal Husbandry (25-26)_D

**ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ରାଇରଙ୍ଗପୁର ବନଖଣ୍ଡ**
**OFFICE OF THE DIVISIONAL FOREST OFFICER, RAIRANGPUR DIVISION**
Tel. No. : (06794)-222036 (O), 222008 (R), FAX No. : (06794)-222836, e-mail : dforrp@gmail.com
**e-Procurement Notice**
**Identification No. 73/DFO, RRP-1F/2025-26 Dt.16.07.2025**

No.MM-128 : THE DIVISIONAL FOREST OFFICER, RAIRANGPUR FOREST DIVISION, RAIRANGPUR on behalf of Governor of Odisha invites Percentage Rate bids to be received in online mode for the following works from the eligible experienced contractors in similar nature of work, registered with State Govt. & Contractor of equivalent Grade / Class registered with Central Govt. / Railways.

| | | |
|---|---|---|
| 1 | Nature of work | 1. Anti-Poaching Barrack at Suleipat<br>2. Creation of Water Body at Hatbadra |
| 2 | No. of work | 02 (Two) |
| 3 | Period of Completion | 1. 04 (Four) Months & 2. 02 (Two) Months |
| 4 | Cost of tender | 1. Rs.6000/- (Six Thousand) only<br>2. Rs.4000/- (Four Thousand) only |
| 5 | Estimated Cost | 1. Rs.21.18 Lakhs & 2. 6.35 Lakhs |
| 6 | Class of Contractor | 1. "B" & "C" Class for Anti-Poaching Barrack<br>2. "C" & "D" Class for Water Body |
| 7 | Date & time of availability of tender document | **From 9 hours of 22.07.2025 to 17.30 hours of 31.07.2025** |
| 8 | Receipt of bid documents | Online Only |
| 9 | Date & time of opening of technical bid | **Dt.01.08.2025 at 11.30 hours onwards** |
| 10 | Other Documents | (As mentioned in DTCN) |
| 11 | The bidders have to participate in on-line bidding only | Further details can be seen from the website www.tendersodisha.gov.in, www.odishaforest.in & www.mayurbhanj.nic.in |
| 12 | Any addendum / Corrigendum / Cancellation of tender can also be seen in the said website | |
| 13 | **The undersigned reserves the right to accept / reject any or all Tender without assigning any reason thereof.** | |

OIPR-08055/11/0022/2526
Sd./- Divisional Forest Officer,
Rairangpur Division

# ପାରାଦୀପ ବେଳାଭୂମିରେ ଏକ ସଙ୍ଗେ ଚାଲିଛି ୨ ପୃଥକ୍ ବାଣିଜ୍ୟ ମେଳା

## ଶାସକ ଦଳର ଅଘୋଷିତ ପ୍ରତିଯୋଗିତା

**ପାରାଦୀପ,୧୮।୭ (ଶରତ ରାଉତ)**

ପାରାଦୀପ ବନ୍ଦର ପାଖ ବେଳାଭୂମିଠା କଳିଙ୍ଗ ବାଲିଯାତ୍ରା ପଡ଼ିଆରେ ଏବେ ଅଲଗା ଭାବେ ଦୁଇଟି ମେଳା ଚାଲିଛି। ଗୋଟିକର ନାମ ଅରୂପା ରାଜ୍ୟସ୍ତରୀୟ ବାଣିଜ୍ୟ ମେଳା ଥିଲାବେଳେ ମାତ୍ର ୫୦ ଫୁଟ୍ ଦୂରତାରେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଜାତୀୟ ବାଣିଜ୍ୟ ମେଳା ଚାଲିଛି। ଉକ୍ତ ମେଳା ଦ୍ୱୟ ଜୁଲାଇ ୯ରୁ ଚାଲିଥିବାବେଳେ ଆସନ୍ତା ୨୨ତାରିଖରେ ଶେଷ ହେବ ବୋଲି ବ୍ୟାନରରେ ଲେଖାଯାଇଛି। ଏହି ମେଳା ରାଜ୍ୟ ଓ ଜାତୀୟସ୍ତରର ବୋଲି ଲେଖା ଯାଇଥିଲେ ମଧ୍ୟ ଏହା ପଛରେ ଶାସକ ଦଳର ଦୁଇ ନେତାଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଥିବା ଜଣାପଡ଼ିଛି। ଗୋଟିଏ ବ୍ୟାନରରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଶିଳ୍ପ ମନ୍ତ୍ରୀଙ୍କ ଫଟୋ ଲାଗିଛି। ଉକ୍ତ ମେଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମର୍ଥକ ତଥା ଭାଜପାର ଆଗଧାଡ଼ିର କର୍ମୀମାନେ ଯୋଗଦେଇଥିଲେ। ଅନ୍ୟ ମେଳା ବ୍ୟାନରରେ କୌଣସି ନେତାଙ୍କ ଫଟୋ ନାହିଁ। କିନ୍ତୁ ସେଠାରେ ଏମ୍‌ପି ମଞ୍ଚରେ ବସିବା ସହ ମେଳା ବୁଲିଥିଲେ। ଏନେଇ ପାରାଦୀପରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। କାରଣ ଗତ ବର୍ଷକ ମଧ୍ୟରେ ଦୁଇ ନେତାଙ୍କ ସମର୍ଥକ ଅଲଗା ହୋଇ ସଙ୍ଗଠନ ଓ ୟୁନିୟନ ଆଦି କରିଛନ୍ତି। ଏମିତି ବି ଦେଖିବାକୁ ମିଳେ ଯେ, ଯେଉଁ ମଞ୍ଚରେ ଏମ୍‌ପି ବସୁଛନ୍ତି ସେଠାରେ ମନ୍ତ୍ରୀଙ୍କ ସମର୍ଥକଙ୍କ ଦେଖା ମିଳୁନାହିଁ। ସମାନ ଭାବେ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ସମର୍ଥକ ଯାଉ ନ ଥିବା ଦେଖିବାକୁ ମିଳୁଛି। ଏପରିକି ଦୁଇ ସମର୍ଥକ ଗୋଷ୍ଠୀ ପକ୍ଷରୁ ଚଳିତ ମାସ ଥାନାରେ ଅଭିଯୋଗ ହୋଇଛି। ଏପରିକି ସୋସିଆଲ ମିଡିଆରେ ପରସ୍ପରକୁ ସମାଲୋଚନା କରିବା ଭଳି ଘଟଣା ଘଟିଛି। ବାଲିଯାତ୍ରା ପଡ଼ିଆରେ ପ୍ରତିବର୍ଷ ଗୋଟିଏ ବାଣିଜ୍ୟ ମେଳା ହୋଇଥାଏ। ଚଳିତ ବର୍ଷ ୨ଟି ମେଳା ପାଇଁ ପ୍ରଶାସନ ପକ୍ଷରୁ କ୍ଲିୟରାନ୍ସ ଦିଆଯାଇଛି। ଏହି ଅଲଗା ମେଳା ଏବେ ଶାସକ ଦଳ ମଧ୍ୟରେ ମତଭେଦ ପଦାରେ ପଡ଼ିଥିବା ନେଇ ଚର୍ଚ୍ଚା ଚାଲିଛି।



ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ଜାତୀୟ ବାଣିଜ୍ୟ ମେଳା।



ଅରୂପା ରାଜ୍ୟସ୍ତରୀୟ ବାଣିଜ୍ୟ ମେଳା।

# ଓଡ଼ିଶାରେ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଚିଠି

**କୁଜଙ୍ଗ,୧୮।୭ (ମନୋଜ ପ୍ରଧାନ)**

ଓଡ଼ିଶାରେ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଚିଠି ଲେଖି ଦାବି କରିଛନ୍ତି। କୁଜଙ୍ଗ ଥାନା ଅନ୍ତର୍ଗତ ବାମଦେଇପୁର ଗ୍ରାମର ବିକାଶ ଦଳାଇ। ସେ ଏବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗରେ ରିସର୍ଚ୍ଚ ସ୍କଲାର ଭାବେ ଗବେଷଣା କରୁଛନ୍ତି। ଦଳାଇ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଭାରତବର୍ଷରେ ଯେତେ ଆଦିବାସୀ ଅଛନ୍ତି ସେମାନଙ୍କ ମଧ୍ୟରୁ ଶତକଡା ୨୨ ଭାଗ ଓଡ଼ିଶାର ୧୨ଟି ଜିଲାରେ ବସବାସ କରନ୍ତି। ସେମାନେ ଗବେଷଣା କ୍ଷେତ୍ର ସମେତ ଉଚ୍ଚ ଶିକ୍ଷା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାଦ୍ୱାରା ସେମାନଙ୍କର ସାଂସ୍କୃତିକ, ସାମାଜିକ ଓ ଅର୍ଥନୈତିକ ପ୍ରଗତି ବାଧାପ୍ରାପ୍ତ ହେଉଛି। ଅନ୍ୟପଟେ ମଧ୍ୟପ୍ରଦେଶ ଓ ଆନ୍ଧ୍ରପ୍ରଦେଶରେ ଥିବା କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟରେ ଓଡ଼ିଶାର ଆଦିବାସୀ ଛାତ୍ରୀଛାତ୍ର ପଢ଼ିବାକୁ ଗଲେ ଯାତାୟାତ ଓ ଅର୍ଥନୈତିକ ଭାରାକ୍ରାନ୍ତ ହେବାକୁ ପଡୁଛି । ଯଦିଓ ଘରୋଇ ଭାବେ ଓଡ଼ିଶାରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ଅଛି ତାହା ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଯଥେଷ୍ଟ ନୁହେଁ ବୋଲି ଦଳାଇ ଉଲ୍ଲେଖ କରିଛନ୍ତି। ସେ ରାଷ୍ଟ୍ରପତିଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଓଡ଼ିଶାର ଆଦିବାସୀଙ୍କ ସଂଖ୍ୟା ତୁଳନାତ୍ମକ ଭାବେ ଭାରତବର୍ଷରେ ଅଧିକ ହୋଇଥିବା ବେଳେ ଏବଂ ଆପଣ ଜଣେ ଓଡ଼ିଆ ଓ ପ୍ରଥମ କରି ଆଦିବାସୀ ନେତ୍ରୀ ଭାବେ ଭାରତର ରାଷ୍ଟ୍ରପତି ହୋଇଛନ୍ତି। ଆହୁରି ମଧ୍ୟ ଭାରତର ଆଦିବାସୀ ବ୍ୟାପାର ମନ୍ତ୍ରୀ ଭାବେ ଓଡ଼ିଶାର ଜୁଏଲ ଓରାମ ପ୍ରତିନିଧିତ୍ୱ କରୁଥିବାବେଳେ କେନ୍ଦ୍ର ଶିକ୍ଷା ମନ୍ତ୍ରୀଭାବେ ଧର୍ମେନ୍ଦ୍ର ପ୍ରଧାନ ପ୍ରତିନିଧିତ୍ୱ କରୁଛନ୍ତି। ତେଣୁ ଆଦିବାସୀ ବହୁଳ ରାଜ୍ୟ ଓଡ଼ିଶାରେ ଏକ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେଲେ ଆଦିବାସୀ ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷା ସହ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିବେ। ଏଥିସହ ସେମାନଙ୍କ ସାଂସ୍କୃତିକ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପ୍ରଗତି ହେବ ବୋଲି ଦଳାଇ ଚିଠି ମାଧ୍ୟମରେ ଉଲ୍ଲେଖ କରିଛନ୍ତି।

# ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି ପାଇଁ ଶ୍ରଦ୍ଧାଞ୍ଜଳି ସଭା



ସଭାରେ ଛାତ୍ରୀଛାତ୍ରମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି।

**ନାଉଗାଁ,୧୮।୭ (ସୁଧା ବେହୁରା)**

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶୁକ୍ରବାର ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଏବିଭିପି ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସୌମ୍ୟାଶ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରାଯାଇଥିଲା। ଉପସ୍ଥିତ ଛାତ୍ରୀଛାତ୍ରମାନେ କ୍ୟାଣ୍ଡେଲ ଜାଳି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। କାର୍ଯ୍ୟକ୍ରମରେ ଆଲୋକ ପାଲ, ସାଗର ନାୟକ, ବିକାଶ ସ୍ୱାଇଁ, ସନ୍ତୋଷ ଦାସ, ମାନସ ବାରିକ, ସୌମ୍ୟଜିତ ନାୟକ, ଲିଙ୍କନ ସାହୁ, ସନ୍ତୋଷ ସାହୁ, ସାହିଲ ନାୟକ, କୃଷ୍ଣ ଚନ୍ଦ୍ର ସ୍ୱାଇଁ ଓ ତୁଷାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ମହାନଦୀ ସଙ୍ଗମସ୍ଥଳ ଉତ୍ତମ ସାଧନା କ୍ଷେତ୍ର




**ପାରାଦୀପ,୧୮।୭ (ଶରତ ରାଉତ)**

ପାରାଦୀପ ନୂଆବଜାରସ୍ଥିତ ଗୋପବନ୍ଧୁ ଷ୍ଟାଡିୟମରେ ଚାଲିଥିବା ୪ ଦିନିଆ ମୌନ ସାଧନା ଶିବିର ଶୁକ୍ରବାର ଶେଷ ହୋଇଛି। ଆର୍ଟ ଅଫ୍ ଲିଭିଂ ପକ୍ଷରୁ ଚାଲିଥିବା ଏହି ଶିବିରରେ ରାଜ୍ୟର ବିଭିନ୍ନ ଜିଲାର ସାଧକମାନେ ଯୋଗ ଦେଇଥିଲେ। ଶ୍ରୀ ଶ୍ରୀ ରବିଶଙ୍କର ବାଙ୍ଗାଲୋର ଆଶ୍ରମର ରାଜୀବ ନାମ୍ବିଆର ଶିବିରରେ ପ୍ରଶିକ୍ଷଣ ଦେଇଥିଲେ। ଚଳିତ ବର୍ଷ ଏହି ଆଶ୍ରମର ପୁରୋଧା ରବିଶଙ୍କର ପାରାଦୀପ ଗସ୍ତ କରିବାର କାର୍ଯ୍ୟକ୍ରମ ଅଛି ବୋଲି ଯୋଗଗୁରୁ ତାପସ ରଞ୍ଜନ ପତି ସୂଚନା ଦେଇଛନ୍ତି। ଓଡ଼ିଶାର ମହାନଦୀର ମିଳନସ୍ଥଳ ପାରାଦୀପର ନେହେରୁବଙ୍ଗଳାଠାରେ ରହିଛି। ସେଠାକାର ମନମୁଗ୍ଧକର ପରିବେଶ ଭଲ ସାଧନା କ୍ଷେତ୍ର ବୋଲି ପ୍ରଶିକ୍ଷକ ନାମ୍ବିଆର କହିଥିଲେ। ଶେଷ ସନ୍ଧ୍ୟାରେ ଅତିଥି ଭାବେ ବନ୍ଦର ମୁଖ୍ୟ ଯନ୍ତ୍ରୀ ହିମାଂଶୁ ରାଉତ, ଅର୍ଥ ପରାମର୍ଶ ଅଧିକାରୀ ଧର୍ମେନ୍ଦ୍ରନାଥ ସୋନ୍ଧି ପ୍ରମୁଖ ଯୋଗଦେଇଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/ଜିଏସ୍‌ୟୁ/୨୦୨୫/୦୪, ତାରିଖ: ୧୭।୦୭।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ, ଗତି ଶକ୍ତି, ଦ.ପୂ. ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ। ଟେଣ୍ଡର ନଂ.: ଇ-କେଜିପି-ଜିଏସ୍-୬-୨୦୨୫ । କାର୍ଯ୍ୟର ବର୍ଣ୍ଣନା: ଖଡ଼ଗପୁର ମଣ୍ଡଳରେ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ଅନ୍ଦୁଲ, ବାଗନାନ ଏବଂ ଉଲୁବେରିଆ ଷ୍ଟେଶନଠାରେ ସଫ୍ଟ ଅପ୍‌ଗ୍ରେଡେଶନ୍ ଏବଂ ଦିବ୍ୟାଙ୍ଗଜନ ସୁବିଧାର ଅବଶିଷ୍ଟ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୧୯,୪୨,୦୦,୪୮୧.୦୩ । ଅମାନତ ରାଶି: ₹୧୧,୨୧,୦୦୦/- । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ୦.୦୦ । କାର୍ଯ୍ୟର ସମାପ୍ତି ଅବଧି: ୧୨ ମାସ । ଖୋଲାଯିବା ତାରିଖ: ୦୮।୦୮।୨୦୨୫ । ବିଡ଼ିଂ ଆରମ୍ଭ ତାରିଖ: ତା୨୫।୦୭।୨୦୨୫ରିଖଠାରୁ ତା୦୮।୦୮।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ସେମାନଙ୍କର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର. ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି ।
(PR-408)



**UNION BANK EMPLOYEES COOP CREDIT SOCIETY (ORISSA) LTD., BHUBANESWAR**

UBECCSOL

[Regd. No.38/1997 RCS]

This is for information of all members that the 29th Annual General Body Meeting of the Society will be held on 24.08.2025 (Sunday) at 10 A.M. at The Institution of Engineers (India), Sachivalaya Marg, Unit-IV, Bhubaneswar-751001. All members are requested to attend.

**Balaram Mahanta** Secretary | **Satabdi Subhadarshini** Vice President | **Saroj Kumar Nayak** President


# ଛାତ୍ର ବିଜେଡି ପକ୍ଷରୁ କୁଶପୁତ୍ତଳିକା ଦାହ, ବିକ୍ଷୋଭ ପ୍ରଦର୍ଶନ

**ରାଜକନିକା,୧୮।୭(ରବୀନ୍ଦ୍ର କୁମାର ଦାସ/ ସଞ୍ଜୟ କୁମାର ଦାଶ)**

## ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବି

ଏଫଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାର ନ୍ୟାୟ ଦାବିରେ ବିଜୁ ଯୁବ ଛାତ୍ର ଜନତା ଦଳର ଜିଲା ଉପସଭାପତି ପ୍ରକାଶ ସେନାପତିଙ୍କ ନେତୃତ୍ୱରେ ଶୁକ୍ରବାର ରାଜକନିକା ବ୍ଲକର ଓଳାଭର ମହାବିଦ୍ୟାଳୟ ଓ ଏସ୍. ଏନ. ମହାବିଦ୍ୟାଳୟ ସମ୍ମୁଖରେ କୁଶପୁତ୍ତଳିକା ଦାହ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏସ୍, ଏନ୍. କଲେଜର ଗେଟ ସମ୍ମୁଖ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାରେ ଟାୟାର ଜାଳି ରାସ୍ତାକୁ ଅବରୋଧ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ଏବଂ ବାଲେଶ୍ୱର ସାଂସଦଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ସେହିପରି ଓଳାଭର କଲେଜର ବିଜୁ ଯୁବ ଛାତ୍ର ଜନତା ଦଳର ଛାତ୍ରୀଛାତ୍ରମାନେ କଲେଜରୁ ଶୋଭାଯାତ୍ରାରେ ବାହାରି ଓଳାଭର ମାର୍କେଟ ଦେଇ ଓଳାଭର ଡିଗ୍ରୀ କଲେଜ ସମ୍ମୁଖରେ ମଧ୍ୟ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ବିକ୍ଷୋଭରେ ଏସ. ଏନ. ମହାବିଦ୍ୟାଳୟ ଓ ଓଳାଭର ମହାବିଦ୍ୟାଳୟର ବିଜୁ ଯୁବ-ଛାତ୍ର ଜନତା ଦଳର ଛାତ୍ରୀଛାତ୍ର ସରିତା ସାହୁ, ବୈଶାଖୀ ମଲ୍ଲିକ, କ୍ରିତିରାଜ ମଲ୍ଲିକ, ରଞ୍ଜିତ ପରିଡା, ସୌମ୍ୟରଞ୍ଜନ ନାଥ, ନିଶିକାନ୍ତ ଦାସ, ସସ୍ମିତା ସାହାଣୀ, ଲିପ୍ସାରାଣୀ ସାହୁଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।


**AUCTION SALE NOTIFICATION**

This is for information to all concerned that inspite of our repeated Legal Notices and reminders of the Registered Owners. 1). Vandana Agarwal, Vehicle - Volkswagen Ameo Comfortline 1.5 TDI, Regn. No.- OD 02 AK 8684, VIN No.- MEXL1660XHT093535, 2). M/S. ROYAL TOUCH GRANITES PVT. LTD., Vehicle - JEEP Compass, Regn. No.- OD 07 U 7424, VIN No.- MCAAJPCH4JFA11169*BH, 3). Mr. Ajit Patra, Vehicle - Grande punto ACTIVE Multijet, Regn. No.- OD 02 AC 5755, VIN No.-MCA11816E07070348BGZ, 4).Mr. Samarendra jena, Vehicle- Jeep Compass, Regn. No.- OD12 C 1212, VIN No.- MCAAJPCY8JFA05293*9H, 5). Mr. Jiban Kumar Bal, Vehicle - ISUZU S-CAB, Regn. No.- OD 34 M 8284, VIN No.- M3GTFR546LBA00227, 6) M/S. V N TRANSPORT, Vehicle - Bharat Benz 3123R (Truck),Regn. No.- OD 14 H 0086, VIN No.- MEC2241CCGPO28504, 7). Mr.Shrikant Patel, Vehicle - Bharat Benz 3123R (Truck), Regn. No.- OD 23 D 3499, VIN No.- MEC2241CDGPO30355& 8). Tanveer Ayyub Kalyani, Vehicle - Bharat Benz 3123R (Truck), Regn. No.- MH 13 AX 4716, VIN No.- MEC2241CAFP014677 are not come to take delivery.
The vehicles are ready for Auction Sale to be hold on **Dt. 29.07.2025** between **11 AM to 4 PM** at **M/S. SHREE BHARAT MOTORS LTD.,** NH-5, Pahal, Bhubaneswar - 752101.



**COMMUNITY HEALTH CENTRE, ULLUNDA, DIST. - SONEPUR**

E-mail : bpmullunda@gmail.com

**TENDER CALL NOTICE FOR HIRING OF VEHICLE**

Sealed tenders are invited from Travel Agencies/ Transporters/Tour Operator/Individuals/Private Organization/ NGOs situated within CHC, Ullunda for supply of vehicles on monthly hiring basis to be used in CHC, Ullunda for Mobile Health Team under RBSK & Block Programme Management Unit of CHC, Ullunda. Last date for submitting the documents is 28/07/2025 on or before 04.00 P.M. through Regd. Post only. For detail information and documents, please visit www.subarnapur.odisha.gov.in. The authority has reserve the right to cancel the whole process without any notice.

**Sd./- Superintendent**
**CHC, Ullunda**


# ଧାରଣାରେ ବସିଲେ ସରପଞ୍ଚ, ଭୁଲ୍ ମାଗିଲେ ବିଡିଓ

**ପାଟକୁରା, ୧୮।୭**
**(ରବୀନ୍ଦ୍ର ନାଥ ବାରିକ)**



ଭାଜପା ପ୍ରତିନିଧି ମଣ୍ଡଳୀ ବିଡିଓଙ୍କ ସହ ଆଲୋଚନା କରୁଛନ୍ତି।

- ଗରଦପୁର ପଞ୍ଚାୟତ ସମିତି ଷଷ୍ଠ ସାଧାରଣ ବୈଠକ
- ବିଡିଓଙ୍କୁ ଭେଟିଲେ ଭାଜପା ପ୍ରତିନିଧି ମଣ୍ଡଳୀ

ଗରଦପୁର ପଞ୍ଚାୟତ ସମିତିର ୬ ଷଷ୍ଠ ସାଧାରଣ ବୈଠକ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭାଗୃହ ଭିତରେ ଓ ବାହାରେ ଅଭାବନୀୟ ଏବଂ ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏଥିରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଅତିଥି ଭାବେ ଯୋଗ ଦେବାକୁ ବ୍ଲକ ପ୍ରଶାସନ ପକ୍ଷରୁ ଚିଠି କରାଯାଇଥିବା ବେଳେ ସାଂସଦ ବୈଜୟନ୍ତ ପଣ୍ଡାକୁ ଭୁଲି ଯାଇ ଚିଠି କରାଯାଇ ନ ଥିବା ଜଣାପଡିଥିଲା। ସାଂସଦଙ୍କୁ ଚିଠି ନ କରିବା ନେଇ ବୈଠକ ଆରମ୍ଭ ହେବା କ୍ଷଣି ଭାଜପା ସମର୍ଥିତ ସରପଞ୍ଚ, ସମିତି ସଭ୍ୟାସଭ୍ୟମାନେ ଗୃହରେ ହଟ୍ଟଗୋଳ କରିବା ସହ ବିଭିନ୍ନ ନାରାବାଜି କରିଥିଲେ। ବିଡିଓ ଆଲୋକ କୁମାର ସେଠୀଙ୍କ ଏଭଳି କାର୍ଯ୍ୟକଳାପକୁ ନେଇ ବଙ୍ଗାଳପୁର ସରପଞ୍ଚ ଅମୀୟ କୁମାର ଜେନା ଓ ତେଣ୍ଡାକୁଡା ସରପଞ୍ଚ ମାନସ କୁମାର ରାଉତ ଗୃହ ମଧ୍ୟଭାଗକୁ ଆସି ବିଭିନ୍ନ ନାରାବାଜି କରିଥିଲେ। ବିଡିଓଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ସଭାଗୃହ ମଧ୍ୟରେ ଧାରଣାରେ ବସି ରହିଥିଲେ। ଗୃହର ଏପରି ଅଚଳାବସ୍ଥା ଦେଖି ବିଡିଓ ସେଠୀ ଆସି ଭୁଲ ହୋଇଯାଇଛି, ଭବିଷ୍ୟତରେ ଏପରି ହେବ ନାହିଁ ବୋଲି କହିବା ଧାରଣାରତ ସରପଞ୍ଚମାନେ ନିଜ ଆସନକୁ ଯାଇଥିଲେ। ଅପରପକ୍ଷରେ ବିଡିଓଙ୍କ ଏପରି ଅକ୍ଷମଣୀୟ କାର୍ଯ୍ୟ ପାଇଁ ସଭାଗୃହ ବାହାରେ ଓ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀମାନେ ନାରିବାଜି କରିଥିଲେ। ଏହାକୁ ନେଇ ଭାଜପା ରାଜ୍ୟ ପରିଷଦ ସଦସ୍ୟ ଅଞ୍ଜନ ଦେବତାଙ୍କ ନେତୃତ୍ୱରେ ଦୂର ସଞ୍ଚାର ନିଗମ ଉପଦେଷ୍ଟା କମିଟି ସଦସ୍ୟ ବିଜୟ କୁମାର ନାୟକ, ମଣ୍ଡଳ ସଭାପତି ଚିତ୍ତରଞ୍ଜନ ଚୌଧୁରୀ, ତିକନପୁର ସମିତି ସଭ୍ୟା କବିତା ଦେବତା, ଭାଜପା ନେତା ଶ୍ରୀକାନ୍ତ ସେନାପତିଙ୍କ ସମେତ ଅନ୍ୟମାନେ ଗୃହ ବାହାରେ ନିନ୍ଦା କରିଥିଲେ। ଏହାଛଡା ପୂର୍ବରୁ ବୈଠକରେ ସାଂସଦଙ୍କୁ ଚିଠି କରାଯିବାରେ ସେ ତାଙ୍କ ପ୍ରତିନିଧିଙ୍କୁ ପଠାଉ ଥିଲେ। ତେବେ ଏ ବୈଠକକୁ ଚିଠି କରିବାରେ କ'ଣ ଅସୁବିଧା ରହିଲା ବୋଲି ଜାଣିବାକୁ ଚାହିଁଥିଲେ। ତେବେ ଚିଠି ମେଲ୍ ଦ୍ୱାରା କରାଯାଇଥିଲା, ହେଲେ ସାଂସଦଙ୍କ ମେଲ୍ ଆଇଡି ଭୁଲ ଥିବାରୁ ଚିଠି ପହଞ୍ଚି ପାରିନାହିଁ ବୋଲି ବିଡିଓ ସେଠୀ ନିଜର ପ୍ରତିକ୍ରିୟାରେ କହିଥିଲେ। କେବଳ ସେତିକି ନୁହେଁ ଯେଉଁ ଚିଠି ଜଣେ କର୍ମଚାରୀଙ୍କ ଦ୍ୱାରା ସାଂସଦଙ୍କ ପୂର୍ବତନ ପ୍ରତିନିଧି ବିଜୟ ନାୟକଙ୍କ ନିକଟକୁ ପଠାଇଥିଲେ ଉକ୍ତ କର୍ମଚାରୀ ଜଣଙ୍କ ଚଞ୍ଚକତା କରି ମିଥ୍ୟା ଦସ୍ତଖତ କରି ଆଣି କାର୍ଯ୍ୟାଳୟରେ ଦାଖଲ କରିଥିଲେ ବୋଲି ଅନୁସନ୍ଧାନ ପରେ ଜଣାପଡିଥିଲା। ଏପରି ଚଞ୍ଚକତା କରିଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଭାଜପା ପ୍ରତିନିଧି ଦଳ ଦାବି କରିବା ପରେ ବିଡିଓ ଉକ୍ତ କର୍ମଚାରୀଙ୍କୁ ଡାକି ପଚାରିବା ସହ ତାଗିଦ୍ କରିଥିଲେ। ତେବେ ଆଜିର ବୈଠକକୁ ପୂର୍ବ ବୈଠକ ପରି ଖବରଦାତାମାନଙ୍କୁ ବାରଣ କରାଯାଇଥିଲା। ବୈଠକର ଏଜେଣ୍ଡା ମଧ୍ୟ ଖବରଦାତାମାନଙ୍କୁ ବି ପ୍ରଦାନ କରାଯାଇ ନ ଥିଲା। ତେବେ ଗୃହ ବାହାରୁ ଖବରଦାତାମାନେ ଖବର ସଂଗ୍ରହ କରିଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜଙ୍କ ସଭାପତିତ୍ୱରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଓ ପାନୀୟ ଜଳ, ଖାଦ୍ୟ ଯୋଗାଣ ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉପରେ ଉପରେ ଆଲୋଚନା ହୋଇଥିଲା। ଏଥିରେ ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେଇ ପଞ୍ଚାୟତ ପ୍ରତିନିଧିମାନଙ୍କ ସହ ବିଡିଓ ପରାମର୍ଶ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବାକୁ ବୈଠକରେ କହିଥିବା ନେଇ ଖବରଦାତାମାନଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ। ଏହି ବୈଠକରେ ପାଟକୁରା ବିଧାୟକ ମହାପାତ୍ର, ବିଡିଓ ସେଠୀ, ତହସିଲଦାର ତୃପ୍ତି ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ପଣ୍ଡା, ଏବିଡିଓ ସଞ୍ଜୟ କୁମାର ଦାଶ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ ପାର୍ବତୀ ବାରିକ, ଜିଲା ପରିଷଦ ସଦସ୍ୟା ଡଲି ଶତପଥୀ, ଜିଲାପରିଷଦ ସଦସ୍ୟ ସତ୍ୟାନନ୍ଦ ରାଉତ, ପଞ୍ଚାୟତ ସବୁର ସରପଞ୍ଚ, ସମିତି ସଭ୍ୟାସଭ୍ୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**

**Corrigendum**

**No.3341/Date.16.07..2025**

**1st Corrigendum to Bid Identification No. Tender-Online-C.C.14 of 2025 Dated 25.06.2025 invited vide this office Lr. No.3060 dated 25.06.2025**

**No.O-450** : The date of availability of tender, date of opening of Technical Bid & Financial Bid invited vide this office N.I.T. No. Tender-Online-C.C.-10 of 2025 Dt.28.04.2025 issued vide this office Lr.No.2153 Dt.28.04.2025 is here by rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender on-line for bidding | Date & Time of opening of tender | |
|---|---|---|---|---|
| | | Up to | Technical Bid | Financial Bid |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.14 of 2025 | 07.08.2025 up to 5.00 P.M. | 08.08.2025 at 11.00 A.M. | To be intimated lateron |

All other conditions remain unaltered.

**OIPR-25082/11/0003/2526**

**Sd./- Chief Construction Engineer**
**Central Rural Works Circle, Bhubaneswar**



**GOVERNMENT OF ODISHA** **No.O-441**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BOLANGIR**

E-Mail ID : eerw_blgr@yahoo.co.in

**e-Procurement Notice**

**IFB IDENTIFICATION NO.EEBLGR-Online-03/2025-26**

| | | | |
|---|---|---|---|
| 1 | Name of work | : | Building Work |
| 2 | Total No. of works | : | 1 (One) no |
| 3 | Approximate Estimated Cost | : | Rs.68.73 lakh |
| 4 | Time for completion | : | 4 (four) calendar months |
| 5 | Mode of Submission of tender | : | Tender should be submitted online in www.tendersodisha.gov.in |
| 6 | Other details are as follow | : | As per TCN No. **EEBLGR-Online-03/2025-26** |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, R.W. Division, Bolangir | EEBLGR-online-03/2025-26 | 22.07.2025 at 11.00 A.M. | 06.08.2025 upto 5.00 P.M. | 05.08.2025 upto 1.00 P.M. | 07.08.2025 at 11.00 A.M. | The date will be intimated later on |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

**OIPR-25068/11/0025/2526**

**Sd./- Superintending Engineer**
**R.W. Division, Bolangir**



**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**

ई–निविदा आमंत्रण सूचना

**PR No. 343430 (REO)24-25(D)**

पत्रांकः– दिनांक–

ई–निविदा संख्याः–23/2025-26/RWD /EE/RANCHI

| क्र0 सं0 | आइडेन्टी फिकेशन संख्या/ पैकेज संख्या | प्रखण्ड | कार्य का नाम | प्राक्कलित राशि (रूपये में) | | कार्य समाप्ति की तिथि/ अवधि | टेण्डर कॉल नं0 |
|---|---|---|---|---|---|---|---|
| | | | | अंक में | अक्षर में | | |
| 1 | RWD/RANCHI / 75/2024-25 | नगड़ी | प्रगति नगर सपारोम में पी0डब्लू0डी0 रोड से अल्ट्राटेक मिक्सिंग प्लॉट होते हुए बाला जी राईस मिल तक पथ निर्माण कार्य (लं0– 1.250 कि0मी0)। | 2,01,47,600.00 | दो करोड़ एक लाख सैंतालीस हजार छः सौ रूपये मात्र। | 12 माह | प्रथम |
| 2 | RWD/RANCHI / 76/2024-25 | रातू | जामुन टंगरा बगीचा टोली प्राथमिक विद्यालय से संतोष गुप्ता के घर तक पथ निर्माण कार्य (लं0– 1.540 कि0मी0)। | 1,62,98,200.00 | एक करोड़ बारसठ लाख अन्ठानबे हजार दो सौ रूपये मात्र। | 9 माह | प्रथम |
| 3 | RWD/RANCHI / 84/2024-25 | रातू | मुरचु से कोकरो तक पथ निर्माण कार्य (ल0–2.450 कि0मी0) | 3,42,00,300.00 | तीन करोड़ बियालीस लाख तीन सौ रूपये मात्र। | 15 माह | प्रथम |

1. वेबसाईट में निविदा प्रकाशन की तिथिः–**21.07.2025**
2. ई–निविदा प्राप्ति की अंतिम तिथि एवं समयः–**04.08.2025** अपराह्न 5.00 बजे तक।
3. निविदा खोलने की तिथि एवं समयः–**06.08.2025** अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची।
5. ई–निविदा प्रकोष्ठ का दूरभाष सं0– 0651–2360137

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

**कार्यपालक अभियंता**
**ग्रामीण कार्य विभाग,कार्य प्रमण्डल, राँची**

**PR 357666 REO(25-26).D**



**Government of Jharkhand**
**DEPARTMENT OF AGRICULTURE, ANIMAL HUSBANDRY & CO-OPERATIVE**
**(ANIMAL HUSBANDRY DIVISION)**
**Jharkhand, Ranchi**

**"Corrigendum"**

This is with the reference to e-Tender notice-01/2025-26 published by Advertisement PR. No.-357505 Date 17-07-2025 for Selection of Livestock & Poultry Insurance Intermediaries to provide Technical & Operational Support through Nationalized Insurance Company under Mukhyamantri Pashudhan Vikash Yojna (MMPVY). The particulars Sl. no. 5 of the part-A of said tender has been mentioned as below:-

"Download of Tender document will start from 26-07-2025" In this context, Corrigendum is being issued for rectification regarding download of tender document as under:-

**"Download of Tender document will start from 19-07-2025"**

Other context will remain same.

**Director,**
Directorate of Animal Husbandry,
Jharkhand, Ranchi-834003

PR 357628 Animal Husbandry (25-26)_D



**ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ରାଇରଙ୍ଗପୁର ବନଖଣ୍ଡ**
**OFFICE OF THE DIVISIONAL FOREST OFFICER, RAIRANGPUR DIVISION**

Tel. No. : (06794)-222036 (O), 222008 (R), FAX No. : (06794)-222836,
e-mail : dforrp@gmail.com

**e-Procurement Notice**

**Identification No. 73/DFO, RRP-1F/2025-26 Dt.16.07.2025**

**No.MM-128** : THE DIVISIONAL FOREST OFFICER, RAIRANGPUR FOREST DIVISION, RAIRANGPUR on behalf of Governor of Odisha invites Percentage Rate bids to be received in online mode for the following works from the eligible experienced contractors in similar nature of work, registered with State Govt. & Contractor of equivalent Grade / Class registered with Central Govt. / Railways.

| | | | |
|---|---|---|---|
| 1 | Nature of work | : | 1. Anti-Poaching Barrack at Suleipat 2. Creation of Water Body at Hatbadra |
| 2 | No. of work | : | 02 (Two) |
| 3 | Period of Completion | : | 1. 04 (Four) Months & 2. 02 (Two) Months |
| 4 | Cost of tender | : | 1. Rs.6000/- (Six Thousand) only 2. Rs.4000/- (Four Thousand) only |
| 5 | Estimated Cost | : | 1. Rs.21.18 Lakhs & 2. 6.35 Lakhs |
| 6 | Class of Contractor | : | 1. "B" & "C" Class for Anti-Poaching Barrack 2. "C" & "D" Class for Water Body |
| 7 | Date & time of availability of tender document | : | **From 9 hours of 22.07.2025 to 17.30 hours of 31.07.2025** |
| 8 | Receipt of bid documents | : | Online Only |
| 9 | Date & time of opening of technical bid | : | **Dt.01.08.2025 at 11.30 hours onwards** |
| 10 | Other Documents | : | (As mentioned in DTCN) |
| 11 | The bidders have to participate in on-line bidding only | : | Further details can be seen from the website **www.tendersodisha.gov.in**, **www.odishaforest.in** & **www.mayurbhanj.nic.in** |
| 12 | Any addendum / Corrigendum / Cancellation of tender can also be seen in the said website | | |
| 13 | **The undersigned reserves the right to accept / reject any or all Tender without assigning any reason thereof.** | | |

**OIPR-08055/11/0022/2526**

**Sd./- Divisional Forest Officer,**
**Rairangpur Division**

# ଅବହେଳିତ ପୁରାତନ ରାଧାକୃଷ୍ଣ ମନ୍ଦିର

ଖଣ୍ଡପଡ଼ା,୧୮।୭
(ଅଜୟ କୁମାର ମହାରଣା)



ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଗ୍ରାମର ବଡ଼ସାହିଠାରେ ଥିବା ୧୦୦ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ପ୍ରଭୁ ରାଧାକୃଷ୍ଣଙ୍କ ମନ୍ଦିରଟି ଅବହେଳିତ ଅବସ୍ଥାରେ ପଡିରହିଛି। ମନ୍ଦିରର ଚତୁଃପାର୍ଶ୍ୱ ଅନାବନା ଗଛଲତାରେ ଭର୍ତ୍ତି ହୋଇ ରହିଥିବାବେଳେ ମନ୍ଦିର ଉପରେ ମଧ୍ୟ ଗଛଲତା ଉଠିଛି। ଆଜକୁ ୧୦୦ବର୍ଷ ତଳେ ସ୍ଥାନୀୟ ଅଞ୍ଚଳର କୋଠାଳ ପରିବାରର ସଦସ୍ୟମାନଙ୍କ ଦ୍ୱାରା ଏହି ମନ୍ଦିରଟି ନିର୍ମାଣ କରାଯାଇଥିଲା। ମୁଖ୍ୟ ମନ୍ଦିରରେ ପ୍ରଭୁ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ପୂଜା ପାଉଛନ୍ତି। ବାରମାସରେ ତେରପର୍ବ ଏହି ମନ୍ଦିରରେ ପାଳିତ ହେଉଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ସେହିପରି ଦୈନନ୍ଦିନ ନୀତିକାନ୍ତି ମଧ୍ୟ ମନ୍ଦିରରେ ପାଳିତ ହେଉଛି। ମାତ୍ର ଅବହେଳିତ ଅବସ୍ଥାରେ ଥିବା ଏହି ପ୍ରାଚୀନ କୀର୍ତ୍ତିରାଜି ମନ୍ଦିରଟି ଏବେ ସୁରକ୍ଷା ଲୋଡୁଥିଲା ଜଣାପଡିଛି। ମୁଖ୍ୟ ମନ୍ଦିର ଓ ମନ୍ଦିରର ମୁଖଶାଳା ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଲାଣି। ପ୍ରାଚୀନ ଐତିହ୍ୟର ସ୍ୱାକ୍ଷର ବହନ କରୁଥିବା ଏହି ମନ୍ଦିରଟିର ନବୀକରଣ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଖଳିସାହି ଗ୍ରାମବାସୀ ଦାବି କରିଛନ୍ତି। ପ୍ରକାଶଥାଉ କି ପୁରାତନ କୀର୍ତ୍ତିରାଜି ଓ ଐତିହ୍ୟର ସୁରକ୍ଷା ନିମନ୍ତେ ସରକାର ବହୁ ଅର୍ଥ ବ୍ୟୟ କରୁଥିଲେ ହେଁ ଏହି ମନ୍ଦିରଟି ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ଏଥିପ୍ରତି ନୟାଗଡ଼ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା

ନୟାଗଡ଼,୧୮।୭(ଲୋକନାଥ ମିଶ୍ର)

ବାଲେଶ୍ୱର ଏଫଏମ୍ କଲେଜର ସୌମ୍ୟାଶ୍ରୀ ବିଶିଙ୍କୁ ଉଚିତ ନ୍ୟାୟ, ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଇସ୍ତଫା ଓ ଘଟଣାର ନ୍ୟାୟିକ ଯାଞ୍ଚ ଜଣେ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ଓ ସିବିଆଇ ଦ୍ୱାରା ତଦନ୍ତ ଦାବି କଂଗ୍ରେସ କରି ଆସୁଛି। ଏହି ଅବସରରେ ନୟାଗଡ଼ ଜିଲା କଂଗ୍ରେସ କମିଟି ସଭାପତି ସତ୍ୟବ୍ରତ ନାୟକଙ୍କ ନେତୃତ୍ୱରେ ଗୁରୁବାର ରାତିରେ କ୍ୟାଣ୍ଡଲ ଶୋଭାଯାତ୍ରା ନୟାଗଡ଼ ଡାକ ବଙ୍ଗଳାଠାରୁ ବାହାରି ନୟାଗଡ଼ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା କଂଗ୍ରେସ କମିଟି ପୂର୍ବତନ ସଭାପତି ରଣଜିତ ଦାସ, ବରିଷ୍ଠ କଂଗ୍ରେସ ନେତା ମନୋଜ ସାହୁ, କମଳ ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରତୀକ ମହାପାତ୍ର, ପୀତବାସ ଖୁଣ୍ଟିଆ, ମିର ଅବୁବକର ସିଦ୍ଦିକ୍, ପ୍ରକାଶ ଚନ୍ଦ୍ର ନାୟକ, ଛାତ୍ର କଂଗ୍ରେସ ସଭାପତି ଶିବ ରଞ୍ଜନ ସାହୁ, ନବକିଶୋର ସାଥୁଆ, ପୁଲେସ ଚନ୍ଦ୍ର ମହାନ୍ତି, ସୁରେନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଜୀବନଜ୍ୟୋତି ରାଉତ, ଅମ୍ଳାନ ଅଂଶୁମାନ ସାହୁ, ରାକେଶ କୁମାର ସିଂ, ଶାଶ୍ୱତ ରଞ୍ଜନ ପ୍ରଧାନ, ରୁଦ୍ରନାରାୟଣ ପ୍ରଧାନ, ତାନିଶ ମହାନ୍ତି, ଓମ୍ ପ୍ରକାଶ ପ୍ରଧାନ ପ୍ରମୁଖ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସର କର୍ମକର୍ତ୍ତା ଏଥିରେ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।




ନୟାଗଡ଼ ଡାକ ବଙ୍ଗଳାଠାରୁ ବାହାରିଥିବା କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା।

# ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର ଲାଗି ୩୦ ଲକ୍ଷ ମଞ୍ଜୁର

## ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଖଣ୍ଡପଡ଼ା, ୧୮।୭ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ଅବହେଳିତ ଅବସ୍ଥାରେ ପଡି ରହିଥିଲା। ତେବେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟିକୁ ରାଜ୍ୟ ସରକାର ପୁନର୍ବାସ ଅତ୍ୟାଧୁନିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବାକୁ ନିଷ୍ପତ୍ତି ନେବା ସହ ଏହାର ନବୀକରଣ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୩୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ପ୍ରକାଶିତ ଚିଠିରେ ଉକ୍ତ କେନ୍ଦ୍ରକୁ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ରରେ ପରିଣତ କରିବାକୁ ପଦକ୍ଷେପ ନିଆଯାଇଥିବାରୁ ଖଣ୍ଡପଡ଼ା ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ଜରିଆରେ ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନବୀକରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଧେଶ୍ୟାମ କାଲୋଙ୍କଠାରୁ ପ୍ରକାଶ। ଖଣ୍ଡପଡ଼ାରେ ପୁନର୍ବାସ କେନ୍ଦ୍ରଟି କାର୍ଯ୍ୟକ୍ଷମ ହେଲେ ଭିନ୍ନକ୍ଷମ ବ୍ୟକ୍ତିମାନେ ଏଠାରେ ସମସ୍ତ ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇ ପାରିବେ। ପ୍ରକାଶଥାଉକି ରାଜ୍ୟ ସରକାର ପ୍ରତ୍ୟେକ ଜିଲାରେ ଏହି କେନ୍ଦ୍ର ଖୋଲିବା ନିମନ୍ତେ ୨୦୨୩ରେ ନିଷ୍ପତ୍ତି ନେଇଥିଲେ। ନୟାଗଡ ଜିଲାର ଏକମାତ୍ର ପୁର୍ନବାସ କେନ୍ଦ୍ର ଭାବେ ଖଣ୍ଡପଡ଼ାରେ ଏହି କେନ୍ଦ୍ରଟି କାର୍ଯ୍ୟକ୍ଷମ ହେବ।

# ରାଷ୍ଟ୍ରୀୟ ପରିଷଦ ସଦସ୍ୟ ହେବା ପରେ ପ୍ରତ୍ୟୁଷାଙ୍କୁ ସମ୍ବର୍ଦ୍ଧନା




ଭାଜପା ନାରୀନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କୁ ସମ୍ବର୍ଦ୍ଧନା ଅବସରରେ ଉପସ୍ଥିତ ଦଳର ନେତା ଓ କର୍ମୀ।

ନୟାଗଡ଼,୧୮।୭(ଲୋକନାଥ ମିଶ୍ର)

ରାଷ୍ଟ୍ରୀୟ ପରିଷଦ ସଦସ୍ୟ ହେବା ପରେ ପୂର୍ବତନ କନ୍ଧମାଳ ଏମ୍‌ପି ତଥା ଭାଜପା ନାରୀନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କୁ ସମ୍ବର୍ଦ୍ଧନା ଶୁକ୍ରବାର ଦିଆଯାଇଛି। ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କୁ ନୟାଗଡ଼ ବିଜିପୁର ଗେଟଠାରୁ ନୟାଗଡ଼ ପୁରୁଣା ରାଜବାଟି ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ଶୋଭାଯାତ୍ରା ସମୟରେ ରାସ୍ତାର ପ୍ରତ୍ୟେକ ଗାଁ ମୁଣ୍ଡରେ ରାଣୀମା'ଙ୍କୁ ଫୁଲମାଳ ଓ ପୁଷ୍ପଗୁଚ୍ଛ ଦେଇ ନୟାଗଡ଼ବାସୀ ସମ୍ମାନିତ କରିଥିଲେ। ନୟାଗଡ଼ିଆ ତଥା ଭାରତୀୟ ଜନତା ପାର୍ଟି ନିମନ୍ତେ ଅହରହ କାର୍ଯ୍ୟ କରିବା ପାଇଁ ପ୍ରତ୍ୟୁଷା ନିଜର ଉଦ୍‌ବୋଧନରେ ପ୍ରକାଶ କରିଛନ୍ତି। ଏହି ସମ୍ବର୍ଦ୍ଧନା ଶୋଭାଯାତ୍ରା ଓ ସଭାରେ ଭାଜପା ନେତା ନାସିର ଅହେମ୍ମଦ, ପ୍ରହଲ୍ଲାଦ ବରାଡ଼, ସୌମ୍ୟ ରଞ୍ଜନ ପ୍ରଧାନ, ସ୍ମିତା ସାହୁ, ସମସ୍ତ ମଣ୍ଡଳ ସଭାପତି ଓ ପ୍ରତିନିଧି ସମେତ ଭାଜପା କର୍ମୀ ଉପସ୍ଥିତ ରହିଥିଲେ।

# ୨ ଦିନ ହେଲା ଦୋକାନରୁ ଚୋରି

ନୟାଗଡ଼,୧୮।୭(ଲୋକନାଥ ମିଶ୍ର)

ନୟାଗଡ ଟାଉନ ଥାନା ଶାସ୍ତ୍ରୀନଗରର ଶିବ ମନ୍ଦିର ପାଖ ଏକ ଦୋକାନରୁ ୧୭ ଓ ୧୮ ତାରିଖ ୨ ଦିନ ଧରି ଚୋରି ହୋଇଛି। ଚୋରି ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ଅଣଦେଖା କରୁଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଫାର୍ସା ମାଡରେ ଜଣେ ଗୁରୁତର

**ନୟାଗଡ଼,୧୮।୭(ଲୋକନାଥ ମିଶ୍ର):** ଭାପୁର ବ୍ଲକ ଫତେଗଡ଼ ଥାନା ଜଗନ୍ନାଥପ୍ରସାଦ ଫାଣ୍ଡି ତୁଙ୍ଗୁଡିଗାଡିଆ ଗାଁରେ ଫାର୍ସ ମାଡରେ ଗଦାଧର ଦାସ (୬୦) ଆହତ ହୋଇଛନ୍ତି। ଗଦାଧରଙ୍କୁ ଆହତ ଅବସ୍ଥାରେ ପରିବାର ଲୋକେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଗଦାଧର ନିଜ ଚାଷ ଜମିରେ କୃଷି କାର୍ଯ୍ୟ କରି ଘରକୁ ଫେରୁଥିଲେ। ଗାଁ ମୁଣ୍ଡ ନେଳିଆ ପୋଖରୀ ମୁଣ୍ଡରେ ଆମ୍ବ ଗଛ ମୂଳେ ଜଣେ ବ୍ୟକ୍ତି ଫାର୍ସା ଧରି ଲୁଚି ରହିଥିଲେ। ଗଦାଧର ଆସିବା ପରେ ବ୍ୟକ୍ତି ଜଣକ ଫାର୍ସାରେ ଆକ୍ରମଣ କରି ଫେରାର ହୋଇଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ଫାର୍ସା ଜବତ କରିବା ସହ ଘଟଣା ତଦନ୍ତ କରୁଛି।

# ଜିଲାସ୍ତରୀୟ କାଉନସିଲରଙ୍କ ତାଲିମ ଶିବିର



ଶିବିରରେ ଉପସ୍ଥିତ କାଉନସିଲର ଓ ଅନ୍ୟମାନେ।

ନୟାଗଡ଼,୧୮।୭(ଲୋକନାଥ ମିଶ୍ର)

ଓଡ଼ିଶାକୁ ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଏହି ଅବସରରେ ବିକଶିତ ଭାରତ ଗଠନରେ ଓଡ଼ିଶାର ଭୂମିକା କ'ଣ ରହିବ, ଆମ ଜିଲାର ଦାୟିତ୍ୱବୋଧ କ'ଣ ହେବ ସେନେଇ ନୟାଗଡ଼ ସମ୍ମିଳନୀ କକ୍ଷରେ ତାଲିମ ଶିବର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉପରେ ଆଲୋଚନା ହୋଇଥିଲା। ବଜେଟ ଆକ୍ସନ ପ୍ଲାନ ପାଇଁ ପ୍ରସ୍ତୁତ ରହିବାକୁ ଅନୁରୂପ ଭାବେ ତାଲିମ ଦିଆଯାଇଛି। ନୟାଗଡ଼ ଜିଲାର ବିଭିନ୍ନ ମ୍ୟୁନିସିପାଲିଟି ଓ ଏନ୍‌ଏସିର ଅଧ୍ୟକ୍ଷ, ଉପାଧ୍ୟକ୍ଷ, କାଉନସିଲର ଓ ନିର୍ବାହୀ ଅଧିକାରୀଙ୍କୁ ସାମିଲ କରାଯାଇ ତାଲିମ ଦିଆଯାଇଛି। ଅନୁଷ୍ଠିତ ତାଲିମ ଶିବିରରେ ନୟାଗଡ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନ, ରଣପୁର ଏନ୍‌ଏସି ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ପୁନମ ପ୍ରୀୟଦର୍ଶିନୀ, ସହରାଞ୍ଚଳଗୁଡିକର ଉପାଧ୍ୟକ୍ଷ, କାଉନସିଲର, ନିର୍ବାହୀ ଅଧିକାରୀ ଯୋଗଦେଇଥିଲେ। ଓଡ଼ଗାଁ ଏନ୍‌ଏସି ନିର୍ବାଚନ ହୋଇ ନ ଥିବାରୁ ଲୋକ ପ୍ରତିନିଧି ସାମିଲ ହୋଇ ପାରିନାହାନ୍ତି।


## ଦ.ପୂ. ରେଳପଥ – ଟେଣ୍ଡର

